

ସାଉଥ ଆଫ୍ରିକା ଟିମ୍‌ରେ ନର୍ଜ ପୃଷ୍ଠା ୭

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 292 | ଭାଗ ୩୨ | ସଂଖ୍ୟା୨୯୨ | Bhubaneswar | Wednesday 15 January 2025 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୧୫ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ତିନିଦିନିଆ କେନ୍ଦୁଝର ଗସ୍ତ ଆରମ୍ଭ

## ବୈତରଣୀରେ ମକର ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

### ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନାକଲେ

କେନ୍ଦୁଝର,୧୪।୧(ସଂଚାର ବ୍ୟୁରୋ): ପାଟଣା ଦେଇ ପ୍ରବାହିତ ହେଉଥିବା ପୁଣ୍ୟତୋୟା ବୈତରଣୀର ଅନୁସୂୟା ତୀର୍ଥ ଘାଟରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମକର ବୁଡ଼ ପକାଇଛନ୍ତି। ତିନିଦିନିଆ କେନ୍ଦୁଝର ଗସ୍ତରେ ଆଜି ସକାଳ ୯ଟା ୪୦ ମିନିଟ୍ ସମୟରେ ରାଇସୁଆଁସ୍ଥିତ ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲା ପ୍ରଶାସନ ଓ ସାଧାରଣ ଜନତାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଠାରୁ ମୁଖ୍ୟମନ୍ତ୍ରୀ ପାଟଣା ଅଭିମୁଖେ ସଡ଼କ ପଥରେ ଗସ୍ତ କରି ପାଖାପାଖି ସାଢ଼େ ୧୦ଟା ସମୟରେ ପହଞ୍ଚିଥିଲେ। ବୁଡ଼ ପକାଇବା ପରେ ମୁଖ୍ୟମନ୍ତ୍ରୀ ପ୍ରଭୁ ଆନନ୍ଦେଶ୍ୱର ମହାଦେବଙ୍କଠାରେ ଜଳଲାଗି କରିବା ସହ ଉପସ୍ଥିତ ଜନସାଧାରଣଙ୍କୁ ମକର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ବୈତରଣୀରେ ବୁଡ଼ ପକାଇବା ସମୟରେ ତାଙ୍କର ସୁରକ୍ଷାକର୍ମୀମାନେ ପୃଷ୍ଠା-୬

କେନ୍ଦୁଝରବାସୀଙ୍କ ସ୍ୱପ୍ନ ସାକାର କରିବେ ମୋହନ

# ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ପଡ଼ିବ ମୂଳଦୁଆ

- ପ୍ରତିଷ୍ଠା ହେବ ମେଗା ଷ୍ଟିଲ ପ୍ଲାଣ୍ଟ
- ପୋସ୍କୋ ଓ ଜେଏସଡବ୍ଲୁ ମିଳିତ ଭାବେ କରିବେ କାରଖାନା



ଭୁବନେଶ୍ୱର/କେନ୍ଦୁଝର,୧୪।୧(ସଂଚାର ବ୍ୟୁରୋ): କେନ୍ଦୁଝରବାସୀଙ୍କ ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହେବ। କେନ୍ଦୁଝର ପ୍ରତିଷ୍ଠା ହେବା ମେଗା ଷ୍ଟିଲ ପ୍ଲାଣ୍ଟ। ପୋସ୍କୋ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର ପକ୍ଷରୁ ମିଳିତ ଭାବେ ଏହି ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମୁମ୍ବାଇ ରୋଡ ସୋ ସମୟରେ ଦୁଇଟି ଶିଳ୍ପ ସଂସ୍ଥା ମଧ୍ୟରେ ଏନେଇ ସହମତି ପ୍ରକାଶ ପାଇଥିବା ବେଳେ ଆସନ୍ତା ଜାନୁଆରୀ ୨୮ ଓ ୨୯ ତାରିଖରେ ହେବାକୁ ଥିବା ଉତ୍କର୍ଷ ଓଡିଶା କନକ୍ଲେଭରେ ରାଜ୍ୟ ସରକାରଙ୍କ ସହ ଏମଓୟୁ ହେବ। ଆଜି କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଠାରେ ଏକ ନବ ନିର୍ମିତ ସେତୁର ଉଦଘାଟନ ଅବସରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଜେଏସଡବ୍ଲୁ ଓ ପୋସ୍କୋ ମିଳିତ ଭାବେ ୫ ନିୟୁତ ଟନ କ୍ଷମତା ସମ୍ପନ୍ନ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଖଣି ସମୃଦ୍ଧ ଜିଲ୍ଲାରେ ପ୍ରଥମ ଥର ପାଇଁ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ହେବାକୁ ଥିବା ବେଳେ ଏଥିପାଇଁ ରାଜ୍ୟ ସରକାର ଦୁଇଟି ସ୍ଥାନରେ ଜମି ଚିହ୍ନଟ କରିଛନ୍ତି। ବାଂଶପାଳ ନିକଟରେ ଓଡିଶା ଟା ବନିକରଣ (ଓପିଟିଏଲ) ନିକଟରେ ୨୫୦୦ ଏକରର ଏକ ଜମି ଚିହ୍ନଟ କରାଯାଇଥିବା ବେଳେ ପାଟଣା ବ୍ଲକରେ ପୂର୍ବରୁ ଆର୍ସେମିତ୍ତଲ ମିତ୍ତଲକୁ ଦିଆଯାଇଥିବା ୧୯୫୬ ଏକର ଜମିକୁ ମଧ୍ୟ ବିକଳ୍ପ ଭାବେ ଚିହ୍ନଟ କରାଯାଇଛି।

ଓପିଟିଏଲ ନିକଟରେ ଥିବା ଜମିକୁ କମ୍ପାନୀ ପକ୍ଷରୁ ସର୍ଭେ କରାଯାଇଛି। ଜେଏସଡବ୍ଲୁ ଓ ପୋସ୍କୋ ମଧ୍ୟରେ ଏମଓୟୁ ହେବା ପରେ ଦୁଇ କମ୍ପାନୀର ଏକ ଉଚ୍ଚସ୍ତରୀୟ ଟିମ ଆସି ଦୁଇଟି ଯାକ ସ୍ଥାନ ବୁଲି ଗୋଟିଏକୁ ଚୂଡାନ୍ତ କରିବେ।

କେନ୍ଦୁଝର ଜିଲ୍ଲା ଖଣି ସମୃଦ୍ଧି ହୋଇଥିଲେ ମଧ୍ୟ ଏଠାରେ ଶିଳ୍ପର ବିକାଶ ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ କିଭଳି ସମତୁଲ ଶିଳ୍ପର ବିକାଶ ହୋଇପାରିବ ସେନେଇ ମୋହନ ମାଝୀ ଗୁରୁତ୍ୱ ଦେଉଛନ୍ତି। ଏହାକୁ ସୁନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏହି ପ୍ରକଳ୍ପ ଯଦି ନିର୍ଦ୍ଧାରିତ ସମୟରେ ଆରମ୍ଭ ହୁଏ ତେବେ ଦେଶରେ ପୋସ୍କୋ କମ୍ପାନୀର ଦ୍ୱିତୀୟ ଶିଳ୍ପ ହେବ। ପୂର୍ବରୁ ମଧ୍ୟ ଓଡିଶାର ପାରାଦ୍ୱୀପ ନିକଟରେ ପୋସ୍କୋ ଦେଶର ସର୍ବବୃହତ ପୃଷ୍ଠା-୬

● ମଝି ସମୁଦ୍ରରେ ଗୁଳିକାଣ୍ଡ ଘଟଣା

## ଟ୍ରଲର୍ ମାଲିକଙ୍କ ସମେତ ୯ ଗିରଫ

ରାଜନଗର,୧୪।୧(ସଂଚାର ବ୍ୟୁରୋ): ଗତ ସପ୍ତାହରେ ଗଭୀର ସମୁଦ୍ରରେ ବନ ବିଭାଗ ପାଟ୍ରୋଲିଂ ଟିମକୁ ଆକ୍ରମଣ କରି କେତେକ ବେଆଇନ୍ ମାଛଧରାଳିଙ୍କୁ ମାଫିଆମାନେ ଛଡ଼ାଇନେଇଥିଲେ। ଏହି ଘଟଣାରେ ମଝି ସମୁଦ୍ରରେ ମାଫିଆମାନେ ପାଟ୍ରୋଲିଂ ଦାୟିତ୍ୱରେ ଥିବା ବନ କର୍ମଚାରୀଙ୍କୁ ମାଡ଼ ମାରିଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ସକାଶେ ବନ ବିଭାଗ କର୍ମଚାରୀଙ୍କୁ ଫାଙ୍କା ଗୁଳିଚାଳନା କରିବାକୁ ପଡ଼ିଥିଲା। ଏହା ପରଠାରୁ ବନ ବିଭାଗ ପକ୍ଷରୁ ଉକ୍ତ ଅଭିଯୁକ୍ତମାନଙ୍କୁ ଧରିବା ସକାଶେ ଚଢ଼ଉ ଜାରି ରହିଥିବା ବେଳେ ସୋମବାର ୮ ଜଣଙ୍କୁ ଗିରଫ କରାଯାଇଛି। ଗତକାଲି ଚାନ୍ଦି ତାରିଣୀ-୩ ଟ୍ରଲରର ମାଲିକ ଅବିନାଶ ନାୟକଙ୍କୁ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ଗିରଫ କରିଥିଲା। ସେହିପରି ଆଜି ବନ ବିଭାଗ ହାତରୁ ଖସିଯାଇଥିବା ୮ଜଣ ମତ୍ସ୍ୟଜିବୀଙ୍କୁ ପୁଲିସ ଗିରଫ କରିଛି। ତାଳଚୁଆ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱାଧୀନ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଠାକରା ମଲିକ, ମାଧବାନନ୍ଦ ମଲିକ, ମହତା ମଲିକ, ମନୋଜ ମଲିକ, ବୁଗା ମଲିକ, ଅଭୟ ମଲିକ, ଶ୍ୟାମ ମଲିକ, ମହନ୍ତ ମଲିକଙ୍କୁ ଗିରଫ କରିଛି। ଆଜି ମୋଟ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ଅଭିଯୋଗ ମୁତାବକ ତାଳଚୁଆ ସାମୁଦ୍ରିକ ଥାନାରେ ଭାରତୀୟ ନ୍ୟାୟ ସଂହିତା ୨୮୨, ୨୬୨, ୧୩୨, ୩୫୧(୩), ୩(୫) ଦଫାରେ ମାମଲା ରୁଜୁ ହୋଇଛି। ବନ ବିଭାଗ ପାଟ୍ରୋଲିଂ ପୃଷ୍ଠା-୬

ବିକଶିତ ଭାରତ ଯୁବ ନେତୃତ୍ୱ ଅଂଶଗ୍ରହଣକାରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

## ପରାକାଷ୍ଠା ପ୍ରମାଣରେ ଓଡ଼ିଆ ଆଗୁଆ



ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ): ଓଡ଼ିଆ ପିଲାମାନେ ଚାହିଁଲେ ସବୁ ସମ୍ଭବ। ଓଡ଼ିଆ ଲୋକଙ୍କୁ ଯେବେ ଯେବେ ସୁଯୋଗ ମିଳିଛି ସେବେ ସେ ନିଜର ଦକ୍ଷତା ଓ ପରାକାଷ୍ଠାର ପ୍ରମାଣିତ କରିଛି ବୋଲି ମଙ୍ଗଳବାର ନୂଆଦିଲ୍ଲୀଠାରେ ବିକଶିତ ଭାରତ ଯୁବ ନେତୃତ୍ୱ କାର୍ଯ୍ୟକ୍ରମ-୨୦୨୫ରେ ଅଂଶଗ୍ରହଣ କରିଥିବା ଓଡ଼ିଆ ଯୁବକଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ 'ମକର ସଂକ୍ରାନ୍ତି'ର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ବିକଶିତ ଭାରତ ଯୁବ ନେତୃତ୍ୱ ସାକ୍ଷାତକାର୍ -୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଓଡ଼ିଶାର ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେମାନଙ୍କ ସହ ଆଜିର ଆଲୋଚନା ଉତ୍ସାହଜନକ। ଓଡ଼ିଶାକୁ ବିକଶିତ କରିବା ପାଇଁ ସମସ୍ତ ଯୁବଶକ୍ତିଙ୍କ ମଧ୍ୟରେ ଥିବା ଇଚ୍ଛାଶକ୍ତି ଓ ଏକାଗ୍ରତା ପ୍ରଶଂସନୀୟ। ଓଡ଼ିଆ ଯୁବପିଢିମାନେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର କୁଶଳ ବିନ୍ଧାଣୀ। ସବୁ ଯୁବବର୍ଗଙ୍କ ମଧ୍ୟରେ କୌଣସି ନା କୌଣସି ପ୍ରତିଭା ଲୁଚି ରହିଛି। ଏହି ପ୍ରତିଭାକୁ ଅନ୍ୱେଷଣ କରିପାରିଲେ ହିଁ ଆମର ଅନେକ ଲକ୍ଷ୍ୟ ସାକାର ହୋଇପାରିବ। ସେ କହିଛନ୍ତି, ଆତ୍ମବିଶ୍ୱାସ ହିଁ ମଣିଷକୁ ବଡ଼ କରିବ। ଅତୀତ ପିଢିରୁ ବର୍ତ୍ତମାନର ପିଢି ବହୁତ ବଡ ବଡ ଚିନ୍ତା କରୁଛି। ଆମ କାନ୍ଧରେ ବର୍ତ୍ତମାନ ବିକଶିତ ଓଡ଼ିଶା, ବିକଶିତ ଭାରତର ଦାୟିତ୍ୱ ଅଛି। ଏଥିପାଇଁ ଆମକୁ କଣ୍ଟେଣ୍ଟ୍ ରାଇଟରରୁ ୱେଲଥ୍ କ୍ରିଏସନ ପାଇଁ ମଧ୍ୟ ଆଗଭର ହେବାକୁ ପଡ଼ିବ। ନିର୍ଭରତାରୁ ଆତ୍ମନିର୍ଭରତା, ସ୍ୱାଭିମାନ ଓ ଆତ୍ମବିଶ୍ୱାସ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପଡ଼ିବ। ନିଯୁକ୍ତି ଖୋଜିବା ପରିବର୍ତ୍ତେ ନିଯୁକ୍ତିଦାତା ହେବା ପାଇଁ କାମ କରିବାକୁ ହେବ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବା। ୨୦୪୭ରେ ଦେଶ ପୃଷ୍ଠା-୬

## ମାଟ୍ରିକ ପରୀକ୍ଷା: ଭାଇରାଲ୍ ରୋକିବ ୱାଟର୍ ମାର୍କ

କଟକ,୧୪।୧(ସଂଚାର ବ୍ୟୁରୋ): ଆସନ୍ତା ଫେବୃଆରୀ ୨୨ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଚଳିତ ବର୍ଷର ପରୀକ୍ଷାକୁ ଶୃଙ୍ଖଳିତ ଓ ବିବାଦମୁକ୍ତ କରିବା ସକାଶେ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ବିଗତ ଦିନରେ ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ୍ ଘଟଣା ପାଇଁ ବୋର୍ଡକୁ ଏକାଧିକ ବାର ବଦନାମୀ ମୁଣ୍ଡାଇବାକୁ ପଡ଼ିଛି। ତେଣୁ ଚଳିତ ବର୍ଷ ପ୍ରଶ୍ନପତ୍ର ଭାଇରାଲ୍ ରୋକିବା ସକାଶେ ବୋର୍ଡ ପକ୍ଷରୁ ସମସ୍ତ ପ୍ରଶ୍ନପତ୍ରରେ ୱାଟର ମାର୍କ ରହିବା ବ୍ୟବସ୍ଥା ହୋଇଛି। ସେଲ୍ଫ ଡିସପ୍ଲେ ୱାଟର ମାର୍କ ଥିବା ଏହି ପ୍ରଶ୍ନପତ୍ରର କୌଣସି ପୃଷ୍ଠାର ମୋବାଇଲ କ୍ୟାମେରା କିମ୍ବା ସ୍କାନର ଜରିଆରେ ଫଟୋ ଉଠାଇଲେ, ସେହି ୱାଟର ମାର୍କ ଆସିଯିବ। କେଉଁ ପରୀକ୍ଷାର୍ଥୀଙ୍କର ସେହି ପ୍ରଶ୍ନପତ୍ର କେଉଁ ସେଣ୍ଟରର ଓ କେଉଁ ହଲର, ତାହା ଜଣାପଡ଼ିଯିବ। ଦେଶରେ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିବା ବିଭିନ୍ନ ଫାର୍ମ ଓ ପ୍ରମୁଖ ପରୀକ୍ଷା ପରିଚାଳନା ବୋର୍ଡ ଅନୁଧ୍ୟାନ କରିବା ପରେ ଏହି ୱାଟର ମାର୍କ ବ୍ୟବସ୍ଥା କରାଯାଇଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ପୃଷ୍ଠା-୬

## ବିଜେଡି ସ୍କ୍ରାପ୍‌ଙ୍କୁ ସରୁ ଚଟ୍‌କଣି

- ସାରଦାଙ୍କୁ ଆକ୍ଷେପ କରି ଅଡୁଆରେ ବିଜେଡି
- ଶୃଙ୍ଖଳାର ପେଡ଼ି ଖୋଲିଲେ ମାହାଙ୍ଗା ବିଧାୟକ





ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ): କାହାକୁ ଶୃଙ୍ଖଳାର ପାଠ ପଢାଇବା ପୂର୍ବରୁ ବିଜେଡି ନିଜେ ଶୃଙ୍ଖଳିତ ହେବା ଜରୁରୀ। ଶଙ୍ଖ ଭବନରେ ହାତାହାତିଠାରୁ ଆରମ୍ଭକରି ନିଜ ସାଂସଦଙ୍କୁ ଅଣ୍ଡାମାଡ଼ କଥା କିଭଳି ବିଜେଡି ଭୁଲିଯାଉଛି ବୋଲି ପ୍ରଶ୍ନ କରିଛନ୍ତି ମାହାଙ୍ଗା ବିଧାୟକ ସାରଦା ପ୍ରଧାନ।

ଆଇନ ମନ୍ତ୍ରୀଙ୍କ ଉପସ୍ଥିତିରେ ଲୋକଙ୍କୁ ଠେଲାପେଲା କରିବା ବିଶୃଙ୍ଖଳିତ ଆଚରଣ ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଓ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି କହିବା ପରେ ତାହାର ଜବାବ ରଖିଛନ୍ତି ବିଧାୟକ ସାରଦା ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭିଡ ନିୟନ୍ତ୍ରଣ କରିବାକୁ ଯାଇ ନିଜ କର୍ମୀଙ୍କୁ ଠେଲିଦେବା ବିଶୃଙ୍ଖଳା ନୁହେଁ। ବିଜେଡି ନେତାମାନେ ଯେଉଁ ଶୃଙ୍ଖଳା କଥା କହୁଛନ୍ତି ତାହା ଶଙ୍ଖଭବନରେ ମହିଳା କର୍ମୀଙ୍କ ହାତାହାତି ଠାରୁ ଆରମ୍ଭ କରି ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଅଣ୍ଡାମାଡ ଓ କେନ୍ଦ୍ରାପଡାର ତତ୍କାଳୀନ ବିଧାୟକ ଶଶୀଭୂଷଣ ବେହେରାଙ୍କୁ ଅପାମାନିତ କରିବାକୁ ବିଜେଡି ନେତାମାନେ ପଛାଇ ନଥିଲେ। ଏବେ ସେମାନଙ୍କ ମୁହଁରେ ଶୃଙ୍ଖଳା ଶବ୍ଦ ଶୋଭା ପାଉନାହିଁ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଚ୍ୟୁତାନନ୍ଦ ପୀଠକୁ ଆଇନ୍‌ମନ୍ତ୍ରୀଙ୍କ ଗସ୍ତ ସମୟରେ ଲୋକେ ଭିଡ ଜମାଇଥିଲେ। ଭିଡ ନିୟନ୍ତ୍ରଣ କରିବାପାଇଁ ସେ କିଛି ଯୁବକଙ୍କୁ ଦୂରକୁ ଠେଲି ଦେଇଥିଲେ। ଏହା ତାଙ୍କ ଘର କଥା। ସମସ୍ତେ ଅଚ୍ୟୁତାନନ୍ଦଙ୍କ ଭକ୍ତ। ସେ ବିଧାୟକ ହିସାବରେ ସେଠାକୁ ଯାଇନଥିଲେ। ଜଣେ ଭକ୍ତମାନେ ଉପସ୍ଥିତ ଭିଡକୁ ନିୟନ୍ତ୍ରଣ କରିବା ପ୍ରାଥମିକ କାର୍ଯ୍ୟ ଥିଲା। ତେଣୁ ଏଭଳି ଏକ ଛୋଟ କଥାକୁ ନେଇ ବିଜେଡି ରାଜନୀତି କରିବା ଅତ୍ୟନ୍ତ ହାସ୍ୟାସ୍ପଦ।

ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ଜଣେ ଅପରାଧିଙ୍କ ଫଟୋକୁ ନେଇ ବିଜେଡି ଯେଉଁ ଆରୋପ ଲଗାଇଛି ତାହା ଉପର ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି ଯେ ସଭା ଶୋଭଯାତ୍ରା ସମୟରେ କିଏ ଆସି କେତେବେଳେ ମନ୍ତ୍ରୀଙ୍କ ସହିତ ଫଟୋ ଉଠାଉଛି ତାହାର ହିସାବ ରଖିବା ସହଜ ନୁହେଁ। ପୂର୍ବତନ ଆଇନ୍ ମନ୍ତ୍ରୀ ପାଞ୍ଚ ପାଞ୍ଚଟି ହତ୍ୟାକାଣ୍ଡର ଅଭିଯୁକ୍ତ ହୋଇଥିବାବେଳେ ତାହା ବିଜେଡିକୁ ଦେଖାଯାଉ ନାହିଁ। ହେଲେ କେହିଜଣେ ଆସି ଭିଡ ଭିତରେ ମନ୍ତ୍ରୀଙ୍କ ସହିତ ଫଟୋ ଉଠାଇଲେ ତାହା ଜଳ ଜଳ ହୋଇ ଦିଶୁଛି। ଏହା ଅତ୍ୟନ୍ତ ହାସ୍ୟାସ୍ପଦ କଥା।

## କଂସ ଶାସନରେ ଗଣବଳାତ୍କାର ଅଭିଯୋଗ

ବରଗଡ, ୧୪।୧ (ସଂଚାର ବ୍ୟୁରୋ): ଗୋଟିଏପଟେ କଂସଙ୍କ ଅଟ୍ଟହାସ୍ୟାରେ କମ୍ପୁଥିଲା ବରଗଡ, ସେପଟେ ପାଖ ଜଙ୍ଗଲରୁ ଶୁଭୁଥିଲା ଜଣେ ବଳାତ୍କାର ପୀଡ଼ିତାଙ୍କ ଆର୍ତ୍ତଚିତ୍କାର। ଧନୁଯାତ୍ରା ଦେଖିବାକୁ ଆସିଥିବା ଜଣେ ଯୁବତୀଙ୍କୁ ଦୁଇ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ୩୬ଘଣ୍ଟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବତୀଙ୍କୁ ଉଦ୍ଧାର କରାଯିବା ପରେ ଏହି ଖବର ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି। ଧନୁଯାତ୍ରା ଦେଖିବା ପାଇଁ ଆସି ନିଖୋଜ ହୋଇଥିବା ଯୁବତୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଖ ଜଂଗଲରୁ ଉଦ୍ଧାର ଖବର ବରଗଡରେ ଚାଂଚଲ୍ୟ ଖେଳାଇ ଦେଇଛି।

ପୀଡିତାଙ୍କ ପରିବାର ଲୋକଙ୍କ କହିବା ଅନୁସାରେ ଧନୁଯାତ୍ରା ଦେଖିବାକୁ ଘରୁ ବାହାରିଥିଲେ ଯୁବତୀ। କିନ୍ତୁ ରାତି ୧୦ଟା ପରେ ଅଚାନକ ତାଙ୍କ ମୋବାଇଲ ସୁଇଚ୍ ଅପ୍ ହୋଇ ଯାଇଥିଲା। ଝିଅର ମୋବାଇଲ ସୁଇଚ୍ ଅଫ ଦେଖାଇବା ପରେ ବିଚଳିତ ହୋଇପଡିଥିଲେ ପରିବାର ଲୋକେ। ଏନେଇ ପାଖ ଥାନାରେ ଅଭିଯୋଗ କରିଥିଲେ। ହେଲେ, ପୋଲିସ ଏହି ଅଭିଯୋଗକୁ ଗୁରୁତର ସହ ନେଇନଥିଲା। ଶେଷରେ ପ୍ରାୟ ୩୬ଘଂଟା ପରେ ଯୁବତୀ ଜଣଙ୍କ ନିକଟସ୍ଥ ଜଂଗଲରେ ପଡିଥିବା ଦେଖିଥିଲେ। ଏନେଇ ପରିବାରକୁ ଖବର ଦେବା ପରେ ସେମାନ ଯାଇ ଉଦ୍ଧାର କରିଥିଲେ। ତେବେ ସେ ସମୟର କେତେ ଯେ ଭୟଙ୍କର ହୋଇଥିବ ପରିବାର ଲୋକେ ସେ କଥା କହି ବାହୁନି ବାହୁନି କାନ୍ଦୁଛନ୍ତି। ନ୍ୟାୟ ପାଇଁ ପ୍ରସାଶନ ପାଖରେ ନେହୁରା ହୋଇଛନ୍ତି। ଯୁବତୀଙ୍କ ମୁଣ୍ଡରେ ଗଭୀର କ୍ଷତ ସହିତ ଶରୀରର ପୃଷ୍ଠା-୬

ସହଦେବ ହତ୍ୟା ମାମଲା

## ସଂଗୃହୀତ ରକ୍ତର ହେବ ଡିଏନଏ ଟେଷ୍ଟ



ଭୁବନେଶ୍ୱର, ୧୪।୧ (ସଂଚାର ବ୍ୟୁରୋ): ଗତ ସପ୍ତାହରେ ରାଜଧାନୀରେ ସଂଘଟିତ ସହଦେବ ନାୟକ ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇସାରିଛି। ଏହି ମାମଲାରେ ସଂଗୃହୀତ ରକ୍ତର ଡିଏନଏ ଟେଷ୍ଟ ହେବ। ମୃତକଙ୍କ ପୋଷାକରୁ ମିଳିଥିବା ରକ୍ତ, ହତ୍ୟାକାଣ୍ଡ ସ୍ଥାନରୁ ସଂଗୃହୀତ ରକ୍ତ, ହତ୍ୟାରେ ବ୍ୟବହୃତ ଖଣ୍ଡାରେ ଲାଗିଥିବା ରକ୍ତର ଡିଏନଏ ପ୍ରୋଫାଇଲିଂ ହେବ। ସଂଗୃହୀତ ସମସ୍ତ ରକ୍ତର ନମୂନାକୁ ଆସନ୍ତାକାଲି ଏସଏଫଏସଏଲକୁ ଡିଏନଏ ଟେଷ୍ଟ ପାଇଁ ପଠାଯିବ। ସୂଚନାଯୋଗ୍ୟ ଯେ ଗତ ୮ ତାରିଖ ସକାଳେ ରସୁଲଗଡ଼ ଓଭରବ୍ରିଜ ଉପରେ ସହଦେବଙ୍କୁ ପୃଷ୍ଠା-୬



### କାନ ଡେରିଆ

ଜୀବନଟା ସେତେ ସରଳ ବି ନୁହଁ
ଯେତିକି ଆମକୁ ଲାଗୁଛି
ପିଢିଆ ଖାଦ୍ୟକୁ ବିଜ୍ଞାନ ନିଶାରେ
ରୋଗ କୁ ମଣିଷ ଟାଣୁଛି
ତଥାପି ମନ ନ ମାନୁଛି...
ରିମୋଟ କଣ୍ଟ୍ରୋଲେ ସବୁ ସିନା
ଚାଲେ
ହୃତପିଣ୍ଡ କିଆଁ ଜାଣୁଛି
ଅଦିନେ ଅକାଳେ ମରୁଛି।

■ ଦେବାଶିଷ

# ବଦନାମିଆ ଅଧ୍ୟାପକଙ୍କୁ ସୁରକ୍ଷା ଦେଉଛି ବିଜେବି କଲେଜ

- ଛାତ୍ରୀଙ୍କୁ ଅସଦାଚରଣ ନେଇ ଚର୍ଚ୍ଚା
- ଅଧ୍ୟକ୍ଷାଙ୍କ ଆଗରେ ଟିଆଇ ପରେଡ
- କାର୍ଯ୍ୟାନୁଷ୍ଠାନ ନେଇ ସମସ୍ତେ ନିରବ




ଭୁବନେଶ୍ୱର, ୧୪।୧ (ସଂଚାର ବ୍ୟୁରୋ): ଛାତ୍ରୀଙ୍କୁ ଦୁର୍ବ୍ୟବହାର ଭଳି ସଙ୍ଗୀନ ଆରୋପ ଲାଗିଥିବା ଜନୈକ ଅଧ୍ୟାପକଙ୍କୁ ସୁରକ୍ଷା ଦେଉଛନ୍ତି ବିଜେବି କଲେଜ କର୍ତ୍ତୃପକ୍ଷଙ୍କ। ସମ୍ପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ତ ଦୂରରକଥା ତାଙ୍କୁ କଲେଜରୁ ବଦଳି କରିବାକୁ ବି ପଛଘୁଞ୍ଚା ଦେଉଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଗତ ମାସରେ କଲେଜରେ ଏଭଳି କାଣ୍ଡ ଘଟିଛି। ଇଗ୍ନୋ ପରୀକ୍ଷା ଦେଉଥିବା ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିଥିଲେ ସମ୍ପୃକ୍ତ ଅଧ୍ୟାପକ। ଅଧ୍ୟାପକ ଜଣଙ୍କ ଗୋଟିଏ ବିଭାଗର ମୁଖ୍ୟ ହୋଇଥିବେଳେ କିଛିଦିନ ଧରି ଇଗ୍ନୋ ପରୀକ୍ଷାରେ ସଂଯୋଜକ ଦାୟିତ୍ୱ ତୁଲାଉଛନ୍ତି। ନିଜ ଆଡୁ ଅନୁରୋଧ କରି ଏହି କାର୍ଯ୍ୟ କରୁଥିବା ଅଧ୍ୟାପକଙ୍କ ବିରୁଦ୍ଧରେ ଜଣେ ଛାତ୍ରୀ ଏଭଳି ଅଭିଯୋଗ ଆଣିଥିବାବେଳେ ତାହା କୁଆଡେ ପ୍ରମାଣିତ ହୋଇଛି। ଘଟଣାର ସତ୍ୟାସତ୍ୟ ଜାଣିବାପରେ ଅଧ୍ୟାପକ ଜଣଙ୍କ କିଛିଦିନ ଛୁଟିରେ ରହି ଏବେ ଫେରିଛନ୍ତି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଧ୍ୟାପକ ଜଣଙ୍କ ଇଗ୍ନୋ ପରୀକ୍ଷା ସମୟରେ ସମ୍ପୃକ୍ତ ଛାତ୍ରୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ପ୍ରଥମେ ଛାତ୍ର ଜଣଙ୍କ ଏହାକୁ ଗୁରୁତର ସହ ନେଇନଥିଲେ। ଅଜାଣତରେ ହୋଇଥାଇପାରେ ବୋଲି ଧରିନେଇଥିଲେ। ହେଲେ ଛାତ୍ରୀଙ୍କ ନିରବତାର ସୁଯୋଗ ନେଇ ଅଧ୍ୟାପକ ଜଣଙ୍କ ବାରମ୍ବାର ଦୁର୍ବ୍ୟବହାର କରିବା ପରେ ଛାତ୍ରୀ ଜଣଙ୍କ ଘଟଣା ସଂକ୍ରାନ୍ତରେ ନିଜ ଅଭିଭାବକଙ୍କୁ କହିଥିଲେ। ରାଜ୍ୟ ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ଥିବା ଛାତ୍ରୀଙ୍କ ପିତା ପ୍ରଥମେ ନିଜ ଦପ୍ତରର ଦୁଇ ଜଣ ଅଧିକାରୀଙ୍କୁ କଲେଜକୁ ପଠାଇ ଘଟଣା ସଂକ୍ରାନ୍ତରେ ଅଧ୍ୟକ୍ଷାଙ୍କୁ ଅବଗତ କରିଥିଲେ। ଅଧ୍ୟକ୍ଷା ଏହା ଜାଣିବା ପରେ ତୁରନ୍ତ ଇଗ୍ନୋ ପରୀକ୍ଷା ଦାୟିତ୍ୱରେ ଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଡକାଇବା ସହ ପରୀକ୍ଷା ପରିଚାଳନାରେ ଥିବା ସମସ୍ତଙ୍କ ତାଲିକା ମଗାଇଥିଲେ। ଏହାପରେ ସମସ୍ତଙ୍କୁ ନିଜ ପ୍ରକୋଷ୍ଠକୁ ଡାକିଥିଲେ।

ହେଲେ ସମସ୍ତେ ଆସି ଅଧ୍ୟକ୍ଷାଙ୍କ ପ୍ରକୋଷ୍ଠରେ ଉପସ୍ଥିତ ହୋଇଥିଲେ ମଧ୍ୟ ଦୁର୍ବ୍ୟବହାର କରିଥିବା ଅଧ୍ୟାପକ ଜଣଙ୍କ ପ୍ରଥମେ ଫୋନ୍ ଧରିନଥିଲେ ଓ ପରେ କିଛି କାମ ଅଛି କହି ବିଳମ୍ବରେ ଆସିଥିଲେ। ତେବେ ଯେଉଁ ସମୟରେ ସମ୍ପୃକ୍ତ ଅଧ୍ୟାପକ ଜଣକ ଆସି ଆସିଥିଲେ, ଠିକ୍ ସେତିକିବେଳେ ଛାତ୍ରୀ ଜଣଙ୍କ ନିଜ ପିତାଙ୍କ ସହ ଅଧ୍ୟକ୍ଷାଙ୍କ ପ୍ରକୋଷ୍ଠରେ ପହଞ୍ଚିଥିଲେ। ଇଗ୍ନୋ ପରୀକ୍ଷା ଦାୟିତ୍ୱ ପୃଷ୍ଠା-୬

## ଜଗତସିଂହପୁରରେ ଲଭ୍ ଜିହାଦ!

**ଧର୍ମାନ୍ତରୀକରଣରେ ମାତିଛନ୍ତି ନିଲମ୍ବିତ କନଷ୍ଟେବଳ**

**ଏସପିଙ୍କୁ ଲିଖିତ ଅଭିଯୋଗ**

**ଜଗତସିଂହପୁର, ୧୪।୧ (ସଂଚାର ବ୍ୟୁରୋ) :** ଜଗତସିଂହପୁର ବଜରଙ୍ଗଦଳ ପକ୍ଷରୁ ଲଭ ଜିହ୍ୱାଦ ଘଟଣାକୁ ନେଇ ଜଗତସିଂହପୁର ଏସପି ଙ୍କୁ ଲିଖିତ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଜଗତସିଂହପୁର ଜି. ଆଇ. ବି ରୁ ନିଲମ୍ବିତ କନେଷ୍ଟବଳ ଏସ. କେ ନାକିବ ଉଦ୍ଦିନ (ବାବୁ ଖାନ) ଏକାଧିକ ହିନ୍ଦୁଝିଅଙ୍କ ସହିତ ଧର୍ମ ପରିବର୍ତ୍ତନ କରାଇବା ଉଦ୍ଦେଶ୍ୟରେ ପ୍ରେମ ସମ୍ପର୍କ ରଖିଥିବା ବିଷୟରେ ସାମାଜିକ ସୋସିଆଲ ମେଡିଆରେ ଘୁରୁବୁଲୁଥିବା ବଜରଙ୍ଗଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ ନିଲମ୍ବିତ କନେଷ୍ଟବଳ ଉଦ୍ଦିନ ପୋଲିସ ଚାକିରି ଓ କ୍ଷମତାର ଅପବ୍ୟବହାର କରି ହିନ୍ଦୁ ଝିଅମାନଙ୍କୁ ନିଜ ପ୍ରେମ ଜାଲରେ ଫସାଇ ନିଜ ଆୟତ୍ତରେ ରଖୁଛି ଏବଂ ସେମାନଙ୍କୁ ଧର୍ମ ପରିବର୍ତ୍ତନ କରାଇବାରେ ସଫଳ ହେଉଛି। ସେ ଜଣେ ବିବାହିତ ବ୍ୟକ୍ତି ଓ ମୁସଲିମ ଝିଅଙ୍କୁ ବିବାହ କରିଥିବାବେଳେ ଏକାଧିକ ହିନ୍ଦୁ ଝିଅମାନଙ୍କୁ ପ୍ରେମରେ ଫସାଇ ସେମାନଙ୍କ ଇଜ୍ଜତ ସହିତ ଖେଳ ଖେଳୁଛି। ଏ ସମ୍ପର୍କରେ ବଜରଙ୍ଗ ଦଳ ଜାଣିବାପରେ ଜଗତସିଂହପୁର ଏସପିଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ପୂର୍ବରୁ ଜଗତସିଂହପୁର ଥାନାରେ ମଧ୍ୟ ଏକ କେସ ଦିଆଯାଇଛି ଏବଂ ପୋଲିସ ଅଭିଯୋଗ ପାଇବାପରେ କେଶ ନମ୍ବର ୧୨୪୫/୨୪ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ ଏହି ଲଭ୍ ଜିହାଦକୁ ନେଇ ସ୍ଥାନୀୟ ଅଞ୍ଚଳରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ବଜରଙ୍ଗ ଦଳର ସଦସ୍ୟମାନେ ଜଗତସିଂହପୁର ଏସପିଙ୍କୁ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

**ଜିଲ୍ଲାସ୍ତରୀୟ ମକର ମହୋତ୍ସବ ଶୁଭାରମ୍ଭ**

# ଉଦ୍‌ଘାଟନ କଲେ ବିଧାୟକ ଅରବିନ୍ଦ ମହାପାତ୍ର



**ମାର୍ଶାଘାଇ, ୧୪।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ମକର ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ମାର୍ଶାଘାଇ ବ୍ଲକ ଜଳପୋକ ପଞ୍ଚାୟତ ପକ୍ଷୋଟ ଗ୍ରାମ ପଡିଆରେ ଜିଲ୍ଲାସ୍ତରୀୟ ମକର ମହୋତ୍ସବ ଚଳିତ ବର୍ଷ ଦଶମ ବାର୍ଷରେ ପହଞ୍ଚିଛି । ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପରିଷଦର ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

ସମ୍ମାନିତ ଅତିଥି ଭାବେ ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ଗରଦପୁର ପଞ୍ଚାୟତସମିତି ଅଧ୍ୟକ୍ଷ ଅଭୟ ମହାରାଜ, ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଧୁସ୍ମିତା ସାମଲ, ରବି ସାମଲ ପ୍ରମୁଖ ଯୋଗଦେଇଥିଲେ । ମହୋତ୍ସବ କମିଟି ସଭାପତି ମୃତ୍ୟୁଞ୍ଜୟ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅମରେନ୍ଦ୍ର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ । ମହୋତ୍ସବ ଆୟୋଜକ ତ୍ରିକୋଣ ଭୂମି ବିକାଶ ପରିଷଦ ଅନ୍ତର୍ଗତ ଶିଶୁଆ, ସଠିଲୋ, ପୁରୁଷୋତ୍ତମ ପୁର, ସଲାର, ଜଳପୋକ, ପକ୍ଷୋଟ, କର୍ଣ୍ଣବାଙ୍କ, ଶୁଡ଼ିପୁର, ବସୁପୁର, ଆଇତିପୁର, ବାଲିସିଂ, ବଳରାମପୁର ପ୍ରଭୃତି ଗ୍ରାମବାସୀ ମହୋତ୍ସବ ଆୟୋଜନରେ ସହଯୋଗ କରିଛନ୍ତି ।

ଏକ ସପ୍ତାହ ବ୍ୟାପି ମହୋତ୍ସବ ଆୟୋଜିତ ହେବା ସହିତ ସୁସ୍ୱାଦୁ ଖାଦ୍ୟ, ଘରକରଣା ସାମଗ୍ରୀ, ଦୋଳି, ବେଲୁନ ଖସଡ଼ା ଷ୍ଟଲ ସମେତ ପ୍ରତ୍ୟେକ ସନ୍ଧ୍ୟାରେ ନାମିଦାମୀ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେବ ବୋଲି ସମ୍ପାଦକ ଅମରେନ୍ଦ୍ର ରାଉତ ସୂଚନା ଦେଇଛନ୍ତି ।



## କୁତରଙ୍ଗ ସମିତିରେ ଧାନ କିଣା ପାଇଁ କଣ୍ଟା ପୂଜା

**କେନ୍ଦ୍ରାପଡ଼ା, ୧୪।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ବ୍ଲକକ କୁତରଙ୍ଗ ପଂଚାୟତ ରେ ଥିବା କୁତରଙ୍ଗ କୃଷି ସମବାୟ ସମିତିରେ ଚଳିତ ସପ୍ତାହରୁ ଧାନକିଣା ଆରମ୍ଭ ହେଉଥିବାରୁ ସମିତି ର କଣ୍ଟା ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ପଦ୍ମନାଭ ସାହୁ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ସଭ୍ୟ ସୁଜାତା ଦାସ, ସଂପାଦକ ତ୍ରିଲୋଚନ ନାୟକ, ଆର.ଆଇ ଲୋପାମୁଦ୍ରା ସାହୁ ପ୍ରମୁଖ ଉପସ୍ଥିତ ରହି କଣ୍ଟା ପୂଜା କରିବା ସହ ମଣ୍ଡିକୁ ଧାନ ନେଇ ଆସୁଥିବା ଚାଷୀମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ମଣ୍ଡି ତରଫରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମ ରେ ସମିତିର ସମସ୍ତ ନିର୍ଦ୍ଦେଶକ, ଧାନ କିଣା କମିଟିର ସଭ୍ୟ ଓ ଶତାଧିକ ବରିଷ୍ଠ ଚାଷୀ ଉପସ୍ଥିତ ଥିଲେ ।

# ଓଡିଆ ଜାତିର ଅସ୍ମିତାକ୍ରାନ୍ତି ପୁରୁଷ ଫକୀରମୋହନ



**କେନ୍ଦ୍ରାପଡ଼ା, ୧୪।୧ (ସଂଚାର ବ୍ୟୁରୋ):** "କେନ୍ଦ୍ରାପଡା ଜିଲ୍ଲା ନାଟ୍ୟକଳା ସାହିତ୍ୟ ପରିଷଦ"ଙ୍କ ନବଗଠିତ ସଂସ୍ଥାଦ୍ୱାରା ଉତ୍କଳୀୟ ସାହିତ୍ୟର ଉତ୍କଳ ସାହିତ୍ୟ ସ୍ରଷ୍ଟା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ଚଣ୍ଡିଆ ପାଲେଲ୍ସଠାରେ ଅନୁଷ୍ଠିତ ହୋଇଥିଲା।

ଉକ୍ତ ସ୍ମୃତିସଭାରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ବରିଷ୍ଠ କବି କରୁଣାକର ଦାସ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ପ୍ରାକ୍ତନ ଅଧ୍ୟକ୍ଷ ସର୍ବେଶ୍ୱର ସେଣ, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ତଥା ଆମ ଗାଁ ସାହିତ୍ୟ ପରିଷଦର ସଭାପତି ସଞ୍ଜୟ କୁମାର ମଲ୍ଲିକ, ଅନ୍ୟତମ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟର ସଭାପତି ଅଜୟ କୁମାର ସାମଲ ଯୋଗଦେଇ ସଂସ୍କୃତିର ପୁରୁଷ ଓ ଫକୀର ମୋହନ ଓଡିଆ ଜାତିର ଅସ୍ମିତା ଓ ଉତ୍କଳୀୟ ସାହିତ୍ୟରେ ବ୍ୟାସକବିଙ୍କ ଅବଦାନ ଅବିସ୍ମରଣୀୟ ବୋଲି ନିଜର ବକ୍ତବ୍ୟରେ କହିଥିଲେ।

ଆମ ଗାଁ ସାହିତ୍ୟ ପରିଷଦର ସହ ସମ୍ପାଦକ ଅଶୋକ କୁମାର ସାହୁଙ୍କ ଦ୍ୱାରା ସମ୍ମାନିତ ଅତିଥିମାନଙ୍କୁ ଆମନ୍ତ୍ରିତ କରାଯିବା ପରେ କେନ୍ଦ୍ରାପଡାର ଶ୍ରୀ ରାଧା ନୃତ୍ୟ ସଦନ କଳାକାରମାନଙ୍କ ଦ୍ୱାରା ମାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷାବିତ୍ କବି ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପ ସଭାପତି ରତ୍ନାକର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

କଣ୍ଠଶିଳ୍ପୀ ସୌଭାଗିନୀ ମହାପାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଯୁବ କଳାକାର ତଥା ଅନୁଷ୍ଠାନର ସମ୍ପାଦକ ବଳରାମ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ନିରାକାର ପ୍ରଧାନ, ଶିକ୍ଷକନେତା ତଥା ରାଜ୍ୟ ଶିକ୍ଷକ ସଂଘର ନେତା ପ୍ରଶାନ୍ତ କୁମାର ଜେନା, ଶ୍ରୀଧର ଭୋଳ, ସୁଶୀଳ କୁମାର ସୂତାର, ସନ୍ତୋଷ କୁମାର ପୋଥାଳ, ଉଦ୍ରମଣୀ ପଣ୍ଡା ପ୍ରମୁଖ ବ୍ୟାସକବିଙ୍କ ସାହିତ୍ୟ କୃତିର ସଫଳତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଗନ ବିହାରୀ ସିଂହ, ଚିତ୍ରଗୁପ୍ତ ରଞ୍ଜନ କୁମାର ସାହୁ, ଦୀପକ ସାହୁ, କବୟିତ୍ରୀ କବିତା ମୁଦୁଲି, ଅଜୟ କୁମାର, ଅଶୋକ କୁମାର ସାହୁ, କାଁକ ଚନ୍ଦ୍ର ପତି, କୃଷ୍ଣଚନ୍ଦ୍ର ପଲାଇ, ପ୍ରତ୍ୟୁଷ କୁମାର ସାହୁ, ପ୍ରମୋଦ କୁମାର ମହାନ୍ତି ସହଯୋଗ କରିଥିଲେ । ଶେଷରେ ବିଧୁଭୂଷଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଅସହାୟଙ୍କୁ କମ୍ବଳ ବଣ୍ଟନ

**ରାଜନଗର, ୧୪।୧ (ସଂଚାର ବ୍ୟୁରୋ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ଶାରଳା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମକର ସଂକ୍ରାନ୍ତି ଅବସରରେ ମାନସିକ ରୋଗୀ ଏବଂ ରାସ୍ତା କଡରେ ବୁଲୁଥିବା ଅସହାୟ ବ୍ୟକ୍ତିମାନଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ କମ୍ବଳ ଏବଂ ଶୃଙ୍ଖଳା ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଏହି ଶୀତକାଳିନ ସେବାକାର୍ଯ୍ୟ କରାଯାଇଥିଲା। ଏହି ସେବା କାର୍ଯ୍ୟରେ ଅନୁଷ୍ଠାନର ମୁଖ୍ୟ ପ୍ରତିଷ୍ଠାତା ମହେଶ୍ୱର ସାହୁ, ଉପସଭାପତି ସନାତନ ଓଝା, ଚିନ୍ମୟ ଦାସ, କୋଷାଧ୍ୟକ୍ଷ ମହେଶ୍ୱର ପାତ୍ର ଏବଂ ଲକ୍ଷ୍ମୀ ନାରାୟଣ, ପଣ୍ଡିତ ବରଦାକାନ୍ତ ଜେନାଙ୍କ ସମେତ ଟ୍ରଷ୍ଟର ସଭ୍ୟମାନେ ସହଯୋଗ କରିଥିଲେ।

## ତୁଳସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ସରକାରୀ ବସ୍ ସେବା ଆରମ୍ଭ ପାଇଁ ପ୍ରସ୍ତାବ

**କେନ୍ଦ୍ରାପଡ଼ା, ୧୪।୧ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ର,କେନ୍ଦ୍ରାପଡ଼ାରୁ ଶ୍ରୀ କ୍ଷେତ୍ର, ପୁରୀକୁ ସରକାରୀ ବସ୍ ଚଳାଚଳ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଙ୍ଘର ସଭାପତି ଗୌତମ ବେହେରା। ଓଡ଼ିଶା ସଡ଼କ ପରିବହନ ନିଗମ ତରଫରୁ ଏହି ସରକାରୀ ବସ୍ ସେବା ଆରମ୍ଭ କରିବାକୁ ସେ ଲିଖିତ ପ୍ରସ୍ତାବ ବିଭାଗୀୟ ମନ୍ତ୍ରୀ,ସଚିବ, କେନ୍ଦ୍ରାପଡ଼ା ସାଂସଦ, ଜିଲ୍ଲାପାଳଙ୍କୁ ଦୃଷ୍ଟି ଗୋଚର କରାଇଛନ୍ତି। ଏହି ବସ୍ ସେବା ଆରମ୍ଭ ହେଲେ ଦୁଇ ଜିଲ୍ଲା ମଧ୍ୟରେ ଭାଇ ଚାରା ସୁଦୃଢ଼ ହେବା ସହ ସଂସ୍କୃତି ପରମ୍ପରା ଓ ପର୍ଯ୍ୟଟନ ଭିତ୍ତିରେ ଜନସାଗମ ବୃଦ୍ଧି ହେବା ସହିତ ଆର୍ଥିକ ଅଭିବୃଦ୍ଧି ରେ ଏହା ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀ ବଳଦେବଜୀଉ ମନ୍ଦିର ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳ। ଶ୍ରୀକ୍ଷେତ୍ର, ପୁରୀ, ବିଶ୍ୱ ସ୍ତରରେ ପ୍ରଭୁ ଜଗନ୍ନାଥ ଏବଂ ତାଙ୍କ ଭାଇଭଉଣୀଙ୍କ ବାସସ୍ଥାନ ଭାବରେ ପ୍ରସିଦ୍ଧ। ଏହି ଦୁଇଟି ସ୍ଥାନ ଓଡ଼ିଶା ଏବଂ ବାହାରର ଭକ୍ତମାନଙ୍କ ପାଇଁ ଅତ୍ୟନ୍ତ ଧାର୍ମିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରି ଆସୁଛି। ବର୍ତ୍ତମାନ, ଓଡ଼ିଶା ରାଜ୍ୟ ପରିବହନ ବିଭାଗ ବିଭିନ୍ନ ଜିଲ୍ଲାର ଅନେକ ଧାର୍ମିକ ସ୍ଥଳକୁ ସଂଯୋଗ କରୁଥିବା ବସ୍ ସେବା ପ୍ରଦାନ କରିଛନ୍ତି କିନ୍ତୁ କେନ୍ଦ୍ରାପଡ଼ାର ତୁଳସୀ କ୍ଷେତ୍ର ଏହାର ଗୁରୁତ୍ୱ ସତ୍ତ୍ୱେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହୋଇଛନ୍ତି। ତୁଳସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ଏକ ଉତ୍ସର୍ଗୀକୃତ ବସ୍ ସେବା କେବଳ ଏହି ଦୁଇଟି ପବିତ୍ର ସ୍ଥାନ ମଧ୍ୟରେ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମ୍ପର୍କକୁ ସୁଦୃଢ଼ କରିବ କେବଳ ତାହା ନୁହେଁ ବରଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ବୃଦ୍ଧି କରିବ। ଏହା ବ୍ୟତୀତ,ଏହି ଦୁଇ ସ୍ଥାନ ମଧ୍ୟରେ ଯାତାୟାତ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ହଜାର ହଜାର ଭକ୍ତଙ୍କ ପାଇଁ ଏହା ଏକ ବଡ଼ ସୁବିଧା ହେବ।

## ମକର ପାଇଁ ଚଳଚଞ୍ଚଳ ତୁଳସୀକ୍ଷେତ୍ର

**ଶ୍ରୀ ବଳଦେବଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ**

**କେନ୍ଦ୍ରାପଡ଼ା, ୧୪।୧ (ସଂଚାର ବ୍ୟୁରୋ):** ତୁଳସୀକ୍ଷେତ୍ରର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ମହା ଆଡମ୍ବର ରେ ଅନୁଷ୍ଠିତ ହୋଇଯାଇଛି । ଆଜି ଦିନସାରା ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିବାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳିରେ ମନ୍ଦିର ପରିସର ପ୍ରବଳ ଗହଳି ଓ ଭିଡ ଦେଖିବାକୁ ମିଳିଥିଲା । ପବିତ୍ର ମକର ସଂକ୍ରାନ୍ତି ତିଥିରେ ଭଗବାନ ସୂର୍ଯ୍ୟ ନାରାୟଣ ମକର ରାଶିକୁ



ଗମନ କରୁଥିବାରୁ ଏହି ଦିବସ ଓ ତିଥିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଘରେ ଘରେ ସ୍ୱତନ୍ତ୍ର ପୂଜା ବିଧାନ ସହ ଶ୍ରୀଜୀଉ ମାନଙ୍କୁ ଦର୍ଶନ କରି ଅଶେଷ ପୁଣ୍ୟ ଅର୍ଜନ କରିବା ଲକ୍ଷ୍ୟରେ ଭକ୍ତମାନେ ଭୋର ସମୟରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରକୁ ଧାଡି ଲାଗିଥିଲେ । ଗତକାଲି ରାତ୍ରିରେ ଜୀଉ ମାନଙ୍କର ୫ ବେଢ଼ା ପରିକ୍ରମା ଅନୁଷ୍ଠିତ ହୋଇଥିବା ବେଳେ ଆଜି ଅବଶିଷ୍ଟ ୪ ବେଢ଼ା ପରିକ୍ରମା ଦିନ ୪ଟା ବେଳେ ଅନୁଷ୍ଠିତ ହୋଇଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ, ମହାଲକ୍ଷ୍ମୀ ଏକ ମାସ ପୂର୍ବରୁ ପିତ୍ରାଳୟ କୁ ଯାଇ ଆଜି ତିଥିରେ ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ଓ ସାଙ୍ଗରେ ପିତ୍ରାଳୟ ରୁ ବହୁ ପ୍ରକାର ୫୬ ଭୋଗ ସାମଗ୍ରୀ ଧରି ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତନ କରିଥିବାରୁ ଏହାକୁ ମୁଖ୍ୟ ମନ୍ଦିର ଚାରିପଟେ ୯ ଥର ବେଢ଼ା ପ୍ରଦକ୍ଷିଣ କରାଯାଇ ମନ୍ଦିର ପ୍ରବେଶ କରା ଯାଇଥାଏ । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦେଖିବା ପାଇଁ ଶ୍ରଦ୍ଧାଳୁ ଓ ଭକ୍ତମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିଥାନ୍ତି । ସ୍ୱତନ୍ତ୍ର ପୂଜା ବିଧାନ ସହ ଭକ୍ତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବିତରଣ କରାଯାଇ ଥାଏ । ତେବେ ଶାନ୍ତି ଶୃଙ୍ଖଳାର ସହିତ ଦିଅଁ ଦର୍ଶନକୁ ପାଳନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରା ଯାଇଥିବା ଜଣାପଡିଛି ।

## ବଜାର ନିୟନ୍ତ୍ରଣ କମିଟି ଆକାଉଣ୍ଟାଣ୍ଟ ନିଲମ୍ବିତ

**କେନ୍ଦ୍ରାପଡ଼ା, ୧୪।୧ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ବିବାଦରେ ଥିବା ଅଧିକାରୀ ଜଣଙ୍କୁ ଆଜି ଶେଷରେ ନିଲମ୍ବନ କରାଯାଇଛି । ପୂର୍ବରୁ ଅର୍ଥ ହେରଫେର ଭଳି ସଙ୍ଗୀନ ଅଭିଯୋଗ ଟଙ୍କା ବିରୁଦ୍ଧରେ ଥିଲା । କେନ୍ଦ୍ରାପଡା ବଜାର ନିୟନ୍ତ୍ରଣ କମିଟି ଆକାଉଣ୍ଟାଣ୍ଟ ଅମର କୁମାର ନାୟକ ଲକ୍ଷ ଲକ୍ଷ ଟଙ୍କା ପୂର୍ବ ସରକାର ସମୟରେ ହେରଫେର କରିଥିଲେ। କିନ୍ତୁ ସେହି ସମୟରେ ସରକାରୀ ତଥ୍ୟ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା ସୁଦ୍ଧା ପ୍ରଶାସନ ସମ୍ପୂର୍ଣ୍ଣ ନୀରବ ରହୁଥିଲା । ବର୍ତ୍ତମାନ ଏହି ଅଭିଯୋଗ ପରେ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ନିଲମ୍ବିତ କରିଛନ୍ତି। କେନ୍ଦ୍ରାପଡା ବଜାର ନିୟନ୍ତ୍ରଣ କମିଟି ତଥା ଆର ଏମ ସି ପୂର୍ବତନ ସେକ୍ରେଟେରୀ ବର୍ତ୍ତମାନର ଆକାଉଣ୍ଟାଣ୍ଡ ଅମର ନାୟକଙ୍କ କମିଟି ଟଙ୍କାର ହିସାବ ଦେଇପାରିନଥିଲେ । ଆରଏମସି କମିଟିର କ୍ୟାସ ବୁକ ନାହିଁ କି କୋଟି କୋଟି ଟଙ୍କାର ହିସାବ ମଧ୍ୟ ମିଳୁନି ।

**ତହସିଲ କାର୍ଯ୍ୟାଳୟ ଓ ଇଟା ମାଫିଆଙ୍କ ମଧୁଚନ୍ଦ୍ରିକା**

# ଚିତ୍ରୋତ୍ପଳା କୂଳରେ ମାଳମାଳ ବେଆଇନ ଇଟାଭାଟି

**ଗରଦପୁର/ମାର୍ଶାଘାଇ, ୧୪।୧ (ସଂଚାର ବ୍ୟୁରୋ):** ଚିତ୍ରୋତ୍ପଳ ନଦୀ କୂଳ ତଥା ସରକାରୀ ଜାଗାରେ ମାଳମାଳ ମାଟି ଇଟାଭାଟି ମାଫିଆମାନେ ଅବାଧରେ ମାଟିଇଟା ପ୍ରସ୍ତୁତ କରି ମାଲାମାଲ୍ ହେଉଛନ୍ତି। ଖାଲିଯେ ନଦୀ କୂଳରେ ମାଟି ଇଟାଭାଟି ନିର୍ମାଣ ହେଉଛି ତାହା ନୁହେଁ ବିଭିନ୍ନ ସ୍ଥାନର ଗାଁ ଜନବସତି ନିକଟରେ ମଧ୍ୟ ବେଆଇନ ମାଟି ଇଟାଭାଟି ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନକୁ ଅଞ୍ଚଳବାସୀ ବିଭିନ୍ନ ସମୟରେ ଅବଗତ କରିବା ସତ୍ତ୍ୱେ ଏଥିରେ ରୋକ୍ ଲାଗୁନାହିଁ। ତହସିଲଦାର ଏହି ମାଟି ଇଟଭାଟିକୁ ଯାଇ ବିନା କାର୍ଯ୍ୟାନୁଷ୍ଠାନରେ ଫେରିଆସୁଛନ୍ତି । ଫଳରେ ରାଜସ୍ୱ ବିଭାଗ ଓ ବେଆଇନ ମାଟିଇଟା ମାଫିଆଙ୍କ ମଧୁଚନ୍ଦ୍ରିକା ଚାଲିଥିବା ଅଭିଯୋଗ ହେଉଛି । ଯାହା ଫଳରେ ପ୍ରତିବର୍ଷ ଚିତ୍ରୋତ୍ପଳ ନଦୀ କୂଳ ଖାଇଚାଲିଛି। କୋଇଲା ଧୂଆଁ ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଛି। ଏ



ନେଇ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହି ବେଆଇନ ଇଟାଭାଟିଗୁଡ଼ିକୁ ଉଚ୍ଛେଦ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଲେଇଶୁଣି ମକର ମେଳା ଉଦ୍‌ଘାଟିତ

**ଗରଦପୁର, ୧୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଓ ଜଗତସିହପୁର ଜିଲ୍ଲାର ମିଳନସ୍ଥଳ ଗରଦପୁର ବ୍ଲକ ଚିତ୍ରୋତ୍ପଳା ନଦୀପଠା ପଳସୁଦା ଠାରେ ଐତିହାସିକ ୬୧ ତମ ବିଲେଇଶୁଣି ମକର ମେଳା ଉଦଘାଟିତ ହୋଇଯାଇଛି । ରୀତିନୀତି ଅନୁଯାୟୀ ଚିତ୍ରୋତ୍ପଳା ନଦୀରୁ କଳସ ଆସି ମଣ୍ଡପରେ ପତାକା ପୋତା ହେବାପରେ ନିକଟରଜ ଥିବା ବିଲେଇଶୁଣି ଠାକୁରାଣୀ ନିକଟରେ ଘଟ ସ୍ଥାପନା ପରେ ମକର ମଣ୍ଡପ ନିକଟରେ ଥିବା ବଜ୍ରମହାକାଳୀ ଠାକୁରାଣୀ ଙ୍କ ନିକଟରେ କଳସ ସ୍ଥାପନା ପରେ ତିନିଦିନ ଧରି ଆରମ୍ଭ ହେବାକୁ ଥିବା ଯଜ୍ଞ ପାଇ ଅଙ୍କୁରାପଣ ହୋଇଥିଲା । ତେବେ ଏହି ମକର ମେଳା ସାତ ଦିନଧରି ଚାଲିବ। ପ୍ରତେକ ଦିନ ଓ ରାତ୍ରି ଯାତ୍ରା ଅନୁଷ୍ଠିତ ହେବ । ଏହି ମେଳା ଆରମ୍ଭ ନେଇ ବ୍ୟବସାୟୀ ମାନେ ନିଜର ପସରା ମେଳାଇଥିବା ବେଳେ ରାଜ୍ୟ ରୁ ବିଭିନ୍ନ ଜିଲ୍ଲାରୁ ଜନସାଧରଣ ଆସିବାରେ ଲାଗିଛନ୍ତି। ଏହି କାର୍ଯକ୍ରମକୁ ସ୍ଥାନୀୟ ଜଗତସିହପୁର ଜିଲ୍ଲାର କନିମୂଳ ସମେତ କେନ୍ଦ୍ରାପଡା ଜିଲ୍ଲାର ତେଣ୍ଡାକୁଡା,ପଳସୁଧା,ବନ୍ତଳା, ତଳକୁସମା ପଞ୍ଚାୟତର ପ୍ରାୟ ୬୧ ଗ୍ରାମର ଅଧିବାସୀମାନେ ସହଯୋଗ କରୁଥିବା ବେଳେ ବଜ୍ରମହାକାଳୀ ସାଂସ୍କୃତିକ କମିଟିର ସଭ୍ୟମାନେ ପରିଚାଳନା କରୁଛନ୍ତି ।

# ମହାକାଳପଡ଼ାର ସୁବାଷ ଫଳାଇଛନ୍ତି ଥାଇଲାଣ୍ଡ ବରକୋଳି

**ମହାକାଳପଡ଼ା, ୧୪।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ାର ମାଟିରେ ଫଳିଛି ଥାଇଲାଣ୍ଡ ବରକୋଳି। ଖାଲି କୋଳି ଫଳିନି ବରଂ ଲାଲ୍ ସବୁଜ ରଙ୍ଗର କୋଳି ପାଚିକି ସୁନ୍ଦର ମଧ୍ୟ ଦେଖାଯାଉଛି। ହେଲେ ମହାକାଳପଡା ମାଟିରେ ଏ ଥାଇଲାଣ୍ଡ ବରକୋଳି ଫଳିବା କଥା ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ହେଲେ ଘଟଣାଟି ସମ୍ପୂର୍ଣ୍ଣ ସତ।

ମହାକାଳପଡ଼ା ବ୍ଲକ ବଡକୂଳ ଗ୍ରାମ ପଞ୍ଚାୟତ ବଡକୂଳ ଗ୍ରାମରେ ଦେଖିବାକୁ ମିଳିଛି ଏ ଦୃଶ୍ୟ। ଗ୍ରାମର ନିମାଇଁ ଚରଣ ସ୍ୱାଇଁଙ୍କ ପୁତ୍ର ସୁବାଷ ସ୍ୱାଇଁ (୩୫) ତାଙ୍କ ବାଡିରେ ଫଳାଇଛନ୍ତି ଏହି ସୁଆଦିଆ ଓ ସୁନ୍ଦର ପ୍ରଜାତିର ଥାଇଲାଣ୍ଡ ବରକୋଳି। ସୁବାଷ ପେଶାରେ ଜଣେ ସାମ୍ବାଦିକ। ହେଲେ ନୂଆ ନୂଆ ପ୍ରଜାତିର ଗଛ ଲଗାଇବା ତାଙ୍କର ଭାରି ସଉକ। ଥାଇଲାଣ୍ଡ ବରକୋଳି ଲଗାଇବା ପାଇଁ ସେ ମନ କରିଥିଲେ। ଅନଲାଇନ୍ ଯୋଗେ ସେ ଥାଇଲାଣ୍ଡ ବରକୋଳି ଚାରା ଗଛ ପାଇଁ ଯୋଗାଯୋଗ କରି ଗଛ ମଗାଇଥିଲେ। ଗତ ୨୦୨୪ ମସିହା ଜାନୁୟାରୀ ୨୮ ତାରିଖରେ ତାଙ୍କ ପାଖରେ ୪ ଗୋଟି ଗଛ ପହଞ୍ଚିଥିଲା। ପ୍ରତି ଗଛ ପ୍ରତି ୧୨୦ ଟଙ୍କା ହିସାବରେ



ତାଙ୍କୁ ୪୮୦ ଟଙ୍କା ଖର୍ଚ୍ଚ କରିବାକୁ ପଡିଥିଲା। ନୂଆ ଆଶା ଓ ନୂଆ ପ୍ରଜାତିର ଗଛ ପାଇ ନିଜ ବାଡ଼ିରେ ସୁବାଷ ଗଛ ଗୁଡ଼ିକୁ ଯତ୍ନରେ ଲଗାଇଥିଲେ। ବର୍ଷକ ଭିତରେ ଗଛ ଗୁଡିକରୁ ଫଳ ମଧ୍ୟ ଫଳିଛି। ୪ଗୋଟି ଗଛ ମଧ୍ୟରୁ ୩ ଗୋଟି ଅଲଗା ପ୍ରଜାତିର ଫଳ ଫଳିଥିବା ବେଳେ ଗୋଟିଏ ଗଛ ଥାଇଲାଣ୍ଡ ବରକୋଳି ପ୍ରଜାତିର ଫଳ ଫଳିଛି। ପ୍ରଥମଥର କରି ସୁବାଷ ନିଜ ବାଡ଼ିରେ ଥାଇଲାଣ୍ଡ ବରକୋଳି ଫଳିଥିବା ଦେଖି ବହୁତ ଖୁସି ଅଛନ୍ତି।

କୋଳି ଗୁଡିକ ଦେଖିବାକୁ ଯେମିତି ସୁନ୍ଦର ତା'ର ସ୍ୱାଦ ମଧ୍ୟ ସେତିକି ମଧୁର। ବର୍ଷକର ଗଛରୁ ୫ କେଜି ରୁ ଅଧିକ କୋଳି ଫଳିଛି। ଯାହାର ବଜାର ଚାହିଦା ଭଲ ରହିଥିବା ବେଳେ କେଜି ୮୦ ଟଙ୍କା ରହିଛି। ଏହି କୋଳି ଚାଷ କଲେ ଭଲ ଲାଭ ମିଳିପାରିବ। ଆଗାମୀ ଦିନରେ ୫୦ ଥାଇଲାଣ୍ଡ ବରକୋଳି ଗଛ ଲଗାଇବା ପାଇଁ ସୁବାଷ ଲକ୍ଷ ରଖିଛନ୍ତି। ଏତଦବ୍ୟତୀତ ସେ ତାଙ୍କ ବାଡିରେ ଡ୍ରାଗନ ଫଳ, ଚେରି କୋଳି, ଜାପାନ ର ମିଆଜାକି ଆମ୍ବ, ନେପାଳ ପ୍ରଜାତିର ନଡ଼ିଆ ଗଛଗୁଡ଼ିକ ଲଗାଇଛନ୍ତି। ଯାହା ମହାକାଳପଡ଼ା ଅଞ୍ଚଳ ପାଇଁ ସମ୍ପୂର୍ଣ୍ଣ ନୂଆ।

## ଚଉଦକୁଲାଟ ପ୍ୟାକ୍ସରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା, ୧୪।୧ (ସଂଚାର ବ୍ୟୁରୋ):** ଚଉଦକୁଲାଟ କୃଷି ସମବାୟ ସମିତିରେ ଚାଷୀ ଭାଇ ମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରିବା ସହିତ ଧାନ ମଣ୍ଡି ଉଦ୍‌ଘାଟନ କରାଯାଇଛି। ଏହି ପାନୀୟ ଜଳ ପ୍ରକଳ୍ପ ଜିଲ୍ଲା ପରିଷଦ ପାଣ୍ଠିରେ ପ୍ରାୟ ଦେଢ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନା କରା ଯାଇଛି । ସମିତିର ସଭାପତି ଦୁର୍ଗାଶିଷ ମହାନ୍ତିଙ୍କ ପୌରହିତ୍ୟ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏମଆଇ ସରୋଜିନୀ ଦଳାଇ, ଆର.ଆଇ ନଗେନ୍ଦ୍ର ପ୍ରଧାନ, ସଂପାଦକ ହେମନ୍ତ ପାତ୍ର, ସରପଂଚ ରମାକାନ୍ତ ମଲିକ, ଦେବେନ୍ଦ୍ର ପରିଡା, ବିଭୂତି ଭୂଷଣ ମଲିକ ପ୍ରମୁଖ ଯୋଗ ଦେଇ ଚାଷୀମାନେ କିଭଳି ସୁରୁଖୁରୁ ରେ ନିଜର ଧାନ ବିକ୍ରି କରିପାରିବେ ସେ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ ।

# ପଟ୍ଟାମୁଣ୍ଡାଇରେ ବିଭିନ୍ନ ଶୈବ ପୀଠରେ ମକର ସଂକ୍ରାନ୍ତି ପାଳିତ

**ପଟ୍ଟାମୁଣ୍ଡାଇ, ୧୪।୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ଶୈବ ପୀଠରେ ପବିତ୍ର ମକରସଂକ୍ରାନ୍ତି ଉତ୍ସବ ବିପୁଳ ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଯାଇଛି। ସମଗ୍ର ଉତିକଣ ଅଂଚଳର ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ଚନ୍ଦ୍ରମଉଳିଙ୍କ ପୀଠରେ ମକର ମେଳା ଆରମ୍ଭ ହୋଇଛି । ପବିତ୍ର ମକର ସଂକ୍ରାନ୍ତି ଅବସରରେ ଆୟୋଜିତ ମକର ମେଳା ପାଇଁ ପ୍ରତ୍ୟୁଷରୁ ଠାକୁରଙ୍କ ପୂଜାର୍ଚ୍ଚନା ଓ ସମସ୍ତ ନୀତିକ୍ରାନ୍ତି ସମାପନ କରାଯାଇ ଅପରାହ୍ନରେ ପ୍ରଭୁ ଚନ୍ଦ୍ରମଉଳି, ମାତା ପାର୍ବତୀଙ୍କ ସ୍ୱର୍ଣ୍ଣିମ ପ୍ରତିମୂର୍ତ୍ତିକୁ ଏକ ସୁସଜ୍ଜିତ ପାଲିଙ୍କିରେ ବିଜେ କରାଯାଇ ମନ୍ଦିର ବେଢ଼ା ପରିକ୍ରମା କରାଯଇଥିଲା ।

ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ,ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସମେତ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନର କର୍ମକର୍ତ୍ତା ଓ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ସଦର ଥାନା ଭାରପ୍ରାପ୍ତ ଅଧିକାରୀ ପଦ୍ମାଳୟା ପ୍ରଧାନ ପୋଲିସ ଫୌଜ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ପୌର ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି

**ଚନ୍ଦ୍ରମଉଳିରେ ବିପୁଳ ଜନସମାଗମ**

ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କାଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇ ପ୍ରଭୁଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ପତିତପାବନ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ସମାରୋହ ରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷ ରୁ ମନ୍ଦିର ପୂଜକଙ୍କ ଦ୍ୱାରା ପ୍ରଭୁ ପତିତପାବନଜୀଉଙ୍କ ସମେତ ସମସ୍ତ ଦେବାଦେବୀଙ୍କ ପୂଜାର୍ଚ୍ଚନା ଓ ସମସ୍ତ ନୀତିକ୍ରାନ୍ତିସମାପନ ପରେ ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣ ଚନ୍ଦ୍ର ଦାଶ, ସମ୍ପାଦକ ନରହରି ଲେଙ୍କା, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଓ ପ୍ରମୋଦ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୀତା ଯଜ୍ଞ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବିଧାୟକ, ବ୍ଲକ ଅଧକ୍ଷ, ପୌର ପରିଷଦ ଅଧକ୍ଷଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ। ଏଥି ସହିତ ପଟ୍ଟାମୁଣ୍ଡାଇ ରାଧାରମଣ ମଠସ୍ଥ ଗୋପେଶ୍ୱର ମହାଦେବ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି । ସେହିପରି କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିରରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ମନ୍ଦିର ପୂଜକଙ୍କ ଦ୍ୱାରା ପ୍ରଭୁଙ୍କ ପୂଜାର୍ଚ୍ଚନା ଓ ସମସ୍ତ ନୀତିକ୍ରାନ୍ତି କରାଯାଇଥିଲା । ଏହାଛଡା ପଟ୍ଟାମୁଣ୍ଡାଇ ଅଂଚଳର ବିଭିନ୍ନ ଶୈବ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁ ବିଭିନ୍ନ ଅଂଚଳ ବୁଲି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ରାଜନଗରର ୮ ୱାର୍ଡ ସଭ୍ୟ ବିଜେପିରେ ସାମିଲ

**ରାଜନଗର, ୧୪।୧ (ସଂଚାର ବ୍ୟୁରୋ):** ରାଜନଗର ପଞ୍ଚାୟତ ୮ଜଣ ୱାର୍ଡ ସଭ୍ୟା ସଭ୍ୟ ଆଜି ବିଜେପିରେ ସାମିଲ ହୋଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶ ଓ ଡବଲ ଇଞ୍ଜିନ ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଉନ୍ନତୀମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆଜି ବିଜେପିରେ ସାମିଲ ହୋଇଛନ୍ତି।



ଭୁବନେଶ୍ୱର ଠାରେ ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ନେତା ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ଭିକାରୀ ଚରଣ ବଳ, ନିତ୍ୟାନନ୍ଦ ସେଠୀ, ପର୍ଶୁରାମ ଦାସ, ବନମାଳା ମଲିକ, ହେମନ୍ତ କୁମାର ସେଠୀ, ଛଇଳା ସେଠୀ, ସର୍ମିଷ୍ଠା ସାହୁ, ଡାଙ୍ଗୁ ସେଠୀ ପ୍ରମୁଖ ବିଜେପିରେ ସାମିଲ ହୋଇଛନ୍ତି। ବିଜେପି ନେତା ଶ୍ରୀ ବେହେରା ନୂତନ ଭାବେ ଯୋଗଦେଇଥିବା ୱାର୍ଡ ସଭ୍ୟ ସଭ୍ୟା ମାନଙ୍କୁ ଦଳିୟ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରିବା ସହ ଏହି ମିଶ୍ରଣ ଦଳକୁ ମଜବୁତ କରିବ ବୋଲି କହିଥିଲେ। ୱାର୍ଡସଭ୍ୟ ସଭ୍ୟା ମାନଙ୍କ ସହିତ ଧ୍ରୁବ ଚରଣ ଲେଙ୍କା, ଶରତ ମଲିକ, ଅର୍ଜୁନ ମଲିକ, ମାଳତୀ ସେଠୀ ପ୍ରମୁଖ ବିଜୁ ଜନତା ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି।

## କ୍ଷେତ୍ରୀୟ ଖଣ୍ଡାୟତ ମହାସଂଘ ପକ୍ଷରୁ କମ୍ବଳ ବଣ୍ଟନ

**କେନ୍ଦ୍ରାପଡ଼ା, ୧୪।୧ (ସଂଚାର ବ୍ୟୁରୋ):** ପବିତ୍ର ମକର ସଙ୍କ୍ରାନ୍ତି ଅବସରରେ କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ଇଛାପୁର ରଥଦାଣ୍ଡ ସ୍ଥିତ ଯାତ୍ରୀନିବାସ ପରିସରରେ ଜିଲ୍ଲା କ୍ଷେତ୍ରୀୟ ଖଣ୍ଡାୟତ ମହା ସଂଘ ପକ୍ଷରୁ ସଭାପତି ଶରତ ବେହୁରାଙ୍କ ନେତୃତ୍ୱରେ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରେ ବସିଥିବା ଦୁଃଖୀ, ଦରିଦ୍ର ଓ ଅସହାୟ ଲୋକ ମାନଙ୍କୁ କମ୍ବଳ ସହିତ ଦକ୍ଷିଣା ଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସୁମନ୍ତ ରାଉତ, ଯୁବ ଆଇନଜୀବୀ ଶାନ୍ତି ସ୍ୱରୂପ ଭୂୟାଁ,ଗୋଲଖ ପଢିହାରୀ, ଚୈତନ୍ୟ ପରିଡା, ଉପଦେଷ୍ଟା ଗଙ୍ଗାଧର ପରିଡା, ବିଶିଷ୍ଟ ସମାଜସେବୀ ଶରୋଜ ପରିଡା, ଚନ୍ଦନ ପରିଡା, ସମାଜସେବୀ ମଧୁସ୍ମିତା ନାୟକ(ମଧୁ), ରଶ୍ମିରଂଜନ ରାଉତ, ଦୀଲ୍ଲିପ ଜେନା, ବିଶ୍ୱଜିତ ବେଉରା, ଗୋଲଖ ପରିଡା, ଦେବଦର୍ଶୀ ସାହୁ, ରାଜକିଶୋର ମହାନ୍ତି, ଅମୂଲ୍ୟ ସାହାଣୀ, ପ୍ରଭାତ ସ୍ୱାଇଁ, ତରୁଣ ପ୍ରଧାନ, ସଂଗ୍ରାମ ଜେନା, ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମକର ସଂକ୍ରାନ୍ତିରେ ପ୍ରଭୁ ଲିଙ୍ଗରାଜଙ୍କ ନିକଟରେ ପ୍ରବଳ ଭକ୍ତ ସମାଗମ।

## ମକର ସଂକ୍ରାନ୍ତିରେ ପ୍ରଭୁ ଲିଙ୍ଗରାଜ ଓପାସ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଆଜି ପବିତ୍ର ମକର ସଂକ୍ରାନ୍ତିରେ ପ୍ରଭୁ ଲିଙ୍ଗରାଜଙ୍କୁ ଓପାସ ରହିବାକୁ ପଡ଼ିଛି। କାରଣ ମନ୍ଦିରରେ ସେବାୟତଙ୍କ ମଧ୍ୟରେ ବିବାଦ କାରଣରୁ ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ରହିଛି। ଗତକାଲି ରାତି ୮ ଟାରୁ ସେବାୟତଙ୍କ ମଧ୍ୟରେ ବିବାଦ ଆରମ୍ଭ ହେବା ପରେ ଏହାର ସମାଧାନ ହୋଇପାରି ନଥିବାରୁ ଆଜି ମକର ନୀତି ହୋଇପାରିନାହିଁ। ସନ୍ଧ୍ୟା ଧୂପ ପରଠାରୁ ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ରହିଥିବାରୁ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନୀତିକାନ୍ତି ବନ୍ଦ ହୋଇଥିବାରୁ ମକର ମଣ୍ଡପରେ ଗତକାଲି ସନ୍ଧ୍ୟାରୁ ଲିଙ୍ଗରାଜ ମହାପ୍ରଭୁ ବସି ରହିଛନ୍ତି। ଏନେଇ ଜନୈକ ସେବାୟତ କହିଛନ୍ତି ଯେ ଗତକାଲିର ପବିତ୍ର ପୁଷ୍ୟାଭିଷେକ ସନ୍ଧ୍ୟା ଧୂପ ପରେ ମକର ମଣ୍ଡପରେ ଲିଙ୍ଗରାଜ ମହାପ୍ରଭୁ ବିଜେ ହୋଇଥିଲେ। ପରେ ମହାସୁଆରଙ୍କ ଦ୍ୱାରା ଦୁଗ୍ଧ ଆଉଟା ହୋଇ ଘୃତ କମଳ ପ୍ରସ୍ତୁତ ହେବା ସହ ଆଜି ମକର ସଂକ୍ରାନ୍ତି ନିମନ୍ତେ ଘୃତ୍ୟ କମଳ ଲାଗି ହେବା କଥା। କିନ୍ତୁ ଆଜି ପୁନର୍ବାର ବଡୁ ସେବାୟତ ଏକାକୀ ଏହି ନୀତି ନିଜେ ସମ୍ପାଦନ କରିବା ସକାଶେ ଅଡ଼ି ବସିଥିଲେ। ଏହାକୁ ନେଇ ବିବାଦ ଉପୁଜିଥିଲା। ପୂଜା ପଣ୍ଡା ନିଯୋଗ ଏହାକୁ ବିରୋଧ କରିବା ସହ ନୀତିରେ ଆଦୌ ସହଯୋଗ କରି ନଥିଲେ। ଫଳସ୍ୱରୂପ ମହାପ୍ରଭୁ ମକର ମଣ୍ଡପରେ ଗତକାଲି ସନ୍ଧ୍ୟାରୁ ବସି ରହିଛନ୍ତି। ନୀତିକାନ୍ତି ବନ୍ଦ ରହିଥିବାରୁ ନା କୌଣସି ନୀତି ହୋଇଛି ନା ଦିଅଁ ଦକ୍ଷିଣ ଘରକୁ ବିଜେ ହୋଇପାରିଛନ୍ତି। ଏପରି ନୀତିକାନ୍ତି ବନ୍ଦ ପ୍ରତିବାଦରେ ପୂଜା ପାଣ୍ଡା ନିଯୋଗ ଏକାଠି ହୋଇ ସିଂହଦ୍ୱାରରେ ଏହାର ମିଳିତ ପ୍ରତିବାଦ କରିବ ବୋଲି ଉକ୍ତ ସେବାୟତ ଜଣଙ୍କ କହିଛନ୍ତି। ସେ କହିଛନ୍ତି ଯେ ବଡୁ ସେବାୟତଙ୍କ ବାରମ୍ବାର ଏପରି ମନମୁଖୀ କାର୍ଯ୍ୟ ଯୋଗୁଁ ସେମାନେ ଠାକୁରଙ୍କ ନୀତିକାନ୍ତି ସମ୍ପନ୍ନ କରିପାରୁନାହାନ୍ତି। ବଡୁ ସେବାୟତ ଭକ୍ତଙ୍କୁ ଲୁଟି ଭେଟ ଆକାରରେ ଅର୍ଥ ଉପାର୍ଜନ କରୁଛନ୍ତି ବୋଲି ଉକ୍ତ ସେବାୟତ ଜଣଙ୍କ ଅଭିଯୋଗ କରିଛନ୍ତି। ଏଥିସହ ନିଜ ହକ ପାଇଁ ସର୍ବସାଧାରଣ ଦର୍ଶନକୁ ବନ୍ଦ କରାଯିବ, ଯାହାଦ୍ୱାରା ପ୍ରଶାସନର ନିଦ ଭାଙ୍ଗିବ ଓ ଠାକୁରଙ୍କ ନୀତିକାନ୍ତି ସ୍ୱାଭାବିକ ହୋଇପାରିବ ବୋଲି ସେ କହିଛନ୍ତି।

## ଗୁଡ଼ି ସୂତା ଲାଗି ୨ ଆହତ

**କଟକ,୧୪।୧(ସଂଚାର ବ୍ୟୁରୋ):** ପୁଣି ଗୁଡ଼ି ସୂତା ଲାଗି ଦୁଇ ଜଣ ଆହତ। ଆଜି କଟକ ନୂଆ ବଜାର ଓଭରବ୍ରିଜ ଉପରେ ଘଟିଛି ଏହି ଅଘଟଣ। ପ୍ଲାଷ୍ଟିକ ଚାଇନା ସୂତା ଦୁଇ ବାଇକ୍ ଆରୋହୀଙ୍କ ବେକରେ ଲାଗିଥିଲା। ଜଣଙ୍କ ନାକ କଟିଥିବା ବେଳେ ଆଉ ଜଣଙ୍କ ଆଙ୍ଗୁଠି ଓ ବେକ କଟିଛି। ଜଣଙ୍କ ଘର କଟକ ବୟାଳିଶ ମୌଜାରେ ଓ ଅନ୍ୟ ଜଣଙ୍କ ଘର ଜଗତସିଂହପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି।ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ଜଣେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରି ଯାଇଛନ୍ତି। ସୂଚନାଯୋଗ୍ୟ, ଗତକାଲି କଟକ ତ୍ରିଶୁଳିଆରେ ଜଣଙ୍କ ବେକରେ ଗୁଡ଼ି ସୂତା ଲାଗି ଯିବାରୁ ସେ ଆହତ ହୋଇଥିଲେ।

# କଳାହାଣ୍ଡିର ୧୦୦ ଅଙ୍ଗନବାଡ଼ି କେନ୍ଦ୍ର ହେବ ଅତ୍ୟାଧୁନିକ ନନ୍ଦଘର

**କଳାହାଣ୍ଡି,୧୪।୧ (ସଂଚାର ବ୍ୟୁରୋ):** ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲ୍ଲାରେ ପ୍ରାରମ୍ଭିକ ଶୈଶବ ଯତ୍ନ ଓ ଶିକ୍ଷାର ଉନ୍ନତି ପାଇଁ ବେଦାନ୍ତ ଆଲୁମିନିୟମର ଅନିଲ ଅଗ୍ରୱାଲ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ (ଡିଏସଡବ୍ଲ୍ୟୁଓ) ସହ ବୁଝାମଣାପତ୍ର ସ୍ୱାକ୍ଷର କରି ୧୦୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାଧୁନିକ 'ନନ୍ଦଘର'ରେ ପରିଣତ କରିବା ଉଦ୍ଦେଶ୍ୟରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯାଇଛି।ଏହି ବୁଝାମଣାପତ୍ର ସ୍ୱାକ୍ଷର ଉତ୍ସବରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ ନିଶା ଏବଂ ଜିଲ୍ଲାର ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଉପସ୍ଥିତ ଥିଲେ।

ଲାଞ୍ଜିଗଡ଼, ଥୁଆମୂଳ ରାମପୁର ଓ ମଦନପୁର ରାମପୁର ବ୍ଲକର ୫୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାଧୁନିକ ନନ୍ଦ ଘର ରେ ପରିଣତ କରାଯିବା ସହ ପ୍ରାରମ୍ଭିକ ଶିଶୁ ବିକାଶ ପାଇଁ ଭିତ୍ତିଭୂମି ସହାୟତା ଓ ସେବା ଯୋଗାଇ ଦିଆଯିବ ଏବଂ ଅବଶିଷ୍ଟ ୫୦ଟି ଅଙ୍ଗନବାଡ଼ି କେନ୍ଦ୍ରକୁ କଳାହାଣ୍ଡି ଜିଲ୍ଲାର ଅନ୍ୟ ବ୍ଲକରେ ଉନ୍ନତିକରଣ କରାଯିବ।ବେଦାନ୍ତର ଏହି ପ୍ରୟାସକୁ ପ୍ରଶଂସା କରି ଡିଏସଡବ୍ଲ୍ୟୁଓ ଶ୍ରୀମତୀ ମୁଜିବୁନ୍ ନିଶା କହିଛନ୍ତି ଯେବେଦାନ୍ତର ସହଯୋଗକୁ ଆମେ ସ୍ୱାଗତ କରୁଛୁ। ନନ୍ଦ ଘର ଅଭିଯାନ କେବଳ ଶିକ୍ଷଣ କେନ୍ଦ୍ର ସୃଷ୍ଟି

### ଜିଲ୍ଲା ସମାଜ କଲ୍ୟାଣ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ




କରୁନାହିଁବରଂ ସୁରକ୍ଷିତ ସ୍ଥାନ ନିର୍ମାଣ କରୁଛି ଯାହା ଶିଶୁ ଏବଂ ମହିଳାଙ୍କ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରେ ।

ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା ତୃଣମୂଳ ସ୍ତରର ବିକାଶ ପାଇଁ ବେଦାନ୍ତ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ନନ୍ଦ ଘର ହେଉଛିଆମର ପ୍ରମୁଖ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଏବଂ ଏହା ଅଙ୍ଗନୱାଡି ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଉଛି।କଳାହାଣ୍ଡି ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହ ମିଶି ଏହି ଅଞ୍ଚଳରେ ନନ୍ଦଘରର ନେଟୱର୍କକୁ ବିସ୍ତାର କରିବା ସହ ଏହି ଅଞ୍ଚଳରେ ସ୍ଥାୟୀ, ଅର୍ଥପୂର୍ଣ୍ଣ ପ୍ରଗତି କରିବାର ଆମର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ଗର୍ବିତ ବୋଲି ଶ୍ରୀ ଗୁପ୍ତା କହିଛନ୍ତି।

ଉଲ୍ଲେଖନୀୟ ଯେ ୨୦୧୫ରେ ଆରମ୍ଭ ହୋଇଥିବା ନନ୍ଦ ଘର ହେଉଛି ବେଦାନ୍ତର ପ୍ରମୁଖ ଗୋଷ୍ଠୀ ଭିତ୍ତିକ ପଦକ୍ଷେପ, ଯାହା ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସହଯୋଗରେ ଅନିଲ ଅଗ୍ରୱାଲ ଫାଉଣ୍ଡେସନ ତତ୍ତ୍ୱାବଧାନରେ ବିକଶିତ ହୋଇଛି। ଏଠାରେ ୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ପ୍ରାକ୍ ବିଦ୍ୟାଳୟ ପ୍ରସ୍ତୁତି, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ଘରକୁ ରାସନ ଯୋଗାଣ ମାଧ୍ୟମରେ ସୁସ୍ଥ ପୋଷଣ,ସ୍ୱାସ୍ଥ୍ୟକର୍ମୀଙ୍କମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ମହିଳାମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ବିକାଶ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ସାମଗ୍ରିକ ସେବା ପ୍ରଦାନ କରିଥାଏ ।

ବର୍ତ୍ତମାନ ଓଡ଼ିଶାରେ ପାଖାପାଖି ୨୦୦ଟି ନନ୍ଦଘର କାର୍ଯ୍ୟକରୁଛି, ଯେଉଁଥିରେ ୧୨୭ଟି ଗାଁର ୭,୦୦୦ରୁ ଅଧିକ ପିଲା ଉପକୃତ ହେଉଛନ୍ତି, ।ସୂଚନାଯୋଗ୍ୟ, ବେଦାନ୍ତ ଆଲୁମିନିୟମଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ରଣନୈତିକ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ।ଏହି ପଦକ୍ଷେପଗୁଡ଼ିକ ଏହାର ପରିଚାଳନା କ୍ଷେତ୍ର ମଧ୍ୟରେ ଏବଂ ବାହାରେ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ସୂଚାଇଥାଏ। ସ୍ଥାନୀୟ କର୍ତ୍ତୃପକ୍ଷ, କଲ୍ୟାଣକାରୀ ସଂଗଠନ ଏବଂ ସମୁଦାୟ ସଦସ୍ୟଙ୍କ ସହଯୋଗରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ଦିଗରେ ସକ୍ରିୟ ଭାବେ ଯୋଗଦାନ ଦେଇଥାଏ।

### ଯାତ୍ରା କମିଟି-ପୁଲିସ୍ ପ୍ରଶାସନ ବୈଠକରେ ନିଷ୍ପତ୍ତି

## ଖଣ୍ଡଗିରି ମଞ୍ଚରେ ଅଶ୍ଳୀଳ ନୃତ୍ୟ ମନା, ଭାଗନେବେ ୧୨ ଯାତ୍ରା ଦଳ

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଆସନ୍ତା ମାସ ପ୍ରାରମ୍ଭରେ ଖଣ୍ଡଗିରିରେ ମାଘମେଳା ଆରମ୍ଭ ହେବାକୁ ଥିବା ବେଳେ ଯାତ୍ରା ମଞ୍ଚରେ ଅଶ୍ଳୀଳତା ରୋକିବା ସକାଶେ ଠୋସ୍ ନିଷ୍ପତ୍ତି ହୋଇଛି। ଖଣ୍ଡଗିରି ମାଘମେଳା ସମୟରେ ଯାତ୍ରା ମହାକୁମ୍ଭ ଆୟୋଜିତ ହେଉଥିବା ବେଳେ ବିଗତ ଦିନରେ ଅଶ୍ଳୀଳ ନୃତ୍ୟ ପରିବେଷଣ କାରଣରୁ ବିଭିନ୍ନ ମହଲରେ ଏହି ମହୋତ୍ସବ ସମ୍ପର୍କରେ ନକାରାତ୍ମକ ଧାରଣା ସୃଷ୍ଟି ହୋଇଛି। ବିଭିନ୍ନ ସମୟରେ ବ୍ୟାବସାୟିକ ଫାଇଦା ପାଇବା ସକାଶେ ଯାତ୍ରା ମାଲିକମାନେ ଶସ୍ତା ମନୋରଞ୍ଜନ ଯୋଗାଇଦେବାକୁ ଆଦୌ କୁଣ୍ଠାବୋଧ କରିନାହାନ୍ତି। କିନ୍ତୁ ଚଳିତ ବର୍ଷ ଏପରି ଅଶ୍ଳୀଳ ନୃତ୍ୟକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ତେଣୁ ନିଶା ମହାରଣା ଓ ସାହୁ ଭାଉଜ ପରି ଆଇଟମ୍ ନୃତ୍ୟ ପରିବେଷଣ କରୁଥିବା କଳାକାରମାନେ ଆଉ ଖଣ୍ଡଗିରି ମଞ୍ଚରେ ନୃତ୍ୟ କରିବାର ସୁଯୋଗ ପାଇବେ ନାହିଁ। ଆଜି ପୁଲିସ ପ୍ରଶାସନ ଓ ଯାତ୍ରା କମିଟି ମଧ୍ୟରେ ହୋଇଥିବା ଏକ ବୈଠକରେ ଏପରି ନିଷ୍ପତ୍ତି ହୋଇଛି। ଅବଶ୍ୟ ଏହି ନିଷ୍ପତ୍ତି କେତେଦୂର ମଞ୍ଚରେ ପରିଲକ୍ଷିତ ହେଉଛି, ତା' ଯାତ୍ରା ମହୋତ୍ସବ ଆରମ୍ଭ ହେବା ପରେ ଜଣାପଡ଼ିବ।

ଆଗାମୀ ମାଘ ସପ୍ତମୀରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ମହାକୁମ୍ଭ ଅବସରରେ ରଙ୍ଗିନ ଆଲୋକମାଳାରେ ଭୁବନେଶ୍ୱର ଉପକଣ୍ଠସ୍ଥ ଖଣ୍ଡଗିରି ପାଦଦେଶ। ଯାତ୍ରା ଦେଖିବା ସକାଶେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ବ୍ୟତୀତ ବିଭିନ୍ନ ସ୍ଥାନରୁ ଦର୍ଶକ ଏଠାକୁ ଆସିଥାନ୍ତି। ତେବେ ଗତବର୍ଷଗୁଡ଼ିକରେ ଯାତ୍ରାକୁ ନେଇ ଯେତିକି ଚର୍ଚ୍ଚା ହୋଇନାହିଁ, ତା'ଠାରୁ ଅଧିକ ଚର୍ଚ୍ଚା ସାଉଣ୍ଟିଛି ଅଶ୍ଳୀଳ ନୃତ୍ୟ। ନୃତ୍ୟାଙ୍ଗନାମାନେ ଲୋକପ୍ରିୟତା ହାସଲ କରିବା ସକାଶେ ଅଶ୍ଳୀଳତାର ସମସ୍ତ ସୀମାସରହଦ ପାର୍ କରିବାର ମଧ୍ୟ ନଜିର ରହିଛି। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରବଳ ଚର୍ଚ୍ଚା, ବିତର୍କ ମଧ୍ୟ ହୋଇସାରିଛି। ଫଳସ୍ୱରୂପ ଯାତ୍ରା ମହାକୁମ୍ଭକୁ ଦୁର୍ନାମ ମୁଣ୍ଡାଇବାକୁ ପଡ଼ିଛି। ଏପରି ଅଶ୍ଳୀଳ ନୃତ୍ୟ ପରିପ୍ରେକ୍ଷୀରେ ଅନେକ ସଚେତନ ଦର୍ଶକ ମଧ୍ୟ ଯାତ୍ରା ଉପଭୋଗ କରିବାକୁ ଉଚିତ ମଣୁନାହାନ୍ତି। କିନ୍ତୁ ଚଳିତ ବର୍ଷ ଯାତ୍ରା ମହାକୁମ୍ଭରେ ଏପରି ଅଶ୍ଳୀଳ ନୃତ୍ୟ ଆଉ ଦେଖିବାକୁ ପଡ଼ିବ ନାହିଁ। ଆଜି ଖଣ୍ଡଗିରି ଥାନା ପରିସରରେ ବସିଥିବା ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶୃଙ୍ଖଳିତ ଯାତ୍ରା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ କରିବା ଭଳି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଏଥର ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ୧୨ଟି ଯାତ୍ରା ପାର୍ଟି ଅଂଶଗ୍ରହଣ କରିବ ବୋଲି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

## ବ୍ୟାପୁଛି ଝାଡ଼ାବାନ୍ତି, ପହଞ୍ଚିଲା ଡାକ୍ତରୀ ଦଳ



**କଣାସ/ପିପିଲି,୧୪।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସରେ କ୍ରମଶଃ ଅଣାୟତ୍ତ ହେଉଛି ଝାଡ଼ାବାନ୍ତି ରୋଗ। ଅଦ୍ୟାବଧି ଝାଡାବାନ୍ତିରେ ୪୦ରୁ ଅଧିକ ଆକ୍ରାନ୍ତ ହୋଇସାରିଲେଣି। କଣାସ ବ୍ଲକର ବିଭିନ୍ନ ଗାଁରେ ସ୍ଥିତି କ୍ରମଶଃ ଗମ୍ଭୀର ହେଉଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ କୋକୁଆ ଭୟ ଖେଳିଯାଇଛି। ଦୂଷିତ ପାଣି କାରଣରୁ ଝାଡ଼ାବାନ୍ତି ବ୍ୟାପୁଥିବା ଅନୁମାନ କରାଯାଉଛି। ଗଡ଼ିଶାଗୋଦା, ଗୋପୀନାଥପୁର, ଜାଗୁଲାଇପଦର ଓ ଯାମଳଗୋଦା ଆଦି ଗ୍ରାମରେ ଏକାଧିକ ଲୋକ ଏହି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଝାଡ଼ାବାନ୍ତି ସଂକ୍ରମଣରେ ଅଦ୍ୟାବଧି ଗଡ଼ିଶାଗୋଦା ଓ କଣାସ ମେଡିକାଲରେ ରୋଗୀମାନଙ୍କ ସଂଖ୍ୟା କ୍ରମଶଃ ବଢ଼ିଚାଲିଛି। ୮ ଦିନ ତଳେ ନୂଆଗାଁର ସାରଥୀ ପ୍ରଧାନ ନାମକ ଜନୈକ ବ୍ୟକ୍ତିଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଗତକାଲି ଉକ୍ତ ଗାଁର ସଚଳା ସାହୁଙ୍କର ମଧ୍ୟ ଏହି ସଂକ୍ରମଣରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଗାଁଲୋକେ ବେଶ୍ ଭୟଭୀତ ହୋଇପଡ଼ିଛନ୍ତି। ତେବେ ସ୍ଥିତିର ଅନୁଧ୍ୟାନ ପାଇଁ ପୁରୀ ଓ ଭୁବନେଶ୍ୱରରୁ ଡାକ୍ତର ଓ ବିଶେଷଜ୍ଞ ଦଳ ସ୍ଥିତି ପରଖିବା ପାଇଁ ଆସି ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି କଣାସ ମେଡିକାଲରେ ୨୮ ଶଯ୍ୟା ବିଶିଷ୍ଟ ଏକ ସ୍ୱତନ୍ତ୍ର ୱାର୍ଡ ପ୍ରସ୍ତୁତ କରାଯାଇଛି।

## କଂସ ବଧ ସହ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ସମାପନ

**ବରଗଡ,୧୪।୧ (ସଂଚାର ବ୍ୟୁରୋ):** ଯେତେ ଶକ୍ତିଶାଳୀ ହେଲେ ମଧ୍ୟ ଅଧର୍ମର ଅନ୍ତ ଓ ଧର୍ମ ସଂସ୍ଥାପନା ନିଶ୍ଚିତ, ଏହି ମର୍ମକୁ ପ୍ରତିପାଦିତ କରି ପ୍ରବଳ ପ୍ରତାପୀ କଂସ ବଧ ସହ ସମାପ୍ତ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ପ୍ରେମ,ଭକ୍ତି,ବିରହ,ଅନ୍ୟାୟ, ଅନୀତି ଓ ଅତ୍ୟାଚାରକୁ ନେଇ ଆରମ୍ଭ ହୋଇଥିବା ଧନୁଯାତ୍ରା ଦୀର୍ଘ ୧୧ ଦିନ ଧରି ଚାଲିଥିବା ମହା ପୌରାଣିକ ନାଟକର ଶେଷରେ ସତ୍ୟ ଓ ଧର୍ମର ଜୟହୋଇଛି। ଜାନୁଆରୀ ୩ ତାରିଖରୁ ଆରମ୍ଭ ହୋଇଥିବା ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପୌଷ ପୂର୍ଣ୍ଣିମା (ଗତକାଲି)ରେ ସମାପ୍ତ ହୋଇଛି । ଧନୁଯାତ୍ରାର ଅନ୍ତିମ ଦିବସରେ କୃଷ୍ଣ ବଳରାମ ମଥୁରାର ଭ୍ରମଣ କରି ମହାରାଜ କଂସଙ୍କ ଧନୁଯାତ୍ରାରେ ପହଞ୍ଚିଥିଲେ। ମହାରାଜ କଂସଙ୍କ ଆଦେଶ ଅନୁଯାୟୀ ରାଜଦରବାରର ସମସ୍ତ ଦ୍ୱାରରେ ନିୟୋଜିତ ଥିଲେ ବଡ଼ ବଡ଼ ଯୋଦ୍ଧା। ପ୍ରଥମ ଦ୍ୱାରରେ ଥିଲା ଶକ୍ତିଶାଳୀ କୁବଳୟା ହସ୍ତୀ। କୁବଳୟା ସହିତ ଗୋଟେ ପରେ ଗୋଟେ ସମସ୍ତ ଯୋଦ୍ଧାଙ୍କୁ ବଧ କରିଥିଲେ କୃଷ୍ଣ ବଳରାମ ଦୁଇଭାଇ। ଶେଷରେ ମହାରାଜ କଂସ ଓ ମହାମନ୍ତ୍ରୀ ଶକ୍ରାଜିତ ଭଗବାନ କୃଷ୍ଣଙ୍କ ପାଖରେ ଆତ୍ମସମର୍ପଣ କରିବା ଦୃଶ୍ୟ ଥିଲା ବେଶ ମନୋରମ । ଯାହା ଦର୍ଶକଙ୍କୁ ମଧ୍ୟ ଆଚମ୍ବିତ କରିଥିବା ବେଳେ ପ୍ରବଳ ପ୍ରତାପୀ କଂସ ମଧ୍ୟ କୃଷ୍ଣ ଭକ୍ତ ତାହା ପ୍ରମାଣିତ ହୋଇଥିଲା ଏବଂ ସବୁବେଳେ ଅଧର୍ମ ଉପରେ ଧର୍ମର ଜୟ, ଅସତ୍ୟ ଉପରେ ସତ୍ୟର ବିଜୟ ହୋଇଥାଏ ତାହା ପ୍ରମାଣିତ ହୋଇଥିଲା। କୃଷ୍ଣଙ୍କ ହାତରେ କଂସ ବଧ ହେବାପରେ ମଥୁରାରେ ଦେଖା ଯାଇଥିଲା ଉତ୍ସବର ମାହୋଲ। କୃଷ୍ଣବଳରାମ ଅଷ୍ଟମଲ୍ଲଙ୍କ ସହ ମହାରାଜ କଂସକୁ ବନ୍ଧ କରି ମଥୁରାବାସୀଙ୍କୁ କଂସର ଅତ୍ୟାଚାରରୁ ମୁକ୍ତ କରାଇଥିଲେ । ଏହାପରେ ଭଗବାନ ଶ୍ରୀକୃଷ୍ଣ ଓ ବଳରାମ ମଥୁରା କାରାଗୃହକୁ ଯାଇ ଦେବକୀ ଓ ବାସୁଦେବଙ୍କୁ ମୁକ୍ତ କରିଥିବା ବେଳେ ମହାରାଜା ଉଗ୍ରସେନଙ୍କ ରାଜ୍ୟାଭିଷେକ କରାଇଛନ୍ତି ।

### ମହାପ୍ରଭୁଙ୍କୁ କ୍ଷମା ମାଗି ମହୋଦଧିରେ ବୁଡ଼ ପକାଇଲେ କଂସ



**ପୁରୀ,୧୪।୧ (ସଂଚାର ବ୍ୟୁରୋ):** ବରଗଡ଼ ଧନୁଯାତ୍ରା ମହୋତ୍ସବ ସୋମବାର ଉଦଯାପିତ ହୋଇଛି। ଦୀର୍ଘ ୧୧ଦିନ ବ୍ୟାପି ହୋଇଥିବା ଏହି ମହୋତ୍ସବରେ ଗତକାଲି କଂସବଧ ହୋଇଛି। କଂସବଧ ପରେ ଉଗ୍ରସେନଙ୍କ ରାଜ୍ୟାଭିଷେକ ହୋଇଥିଲା ଏବଂ ଚଳିତବର୍ଷ ଧନୁଯାତ୍ରା ମହୋତ୍ସବ ସରିଥିଲା। ତେବେ ଏହାପରେ ପୁରୀରେ ପହଞ୍ଚଛନ୍ତି କଂସ। ପୁରୀରେ କଂସ ମହାରାଜ। ପାପମୋଚନ ପାଇଁ ମହୋଦଧିରେ ବୁଡ଼ ପକାଇଛନ୍ତି। ଏଥିସହ ଧନୁଯାତ୍ରାରେ ଅଭିନୟ ବେଳେ ଭଗବାନ କୃଷ୍ଣ-ବଳରାମଙ୍କ ପ୍ରତି କଟୁକ୍ତି କରିଥିବାରୁ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି କ୍ଷମା ପ୍ରାର୍ଥନା କରିଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଜାତୀୟ ସ୍ତରରେ କୃତିତ୍ୱ

**ଭୁବନେଶ୍ୱର,୧୪।୧ (ସଂଚାର ବ୍ୟୁରୋ):** ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ପକ୍ଷରୁ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ପୂର୍ବାଞ୍ଚଳ ଯୁବ ସମାରୋହରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗର ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଛନ୍ତି। କୋଲକାତାର ସିଷ୍ଟର ନିବେଦିତା ବିଶ୍ୱବିଦ୍ୟାଳୟରେ ୬ଟି ରାଜ୍ୟର ୧୮ଟି ବିଶ୍ୱବିଦ୍ୟାଳୟକୁ ନେଇ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତା ଜାନୁୟାରୀ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃନ୍ଦଗାନ, ଏକକ ତବଲା ବାଦନ, ଏକକ ବଂଶୀବାଦନ, ଲୋକ ସଂଗୀତ, ଲୋକନୃତ୍ୟ, ପୋଷ୍ଟର ତିଆରି, ମୃତ୍ତିକା କଳା, ରଙ୍ଗୋଲୀ, ଏକକ ଅଭିନୟ ଓ ଅନୁକରଣ ଅଭିନୟ ପ୍ରତିଯୋଗିତାରେ କୃତିତ୍ୱର ସହ ବିଭିନ୍ନ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସହକାରୀ ପ୍ରଫେସର ଡ. ସାରଳା ପ୍ରସନ୍ନ ଦାସ ଓ ଡ. ସସ୍ମିତା କାମିଲାଙ୍କ ନେତୃତ୍ୱରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନେ ବିଭିନ୍ନ ବିଭାଗରେ କୃତୀତ୍ୱ ଅର୍ଜନ କରି ଆସନ୍ତା ମାର୍ଚ୍ଚ ମାସରେ ନୂଆଦିଲ୍ଲୀରେ ଆୟୋଜିତ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆମ ରାଜ୍ୟ ପାଇଁ ଏହି ସଫଳତା ଅର୍ଜନ କରିଥିବାରୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




## ଦେଶବାସୀଙ୍କ ହୃଦୟରେ ଭେଟେରାନ ସୈନିକଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି



**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଭେଟେରାନ ସୈନିକମାନଙ୍କର ଦେଶ ପ୍ରତି ଅସାଧାରଣ ସେବା, ତ୍ୟାଗ, ସମର୍ପଣ ଓ ଅଦମ୍ୟ ଉତ୍ସାହ ପାଇଁ ଦେଶବାସୀଙ୍କ ହୃଦୟରେ ସେମାନଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ରାଜ୍ୟପାଳ ଡ ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ସ୍ଥାନୀୟ ୧୨୦ ଇନଫାଣ୍ଟ୍ରି ବାଟାଲିଅନ ପରିସରରେ ଅନୁଷ୍ଠିତ ନବମ ସଶସ୍ତ୍ର ସେନା ଭେଟେରାନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ ଓ ସମ୍ମାନ ରକ୍ଷା କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ପାଇଁ ଭେଟେରାନ ସୈନିକଙ୍କଠାରେ ଦେଶବାସୀ ଚିରକୃତଜ୍ଞ ରହିବେ। ଭାରତର ପ୍ରଥମ କମାଣ୍ଡର-ଇନ୍-ଚିଫ୍ ଫିଲ୍ଡ ମାର୍ଶଲ କେ.ଏମ୍. କାରିଆପାଙ୍କ ଦେଶ ପାଇଁ ଉଲ୍ଲେଖନୀୟ ସେବାକୁ ସମ୍ମାନ ଜଣାଇ ସଶସ୍ତ୍ର ସେନା ଭେଟେରାନ ଦିବସ ପାଳନ କରାଯାଇଛି ବୋଲି ଅବତାରଣା କରି ତାଙ୍କର ନେତୃତ୍ୱ ଓ ଦୃଷ୍ଟିଭଙ୍ଗୀ ସବୁବେଳେ ସେନା ତଥା ପ୍ରତିଟି ନାଗରିକଙ୍କୁ ଉଦ୍‌ବୁଦ୍ଧ କରୁଥିବ ବୋଲି ରାଜ୍ୟପାଳ କହିଥିଲେ। ଭେଟେରାନ ସୈନିକମାନେ ସାହସ, ପ୍ରତିବଦ୍ଧତା ଓ ଦେଶପ୍ରେମର ଅନନ୍ୟ ଉଦାହରଣ। ଦେଶର ସୀମା ସୁରକ୍ଷା ଓ ଏହାର ସମ୍ମାନ ରକ୍ଷାରେ ଜୀବନର ଅମୂଲ୍ୟ ସମୟ ଦେଇଥିବା ସୈନିକମାନେ ଅବସର ପରେ ମଧ୍ୟ ସମାଜ ଓ ଦେଶ ବିକାଶରେ ମହନୀୟ ଅବଦାନ ରଖୁଛନ୍ତି। ସେମାନଙ୍କର ଅବଦାନକୁ ସ୍ୱୀକାର କରି ସେମାନଙ୍କର କଲ୍ୟାଣ ପାଇଁ ସମସ୍ତେ ଚିନ୍ତା କରିବା ଦରକାର। ଅବସରପ୍ରାପ୍ତ ସୈନିକମାନଙ୍କର ପେନ୍‌ସନ, ସ୍ୱାସ୍ଥ୍ୟସେବା, ପୁନଃଥଇଥାନ ଇତ୍ୟାଦି କ୍ଷେତ୍ରରେ ସରକାର ପଦକ୍ଷେପ ନେଇଛନ୍ତି ବୋଲି ରାଜ୍ୟପାଳ ଡ଼ କମ୍ଭମ୍ପାଟି କହିଥିଲେ। ଓଏସ୍‌ଇଏଲର ସଭାପତି ଅବସରପ୍ରାପ୍ତ ବ୍ରିଗେଡିୟର ଅନ୍ତର୍ଯ୍ୟାମୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅବସରପ୍ରାପ୍ତ ଲେଫ୍ଟନାଣ୍ଟ୍ ଜେନେରାଲ ଜେକେ ମହାନ୍ତି, ଅବସରପ୍ରାପ୍ତ ଭାଇସ୍ ଆଡମିରାଲ ରମାକାନ୍ତ ପଟ୍ଟନାୟକ, ଅବସରପ୍ରାପ୍ତ ଏୟାର ମାର୍ଶଲ ଜେଏନ ବର୍ମା, ଓଡ଼ିଶା ସରକାରଙ୍କ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଆରକେ ଶର୍ମା, ରାଜ୍ୟ ସୈନିକ ବୋର୍ଡର ସଚିବ କମାଣ୍ଡର ଘନଶ୍ୟାମ ଓଝା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବୀର ନାରୀ, ବରିଷ୍ଠ ଓ ଅତି ବରିଷ୍ଠ ଭେଟେରାନ ସେନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା ଭେଟେରାନମାନଙ୍କ ପାଇଁ ଉଦ୍ଦିଷ୍ଟ ଅନଲାଇନ୍ ସେବାକୁ ରାଜ୍ୟପାଳ ଡ. କମ୍ଭମ୍ପାଟି ଉଦ୍‌ଘାଟନ କରିଥିଲେ। ଶେଷରେ ସର୍ଜନ ଲେଫ୍ଟନାଣ୍ଟ୍ କମାଣ୍ଡର ଅନନ୍ୟା ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳ ବାଟାଲିୟନ ପରିସରସ୍ଥିତ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଅଭିନବ ଉପାୟରେ ମହିଳାଙ୍କଠୁ ଚେନ ଓ ମୁଦି ଲୁଟ୍

**ରାଉରକେଲା,୧୪।୧(ସଂଚାର ବ୍ୟୁରୋ):** ଅଭିନବ ଉପାୟରେ ଜନୈକା ମହିଳାଙ୍କଠାରୁ ଦୁଇ ଜଣ ଲୁଟେରା ସୁନା ଚେନ ଓ ମୁଦି ଲୁଟିନେଇଛନ୍ତି। ରାଉରକେଲା ମାଲଗୋଦାମ ଛକ ମୁଖ୍ୟ ମାର୍ଗରେ ଏହି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ସମଗ୍ର ଲୁଟ୍ ସମୟର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହାକୁ ଭିତ୍ତି କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ କୌଣସି ସଫଳତା ପାଇପାରିନାହିଁ। ମହିଳା ଜଣଙ୍କ ମନ୍ଦିରରୁ ଫେରୁଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କୁ ଜନୈକ ଡାକ୍ତରଙ୍କ କ୍ଲିନିକର ଠିକଣା ପଚାରିଥିଲେ। ପରେ ପୁଅର ମୃତ୍ୟୁ ହୋଇଯିବ, ଘରେ ଅସୁବିଧା ହେବ ଏବଂ ଅନ୍ୟାନ୍ୟ ରିଷ୍ଟ ଘଟିବ ବୋଲି କହି ମହିଳାଙ୍କୁ ଭୁଆଁ ବୁଲାଉଥିଲେ। ଲୁଟେରାଦ୍ୱୟ ଉକ୍ତ ମହିଳାଙ୍କୁ ସୁନା ମୁଦି ଏବଂ ଚେନ ଗଙ୍ଗା ଜଳରେ ଧୋଇବା ପରେ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। ନଚେତ୍ ପରିବାରରେ ଅନିଷ୍ଟ ଘଟିବ ବୋଲି କହି ମହିଳାଙ୍କୁ ମନରେ ଭୟ ସୃଷ୍ଟି କରିଥିଲେ। ସେମାନଙ୍କ ପରାମର୍ଶକୁ ଗ୍ରହଣ କରି ମହିଳା ଜଣଙ୍କ ପିନ୍ଧିଥିବା ସୁନା ମୁଦି ଓ ଚେନ ଖୋଲି ଲୁଟେରାଙ୍କୁ ଦେଇଥିଲେ। ପରେ ସେମାନେ ମହିଳାଙ୍କୁ ୨୧ ପାଦ ଆଗକୁ ଚାଲିଯିବାକୁ କହିଥିଲେ। ମହିଳା ଜଣଙ୍କ ଆଗକୁ ଚାଲିଗଲା ପରେ ଅଭିଯୁକ୍ତଦ୍ୱୟ ସୁନା ଚେନ ଓ ମୁଦିକୁ ଧରି ଫେରାର ହୋଇଯାଇଥିଲେ।

# ଠିକା ପିଇଓ ଭରସାରେ ପଞ୍ଚାୟତ, ବିକାଶ ମନ୍ଥର

**ଭୁବନେଶ୍ୱର,୧୪।୧(ତଥ୍ୟ):** ପଞ୍ଚାୟତ ସ୍ତରରେ ବିକାଶମୂଳକ କାର୍ଯ୍ୟ ମୁଖ୍ୟତଃ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପରେ ନିର୍ଭର କରୁଥିବାବେଳେ ସମସ୍ତ ପଞ୍ଚାୟତରେ ଜଣେ କରି ପିଇଓ ନାହାନ୍ତି। ଦେଢ଼ ହଜାରରୁ ଅଧିକ ପଞ୍ଚାୟତରେ ପିଇଓମାନେ ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟ ତୁଲାଉଥିବାରୁ ବିକାଶର ଗତି ମନ୍ଥର ହେବା ସହିତ ତଳ ସ୍ତରରେ ଅର୍ଥ ଖର୍ଚ୍ଚ ସହଜ ହେଉନାହିଁ। ଗାଁଗହଳରେ ଭିତ୍ତିଭୂମି ବିକାଶଠାରୁ ଆରମ୍ଭକରି ଭତ୍ତା ପ୍ରଦାନ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ପିଇଓମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ସବୁ ପଞ୍ଚାୟତରେ ନିୟମିତ ପିଇଓ ନାହାନ୍ତି। ଦେଢ଼ ହଜାରରୁ ଅଧିକ ପଞ୍ଚାୟତରେ ପିଇଓମାନେ ଅତିରିକ୍ତ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏମାନେ କେଉଁଦିନ କେଉଁ ପଞ୍ଚାୟତରେ କାର୍ଯ୍ୟ କରୁଛନ୍ତି ତାହା ସାଧାରଣ ଲୋକେ ତ ଦୂରର କଥା, ଖୋଦ ସରପଞ୍ଚମାନେ ବି ଜାଣିପାରୁନାହାନ୍ତି। ଏପରିକି ଜଣେ ଜଣେ ପିଇଓ ତ ଦୁଇରୁ ଅଧିକ ପଞ୍ଚାୟତ ଦାୟିତ୍ୱରେ ରହୁଛନ୍ତି।




କଟକ ଜିଲ୍ଲାର ୧୨୦ଟି ପଞ୍ଚାୟତ ଅତିରିକ୍ତ ପିଇଓଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ଏହି ସଂଖ୍ୟା ୯୦, ଯାଜପୁରରେ ୮୧, ଖୋରଧାରେ ୮୦, କେନ୍ଦ୍ରାପଡ଼ାରେ ୭୨, ନବରଙ୍ଗପୁରରେ ୭୦, ଭଦ୍ରକରେ ୬୬, ଜଗତ୍‌ସିଂହପୁର ଜିଲ୍ଲାରେ ୬୫ ରହିଛି। ସବୁ ଜିଲ୍ଲାରେ ଏକାଧିକ ପଞ୍ଚାୟତ ଅତିରିକ୍ତ ପିଇଓଙ୍କ ହାତରେ ଚାଲିଥିବା ଦେଖିବାକୁ ମିଳୁଛି। ଅତିରିକ୍ତ ଦାୟିତ୍ୱରେ ଥିବା ପିଇଓମାନଙ୍କର ଅଧିକାଂଶ ସମୟ ରାସ୍ତାରେ ଯାଉଥିବା ନେଇ ମଧ୍ୟ ଅଭିଯୋଗ ହେଉଛି। ଏ ପଞ୍ଚାୟତରୁ ସେ ପଞ୍ଚାୟତ ଧାଇଁ ଧାଇଁ ବେଳ ଯାଉଛି। ଅତିରିକ୍ତ ଦାୟିତ୍ୱ ପାଇଁ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି ଭତ୍ତାଧାରୀମାନେ। ଅନେକ ସ୍ଥାନରେ ଭତ୍ତା ପାଇଁ ଆବେଦନ କିମ୍ବା ଅଭିଯୋଗ କରିବାକୁ ପିଇଓଙ୍କର ଦେଖାଦର୍ଶନ ମିଳୁନାହିଁ। ଗାଁଗହଳର ଲୋକେ କାମଧନ୍ଦା ଛାଡି ସେମାନଙ୍କୁ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଏହାଛଡା ଶତାଧିକ ପିଇଓଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଛି। କଳାହାଣ୍ଡିରେ ଏମାନଙ୍କ ସଂଖ୍ୟା ୨୮ ଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ୨୫, କନ୍ଧମାଳ ଜିଲ୍ଲାରେ ୨୪, ମୟୁରଭଞ୍ଜରେ ୨୨, ନୟାଗଡ଼ ଓ ବାଲେଶ୍ୱର ଓ ସୁବର୍ଣ୍ଣପୁରରେ ଏହି ସଂଖ୍ୟା ୧୭ ଲେଖାଏଁ ରହିଛି। ଅବଶ୍ୟ ଭଦ୍ରକ ଓ ମାଲକାନଗିରି ଜିଲ୍ଲାରେ କୌଣସି ପିଇଓଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନଥିବା ଜଣାଯାଇଛି। ପୂର୍ବ ସରକାର ସମୟରେ ଏହି ପ୍ରସଙ୍ଗ ବାରମ୍ବାର ଉଠିଥିଲେ ମଧ୍ୟ ନୂତନ ପିଇଓ ନିଯୁକ୍ତି ବଦଳରେ ଏକାଧିକ ପଞ୍ଚାୟତରେ କାମଚଳା ବ୍ୟବସ୍ଥା ହୋଇଥିଲା। ଏବେ କ୍ଷମତାକୁ ଆସିଥିବା ବିଜେପି ସରକାର କେବେ ସୁଦ୍ଧା ପ୍ରତି ପଞ୍ଚାୟତରେ ଜଣେ କରି ପିଇଓଙ୍କୁ ନିଯୁକ୍ତି ଦେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଓଲଟିଲା ଡାଲା ଅଟୋ, ୧୩ ଆହତ



**ଆସିକା,୧୪।୧(ସଂଚାର ବ୍ୟୁରୋ):** ପବିତ୍ର ମକର ସଂକ୍ରାନ୍ତିରେ ବୁଡ଼ ପକାଇବାକୁ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି ୧୩ ଜଣ। ସେମାନେ ଏକ ଡାଲା ଅଟୋରେ ବୁଡ଼ ପକାଇବା ସକାଶେ ଆସିକା ଦୋମୁହାଣୀକୁ ଯାଉଥିଲେ। ତେବେ ଗଞ୍ଜାମ ଜିଲ୍ଲା ଆସିକାର ପୁଡୁଗେଶ୍ୱର ମନ୍ଦିର ନିକଟରେ ଅଟୋଟି ଓଲଟି ପଡ଼ିବା ଫଳରେ ସେଥିରେ ବସିଥିବା ୧୫ ଜଣ ଯାତ୍ରୀଙ୍କ ମଧ୍ୟରୁ ୧୩ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ଆସିକା ଉପଖଣ୍ଡ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥାରେ ଗୁରୁତର ଥିବା ବେଳେ ସେମାନଙ୍କୁ ତୁରନ୍ତ ବ୍ରହ୍ମପୁର ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଉକ୍ତ ଅଟୋକୁ ସ୍ଥାନୀୟ ପୁଲିସ୍ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# କେନ୍ଦ୍ର ବଜେଟ ଉପରେ ଆଶା

ଆସନ୍ତା ମାସ ପହିଲାରେ ସଂସଦରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆର୍‌ôଥକ ବର୍ଷ ୨୦୨୫-୨୬ ପାଇଁ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏଥିଲାଗି ପ୍ରସ୍ତୁତି ପ୍ରକ୍ରିୟା ଏବେ ଚାଲିଛି। ବଜେଟ ନେଇ ଅର୍ଥମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ବିଭିନ୍ନ ବ୍ୟକ୍ତିବିଶେଷ, ସଙ୍ଗଠନ ସହ ଆଲୋଚନା କରିଛନ୍ତି। ଏଥର ବଜେଟ୍‌ରେ କ'ଣ ନୂଆ ବ୍ୟବସ୍ଥା ରହିବ, ସାଧାରଣ ଲୋକ ବିଶେଷ କରି ମଧ୍ୟବର୍ତ୍ତୀବର୍ଗ ନିମନ୍ତେ ବଜେଟରେ କ'ଣ ସବୁ ପ୍ରସ୍ତାବ ରହିବ ତାହା ଉପରେ କଳ୍ପନା ଜଳ୍ପନା ଚାଲିଛି। ଆଶା କରାଯାଉଛି ଏଥର ଆୟକର ସ୍ଲାବରେ ପରିବର୍ତ୍ତନ ହେବ ଏବଂ ଲୋକଙ୍କୁ ଟିକସ ରିହାତି ମିଳିବ। ଗତ କିଛି ବର୍ଷ ହେବ ଆଉ ସ୍ୱତନ୍ତ୍ର ରେଳବଜେଟ ଉପସ୍ଥାପନ ହେଉନାହିଁ। ସାଧାରଣ ବଜେଟରେ ରେଳ ମନ୍ତ୍ରଣାଳୟର ଖର୍ଚ୍ଚ ଦାବି ସାମିଲ ହୋଇଛି। ଓଡ଼ିଶା ପାଇଁ ଏହି ରେଳବଜେଟ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କାରଣ ରେଳବିକାଶ ହିଁ ଆର୍‌ôଥ !କ ବିକାଶର ମେରୁଦଣ୍ଡ। ଓଡ଼ିଶାରେ ରେଳବାଇର ବିକାଶ ସେଭଳି ଆଖି ଦୃଷ୍ଟିଆ ହୋଇନାହିଁ। ତେଣୁ ପ୍ରତିବର୍ଷ ରେଳବଜେଟରେ ଓଡ଼ିଶା ଅଧିକ ବ୍ୟୟ ବରାଦ ଆଶଶ କରୁଛି। ସୌଭାଗ୍ୟର କଥା ହେଲା ୨୦୧୪ରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଗଠିତ ହେବା ପରେ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ପ୍ରତିବର୍ଷ ବଜେଟରେ ଓଡ଼ିଶା ପାଇଁ ଅଧିକ ବ୍ୟୟ ବରାଦ କରାଯାଉଛି। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାୟଗଡ଼ା ରେଳ ଡିଭିଜନର ନୂତନ ଭବନର ଶିଳାନ୍ୟାସ କରିବା ବେଳେ ଓଡ଼ିଶାରେ ରେଳ ବିକାଶର ଅନେକ ଆଶା ପ୍ରଦାନ କରିଛନ୍ତି। ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ଚଳିତ ବର୍ଷ ଓଡ଼ିଶାକୁ ରେଳବଜେଟରେ ୭୩ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଅନେକ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛଇ ଏବଂ କେତେକ ନୂତନ ପ୍ରକଳ୍ପ ଲାଗି ଯୋଜନା କରାଯାଇଛି। ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାରେ ୩ଟି ନୂଆ ରେଳପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ମୟୂରଭଞ୍ଜ ଜିଲ୍ଲା ସହ ସମଗ୍ର ଉତ୍ତର ଓଡ଼ିଶାରେ ରେଳ ନେଟୱର୍କ ବିକଶିତ ଏବଂ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଯାତ୍ରୀ ପରିବହନ ସହ କଣିଜ ସାମଗ୍ରୀ ପରିବହନରେ ଏହା ବିଶେଷ ସହାୟକ ହୋଇପାରିବ। ତେବେ ନୂଆ ପ୍ରକଳ୍ପ ଶେଷ ହେବାକୁ କେତେ ବର୍ଷ ଲାଗିବ ତାହା ସବୁଠାରୁ ବଡ଼ କଥା। କାରଣ ରେଳ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ହେଉଛି ସବୁଠାରୁ ବଡ଼ ସମସ୍ୟା। ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଜଙ୍ଗଲରେ ପରିପୂର୍ଣ୍ଣ। ରେଳ ପ୍ରକଳ୍ପ ପାଇଁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ମଞ୍ଜୁରୀ କେବେ ମିଳିବ ତାହା ଦେଖିବାର କଥା। ସେହିପରି ସାଧାରଣ ଜନତା ମଧ୍ୟ ପ୍ରକଳ୍ପ ପାଇଁ ନିଜ ଜମି ଛାଡ଼ିବାକୁ ନାରାଜ ହେଉଛନ୍ତି। ତେଣୁ ଖାଲି ପ୍ରକଳ୍ପର ଶିଳାନ୍ୟାସ କରିଦେଲେ ଆପେ ଆପେ ଏହା କାର୍ଯ୍ୟକାରୀ ହୋଇଯିବ ବୋଲି ଭାବିବା ଭୁଲ। ଏଥିପାଇଁ ନିୟମିତ ଉଦ୍ୟମ ଜାରି ରଖିବାକୁ ପଡ଼ିବ। ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ପ୍ରକଳ୍ପ ଆରମ୍ଭ ହେବାର ଅନେକ ବର୍ଷ ବିତିଗଲାଣି। କିନ୍ତୁ ଏହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲାନି। କାରଣ ଏବେ ବି ପୁରା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ହୋଇପାରିଲାନି। ମୟୂରଭଞ୍ଜ ଜିଲ୍ଲାରେ ପ୍ରସ୍ତାବିତ ରେଳପ୍ରକଳ୍ପ କେବେ କାର୍ଯ୍ୟକାରୀ ହେବ ତାହା କହିବା ମୁସ୍କିଲ। କିନ୍ତୁ ଥରେ ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ ହେବା ଅର୍ଥ ଏହା ନିଶ୍ଚିତ ଭାବେ ଦିନେ ଶେଷ ହେବ। ଏବେ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି ସରକାର। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ସେ ମଧ୍ୟ ଜଣେ ଦକ୍ଷ ମନ୍ତ୍ରୀ। ତାଙ୍କ ସମୟରେ ଓଡ଼ିଶାରେ ନୂଆ ରେଳପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ଯଥାସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଆଶା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏଥିଲାଗି ସବୁ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦଇଛନ୍ତି। ଦେଶର ବିକାଶରେ ଭିତ୍ତିଭୂମି ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପ୍ରଧାନମନ୍ତ୍ରୀ ମୋଦି ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଯୋଜନା ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ମୟୂରଭଞ୍ଜର ଝିଅ। ତେଣୁ ସେ ନିଶ୍ଚିତ ଭାବେ ଏହି ପ୍ରକଳ୍ପ ଶୀଘ୍ର ଶେଷ ହେଉ ବୋଲି ଚାହିଁବା ସ୍ୱାଭାବିକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଓଡ଼ିଶାର ବିକାଶ ନିମନ୍ତେ କେନ୍ଦ୍ରରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ପାଉଛନ୍ତି। ଜଣେ ନିଷ୍ଠାପର ବ୍ୟକ୍ତି ଭାବେ ପରିଚିତ ମୋହନ ଚରଣ ମାଝୀ ନୂଆ ରେଳପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରୟାସ କରିବା ଆଶା ରହିଛି। ନିକଟରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ମହତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ଚଳିତ ବର୍ଷ ଓଡ଼ିଶାକୁ ରେଳବଜେଟରେ ୭୩ ହଜାର କୋଟି ଟଙ୍କା ମିଳିଛି। ରେଳବଜେଟରେ ଓଡ଼ିା ପାଇଁ ଏହା ସର୍ବାଧିକ ବ୍ୟୟ ବରାଦ। ଆଗାମୀ ବଜେଟରେ ଏହାଠାରୁ ମଧ୍ୟ ଅଧିକ ବ୍ୟୟ ବରାଦ କରାଯିବ ବୋଲି ଆଶା। ଗୋଟିଏ ବାକ୍ୟରେ କହିଲେ ୨୦୧୪ପରଠାରୁ ଓଡ଼ିଶାରେ ରେଳବିକାଶର ଏକ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ଧନ୍ୟବାଦର ପାତ୍ର। ଓଡ଼ିର ବିକାଶ ନିମନ୍ତେ ତାଙ୍କର ଉଦ୍ୟମ ଅତୀତରେ କୌଣସି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟରେ ଅନୁଭବ କରାଯାଇନଥିଲା। ସ୍ୱାଧୀନତା ପରେ ଓଡ଼ିଶା ରେଳ ବିକାଶରେ ଏକ ଅତ୍ୟନ୍ତ ଅବହେଳିତ ରାଜ୍ୟ ଭାବେ ବିବେଚିତ ହୋଇଆସୁଥିଲା। ମାତ୍ର ଦୁଇ ଦଶନ୍ଧି ତଳେ ଓଡ଼ିର ଅଧା ଜିଲ୍ଲାରେ ରେଳ ଲାଇନ ନଥିଲା। ଏମିତି ଲାଗୁଥିଲା ସତେ ଯେମିତି ଓଡ଼ିଶା ଦେଶର ଉତ୍ତର-ପୂର୍ବ ରାଜ୍ୟ ଭଳି ଏକ ଅବହେଳିତ ଏବଂ ଅଗମ୍ୟ ରାଜ୍ୟ। ସ୍ୱାଧୀନତା ପରେ କେନ୍ଦ୍ରରେ ଦୀର୍ଘ ବର୍ଷ ହେବ କ୍ଷମତାରେ ଥିବା କଂଗ୍ରେସ ଏଥିପାଇଁ ଅନେକାଂଶରେ ଦାୟୀ। ଓଡ଼ିଶାରୁ କଂଗ୍ରେସ ଏକଦା ୨୧ରୁ ୨୦ ଲୋକସଭା ଆସନ ଜିତୁଥିଲା। କିନ୍ତୁ ରେଳବିକାଶ ଶୂନ ଥିଲା। ଓଡ଼ିଶା ପ୍ରତି କଂଗ୍ରେସ ସବୁ ବେଳେ ବୈମାତୃକ ମନୋଭାବ ପୋଷଣ କରିଆସିଛି। ଏଥିପାଇଁ ରାଜ୍ୟରେ ଆଜି କଂଗ୍ରେସ ତୃତୀୟ ସ୍ଥାନକୁ ଖସି ଆସିଛି। ରାଜ୍ୟ କଂଗ୍ରେସ ନେତାମାନେ ହାଇକମାଣ୍ଡଙ୍କୁ ଭୟ କରି ଜୀବନ ବିତାଇଲେ। ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗ କେବେ ଉଠାଇଲେ ନାହିଁ। ଏହାର ପରିଣାମ ସେମାନଙ୍କ ସହ ରାଜ୍ୟବାସୀଙ୍କୁ ଭୋଗିବାକୁ ପଡ଼ୁଛି। ଏବେ ଯୁଗ ବଦଳିଛି। ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ଆସନ୍ତା ବର୍ଷ ଓଡ଼ିଶା ପାଇଁ ରେଳବଜେଟରେ ୮୦ ହଜାର କୋଟି ଟଙ୍କା ବ୍ୟୟ ବରାଦ ହେବ ବୋଲି ଆଶା କରିବା ଭୁଲ ହେବ ନାହିଁ। ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହିତ ପୁରୀ-ସାତପଡ଼ା-କୋଣାର୍କ ପ୍ରସ୍ତାବିତ ନୂତନ ରେଳ ଲାଇନ ପାଇଁ ଏଥର ବଜେଟରେ ବ୍ୟୟ ବରାଦ ହେବ ବୋଲି ଆଶା କରାଯାଉଛି।

## ସମ୍ପାଦକଙ୍କୁ ପତ୍ର

### ଆଳୁ ପିଆଜ ଉତ୍ପାଦନ ଉପରେ ଗୁରୁତ୍ୱ

**ମହାଶୟ,**

ଗତ ଏପ୍ରିଲରୁ ରାଜ୍ୟରେ ଆଳୁ ପିଆଜ ଦର ଆକାଶ ଛୁଆଁ ହୋଇଛି। କାରଣ ଏଥିଲାଗି ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ପଶ୍ଚିମବଙ୍ଗ ସରକାର ସେଠାରୁ ଆଳୁ ନଛାଡ଼ିଲେ ଓଡ଼ିଶାରେ ଏହାର ଦର ବଢ଼ୁଛି। ଏହାର ସ୍ଥାୟୀ ସମାଧାନ ନିମନ୍ତେ ଓଡ଼ିଶାରେ ଆଳୁ ଓ ପିଆଜ ଉତ୍ପାଦନ ବୃଦ୍ଧି ନିମନ୍ତେ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ଏବଂ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବା ଉଚିତ। ପୂର୍ବ ସରକାରର ଦୋଷ ତ୍ରୁଟିକୁ ନଦେଖି ବର୍ତ୍ତନ କ'ଣ କରାଯାଇପାରିବ ତାହା ଉପରେ ତର୍ଜମା କରାଯିବା ଉଚିତ। ସରକାର ଏଥିଲାଗି ସବୁ ପ୍ରକାର ଆର୍‌ôଥକ ସହାୟତା ଯୋଗାଇ ଦେବା ଉଚିତ। ତିନି ବର୍ଷରେ ପରିସ୍ଥିତି ବଦଳିଯିବ।

**ଗୀତାଞ୍ଜଳି ଦାସ, ବରଗଡ଼ ବ୍ରିଟ କଲୋନୀ**

# ସାରା ବିଶ୍ୱରେ ସୈନିକ ଦିବସ



**ଅପର୍ଣ୍ଣା ନାୟକ**

ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ଭାରତ ସ୍ଥଳ ସେନା ଦିବସ ଭାବରେ ପାଳନ କରେ। ୧୯୪୮ ମସିହା ଏହି ଦିନରେ ଲେଫ୍ଟନାଣ୍ଟ ଜେନେରାଲ କେ.ଏମ୍.କାରିୟାପ୍ପା ଶେଷ ବ୍ରିଟିଶ କମାଣ୍ଡର ସାର୍ ଫ୍ରାନ୍ସିସ୍ ବୁଚରଙ୍କ ଠାରୁ ଭାରତୀୟ ସ୍ଥଳସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଦିନରେ ରାଜଧାନୀ ଦିଲ୍ଲୀ ସମେତ ଅନ୍ୟ ୬ଟି ସେନା ମୁଖ୍ୟାଳୟରେ ପରେଡ ଓ ମିଲିଟାରୀ ଶୋ' ଅନୁଷ୍ଠିତ ହୁଏ। କେବଳ ଭାରତ ନୁହେଁ ବିଶ୍ୱର ପ୍ରାୟ ସମସ୍ତ ଦେଶ ନିଜର ଦେଶର ବୀର ସିପାହୀ ମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟ ସେନା ଦିବସ ପାଳନ କରନ୍ତି। ଆର୍ମେନିଆ: ୧୯୯୨ରେ ଆର୍ମେନିଆ ସ୍ୱାଧୀନ ଗଣତାନ୍ତ୍ରିକ ଦେଶର ମାନ୍ୟତା ପାଇବା ପରଠାରୁ ଜାନୁଆରୀ ୨୮ ତାରିଖକୁ ଏହା ସଶସ୍ତ୍ର ବାହିନୀ ଦିବସ ଭାବରେ ପାଳନ କରେ। ଏହିଦିନ ଦେଶର ସେନାବାହିନୀ ଗଠିତ ହୋଇଥିଲା। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ : ୧୯୧୫ ମସିହାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ସଶସ୍ତ୍ର ବାହିନୀ ସ୍ଥାପନ ହେବା ସ୍ମୃତିରେ ପ୍ରତି ବର୍ଷ ଏପ୍ରିଲ ୨୫ ତାରିଖରେ ସେନା ଦିବସ ପାଳନ କରାଯାଏ। ଏହା ଏକ ସାର୍ବଜନୀନ ଛୁଟି। ଆଜାରବୈଜାନ : ଏଠାରେ ସଶସ୍ତ୍ର ସେନା ଦିବସ ପାଳନ ହୁଏ ଜୁନ୍ ୨୬ ତାରିଖରେ। ବାଙ୍ଗଲାଦେଶ: ପାକିସ୍ତାନଠାରୁ ମୁକ୍ତି ସଂଗ୍ରାମ ସ୍ମୃତିରେ ୨୧ ନଭେମ୍ବରକୁ ବାଙ୍ଗଲାଦେଶ ଆର୍ମଡ଼ ଫୋର୍ସ ଡେ ଭାବରେ ପାଳନ କରେ। ଏହି ଦିନ ଢ଼ାକା ଠାରେ ଥିବା ଶିଖା ଅନିର୍ବାଣ ଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ତିନିବାହିନୀର ମୁଖ୍ୟ ଫୁଲ ଶ୍ରଦ୍ଧାଞ୍ଜଳି ଦିଅନ୍ତି। ଏହି ଦିନ ଦେଶବ୍ୟାପୀ ନାନା ଉତ୍ସବ ପାଳନ ହୁଏ। ଏଥିସହ ସବୁ ମିଲିଟାରୀ ଷ୍ଟେସନରେ ସୈନିକଙ୍କ ପରିବାରବର୍ଗଙ୍କ ପାଇଁ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରାଯାଏ। ବ୍ରାଜିଲ: ଯୁଦ୍ଧ ନାୟକ ଲୁଇସ୍ ଆଇଲେସ୍ ଡେ ଲିମା ଇ-ସିଲଭାଙ୍କ ସହ ସମ୍ମାନରେ ତାଙ୍କ ଜନ୍ମଦିନ ୨୮ ଅଗଷ୍ଟକୁ ପାଳନ କରାଯାଏ ସୈନିକ ଦିବସ ଭାବରେ। ଅକ୍ଟୋବର ୨୩କୁ ବୈମାନିକ ଦିବସ ଓ ଡିସେମ୍ବର ୧୩ ତାରିଖକୁ ନାବିକ ଦିବସ ଭାବରେ ପାଳନ କରାଯାଏ। ବୁଲଗେରିଆ: ବୁଲଗେରିଆ ଆର୍ମିର ପୃଷ୍ଠପୋଷକ ସନ୍ଥ ସେଣ୍ଟ ଜର୍ଜଙ୍କ ଜନ୍ମଦିନକୁ ୬ ମେକୁ ବୀରତ୍ୱ ଦିବସ ଭାବେ ପାଳନ କରାଯାଏ। କାନାଡ଼ା: କାନାଡିଆନ୍ ଫୋର୍ସ ଡେ ପାଳିତ ହୁଏ ପ୍ରତିବର୍ଷ ଜୁନ୍ ମାସର ପ୍ରଥମ ରବିବାରରେ। କାନାଡ଼ାର ସୈନ୍ୟସେବା, ସେମାନଙ୍କ ଐତିହ୍ୟ ଓ ବ୍ୟକ୍ତିତ୍ୱକୁ ସମ୍ମାନିତ କରାଯାଏ ଏ ଦିନରେ। ଚିଲି : ସେପ୍ଟେମ୍ବର ୧୮ ତାରିଖ ସ୍ୱାଧୀନତା ଦିବସ। ଏହା ପରଦିନ ଅର୍ଥାତ୍ ସେପ୍ଟେମ୍ବର ୧୯ ତାରିଖରେ ପାଳିତ ହୁଏ ସମସ୍ତ ସେନା ଦିବସ। ଚୀନ: ୧୯୨୭ରେ ଅଗଷ୍ଟ ୯ ତାରିଖରେ ଚୀନରେ ପିପୁଲ୍ସ ଲିବରେସନ ଆର୍ମିର ପ୍ରତିଷ୍ଠା ହୋଇଥିଲା। ଏହି ଦିନ ପାଳିତ ହୁଏ ଚୀନର ସେନା ଦିବସ। ଇଜିପ୍ଟ: ଅକ୍ଟୋବର ୬ ତାରିଖକୁ ଇଜିପ୍ଟ ସଶସ୍ତ୍ର ବାହିନୀ ଦିବସ ଭାବରେ ପାଳନ କରେ। ଏହି ଦିନ ୧୯୭୩ ମସିହାରେ ଅକ୍ଟୋବର ୱାର ଆରମ୍ଭ ହୋଇଥିଲା। ଏହି ଯୁଦ୍ଧରେ ଇଜିପ୍ଟ ସେନା ସୁଏଜ୍ କେନାଲ ଅତିକ୍ରମ କରି ବାରଲେଭ ଲାଇନ୍ ଅକ୍ତିଆର କରିଥିଲେ। ଫ୍ରାନ୍ସ : ଜୁଲାଇ ୧୪ ତାରିଖ ଜାତୀୟ ଦିବସ ଅବସରରେ ଫ୍ରାନ୍ସ ନିଜର ସଶସ୍ତ୍ର ସେନାକୁ ସମ୍ମାନିତ କରେ। ଏହି ଅବସରରେ ଏକ ବିଶାଳ ସେନା ପରେଡ଼ ଅନୁଷ୍ଠିତ ହୁଏ। ଏହା ୟୁରୋପର ସର୍ବବୃହତ୍ତ ଏବଂ ସର୍ବ ପୁରାତନ ମିଲିଟାରୀ ପରେଡ଼। ଜର୍ଜିଆ: ୧୯୯୧ ମସିହାରେ ଜର୍ଜିଆନ୍ ଆର୍ମଡ଼ ଫୋର୍ସ ଗଠନର ସ୍ମୃତିରେ ଏପ୍ରିଲ ୩୦ ତାରିଖକୁ ଜର୍ଜିଆ ସଶସ୍ତ୍ର ଦିବସ ଭାବରେ ପାଳନ କରେ। ହଙ୍ଗେରି: ମେ' ୨୧ ତାରିଖକୁ ହଙ୍ଗେରି ଦେଶ ଭକ୍ତ ଓ ବୀର ଦିବସ ଭାବରେ ପାଳନ କରେ। ଇଣ୍ଡୋନେସିଆ: ଅକ୍ଟୋବର ୫ ତାରିଖରେ ପିପୁଲ୍ସ ସିକ୍ୟୁରିଟି ଆର୍ମିର ଗଠନ ସ୍ମୃତିରେ ଇଣ୍ଡୋନେସିଆର ଜାତୀୟ ସଶସ୍ତ୍ର ବାହିନୀ ଦିବସ ପାଳନ କରାଯାଏ।



## ଭାରତୀୟ ସେନା ଦିବସ

ଦେଶକୁ ରକ୍ଷା କରିବାକୁ ଯାଇ ପ୍ରାଣବଳୀ ଦେଇଥିବା ବୀର ଭାରତୀୟ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନାର୍ଥେ ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ସେନା ଦିବସ ଭାବେ ପାଳନ କରାଯାଏ। ଭାରତ ବର୍ଷରେ ବେଶ ଉତ୍ସାହର ସହ ଏହି ଦିବସ ପାଳନ କରାଯାଏ। ଭାରତର ଲିଉଟନାଣ୍ଟ ଜେନେରାଲ କେ ଏମ୍ କାରିଆପ୍ପାଙ୍କୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଏ। ଭାରତୀୟ ସେନାର ସେ ପ୍ରଥମ ମୁଖ୍ୟ କମାଣ୍ଡର ଥିଲେ। ଏ ଅବସରରେ ଭାରତର ପ୍ରତ୍ୟେକ ସେନା କମାଣ୍ଡର ମୁଖ୍ୟାଳୟ ଏବଂ ରାଷ୍ଟ୍ରୀୟ ରାଜଧାନୀରେ ବିଭିନ୍ନ ଆର୍ମି ପ୍ୟାରେଡ଼ ସହିତ ଅନ୍ୟାନ୍ୟ ସାମରିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଭାରତୀୟ ସେନା ବାହିନୀ ସବୁ ସମୟରେ ଏବଂ ସମସ୍ତ ପ୍ରକାର ବିଷମ ପରିସ୍ଥିତିରେ ସୀମାରେ ମୁତୟନ ଥାଆନ୍ତି। ଶତ୍ରୁପକ୍ଷ ଗୁଳି ଆଗରେ ନିଜ ଛାତି ଦେଖାଇ ଆମକୁ ସୁରକ୍ଷା ଦେବା ସେମାନଙ୍କ ପ୍ରଥମ କର୍ତ୍ତବ୍ୟ। ପ୍ରାକୃତିକ ବିପର୍ଯ୍ୟୟରେ ମଧ୍ୟ ସେମାନେ ଜାଗ୍ରତ ପ୍ରହରୀ ସାଜିଥାନ୍ତି। ତେଣୁ ସେମାନଙ୍କ ସାହସିକତା, ଦେଶପ୍ରେମ ଓ ନିସ୍ୱାର୍ଥପରତାକୁ ମନେ ପକାଇବା ସବୁ ଭାରତୀୟଙ୍କ କର୍ତ୍ତବ୍ୟ।

ଇରାନ : ଏପ୍ରିଲ ୧୮ ତାରିଖରେ ସେନା ଗଠନ ଦିବସ ପାଳନ କରେ ଇରାନ। ଇରାକ : ଜାନୁଆରୀ ୬ ତାରିଖରେ ଇରାକୀ ସଶସ୍ତ୍ର ବାହିନୀ ଦିବସ ପାଳିତ ହୁଏ। ଇସ୍ରାଏଲ : ୟୋମ ହାଜି କାରୋନ ବା ସ୍ମୃତି ଦିବସ ପାଳନ ହୁଏ ହର୍ବ୍ୟୁ କ୍ୟାଲେଣ୍ଡରର ଇୟାର ମାସର ଚତୁର୍ଥ ଦିନରେ। ଏହା ପରଦିନ ପାଳିତ ହୁଏ ଇସ୍ରାଏଲ ସ୍ୱାଧୀନତା ଦିବସ। ୧୯୪୮ ମସିହାରେ ଏହି ଦିନରେ ସ୍ୱତନ୍ତ୍ର ଇସ୍ରାଏଲ ଗଠନ ହୋଇଥିଲା। ଇସ୍ରାଏଲର ସୁରକ୍ଷାରେ ଜୀବନକୁ ବଳି ଦେଇଥିବା ଏବଂ ଉଗ୍ରବାଦର ଶିକାର ହୋଇଥିବା ସୈନିକମାନଙ୍କ ସମ୍ମାନରେ ଇସ୍ରାଏଲ ସ୍ମୃତି ଦିବସ ପାଳନ କରେ। ଇଟାଲୀ : ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀର ବିଜୟଲାଭର ସ୍ମୃତିରେ ନଭେମ୍ବର ୪ ତାରିଖରେ ପାଳିତ ହୁଏ ଇଟାଲୀର ସଶସ୍ତ୍ର ସେନା ଦିବସ। ନଭେମ୍ବର ୪ ତାରିଖ ୧୯୧୮ ମସିହାରେ ଅଷ୍ଟ୍ରିୟା ଓ ହେଙ୍ଗରି ସେନା ମଧ୍ୟ ଯୁଦ୍ଧ ବିରତି ହୋଇଥିଲା, ଇଟାଲୀ ସୀମାରେ ଯୁଦ୍ଧ ସମାପ୍ତ ହୋଇଥିଲା ଏହି ଦିନ। ଜାପାନ : ଜାପାନ ସାମ୍ରାଜ୍ୟରେ ସେନା ବିଜୟ ଦିବସ ପାଳନ ହେଉଥିଲା ମାର୍ଚ୍ଚ ୧୦ ତାରିଖରେ। ମୁକ୍‌ଡେନ ଯୁଦ୍ଧରେ ବିଜୟ ସ୍ମୃତିରେ ପାଳିତ ହେଉଥିଲା ଏହା। ମେ ୨୪ ତାରିଖରେ ସୁଷିମା ଯୁଦ୍ଧ ବିଜୟ ସ୍ମୃତିରେ ନୌସେନା ବିଜୟ ଦିବସ ପାଳନ କରାଯାଏ। ୧୯୦୬ ମସିହାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଏହି ଦିବସଗୁଡ଼ିକ ପାଳନ କରାଯାଉଥିଲା। ଦ୍ୱିତୀୟ ଯୁଦ୍ଧ ପରେ ଜାପାନ ସ୍ୱ ସୁରକ୍ଷା ବାହିନୀ ଦିବସ ଭାବରେ ନଭେମ୍ବର ୧ ତାରିଖକୁ ପାଳନ କରୁଛି ୧୯୬୬ ମସିହା ଠାରୁ। ଲେବାନନ: ଅଗଷ୍ଟ ୧ ତାରିଖରେ ଲେବାନନ ସଶସ୍ତ୍ର ବାହିନୀ ଦିବସ ପାଳନ ହୁଏ। ମିଆଁମାର : ୧୯୪୫ ମସିହାରେ ଜାପାନ କବଳରୁ ମୁକ୍ତି ପାଇଁ ବର୍ମିୟ ସେନାର ଉଦ୍ୟମ ଆରମ୍ଭ ହୋଇଥିଲା ମାର୍ଚ୍ଚ ୨୭ ତାରିଖରେ। ଏହି ଦିନକୁ ଆର୍ମି ଫୋର୍ସ ଡେ ଭାବରେ ପାଳନ କରେ ମିଆଁମାର। ମେକ୍ସିକୋ : ୧୯୫୦ ମସିହା ଠାରୁ ଫେବୃଆରୀ ୧୯ ତାରିଖକୁ ମେକ୍ସିକୋ ସଶସ୍ତ୍ର ସେନା ଦିବସ ଭାବରେ ପାଳନ କରାଯାଉଛି। ନାଇଜେରିଆ : ନାଇଜେରିଆରେ ଜାନୁଆରୀ ୧୫ ତାରିଖରେ ଆର୍ମ ଫୋର୍ସ ଡେ ପାଳନ ହୁଏ। ତେବେ ଔପଚାରିକ ଭାବରେ ନଭେମ୍ବର ୧ ତାରିଖକୁ ରାଜ୍ୟ ଗୋଷ୍ଠୀ ଦେଶଗୁଡ଼ିକର ବିଶ୍ୱଯୁଦ୍ଧ ସୈନିକମାନଙ୍କ ସ୍ମୃତିରେ ରିମେମ୍ବରାନ୍ସ ଭାବରେ ପାଳନ କରାଯାଏ। ପାକିସ୍ତାନ : ପାକିସ୍ତାନରେ ସ୍ଥଳସେନା ଦିବସ ଯଥାକ୍ରମେ ସେପ୍ଟେମ୍ବର ୬ ତାରିଖ, ସେପ୍ଟେମ୍ବର ୮ ତାରିଖ ଏବଂ ସେପ୍ଟେମ୍ବର ୭ ତାରିଖରେ ପାଳିତ ହୁଏ। ପେରୁ : ନିଜ ଦେଶର ବୀର ସୈନିକ ମାନଙ୍କ ପାଇଁ ପେରୁବାସୀ ସେପ୍ଟେମ୍ବର ୨୪ ତାରିଖରେ ପେରୁ ସଶସ୍ତ୍ର ବାହିନୀ ଦିବସ ପାଳନ କରନ୍ତି। ତେବେ ପେରୁ ସେନା ଡ଼ିସେମ୍ବର ୯ ତାରିଖକୁ ନିଜ ବିଜୟ ସ୍ମୃତିରେ ସେନା ଦିବସ ଭାବରେ ପାଳନ କରନ୍ତି। ଏହିଦିନ ପେରୁ ସେନା ଆୟଚୁଚୋ ଯୁଦ୍ଧରେ ବିଜୟୀ ହୋଇଥିଲେ। ଏହା ସ୍ୱାଧୀନତା ପାଇଁ ପେରୁ ମାନଙ୍କର ସଂଗ୍ରାମକୁ ଅନ୍ତିମ ରୂପ ଦେଇଥିଲା। ରୋମାନିଆ : ୨୫ ଅକ୍ଟୋବରରେ ରୋମାନିଆ ସଶସ୍ତ୍ର ସେନା ଦିବସ ପାଳନ କରେ। ୧୯୪୪ ମସିହାରେ ଏହି ଦିନ ରୋମାନୀୟ ସେନା ଶେଷ ରୋମାନ ସହର କାରେଇକୁ ବିଦେଶୀ ଜବରଦଖଲରୁ ମୁକ୍ତ କରିଥିଲା। ରୋମାନୀୟ ସେନା ରାଜା ମିହାଇ ପ୍ରଥମ ଜନ୍ମଦିନ ଅବସରରେ ତାଙ୍କୁ ଏହି ଉପହାର ଦେଇଥିଲେ।


ମେନ ସାଗର ପାନ ରୋଡ଼, ନଂ-୩
ବାଲାଜୀ ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ


# ଆମ ଗାଁ ରୋଜଗାର



**ଇଂ ସତ୍ୟନାରାୟଣ ମାଝୀ**

ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଆଇନ୍ ବା ମନରେଗା ଆଇନ୍ ୨୦୦୫ ଆଧାରରେ ଫେବୃଆରୀ ୨୦୦୬ ମସିହାରେ ଭାରତବର୍ଷରେ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ମନମୋହନ ସିଂଙ୍କର ସରକାରରେ ଏହି କର୍ମ ନିଯୁକ୍ତି ଯୋଜନା ଲାଗୁ ହୋଇଥିଲା। ଏହି ଯୋଜନା ମାଧ୍ୟମରେ ଜୀବିକା ନିର୍ବାହ କରିବା ଲାଗି ସରକାର ବାର୍ଷିକ ୧୦୦ଦିନର କାର୍ଯ୍ୟ ନିଜ ଗାଁରେ ମିଳିବାର ଗ୍ୟାରେଣ୍ଟି ଦେଇଛନ୍ତି। ତେବେ ମନରେଗା ଯୋଜନାରେ କ'ଣ ଲୋକେ ଶହେ ପ୍ରତିଶତ କାମ ପାଉଛନ୍ତି। ମନରେଗା ଯୋଜନାର ଅନ୍ତର୍ଭୁକ୍ତ କାର୍ଯ୍ୟ ଗୁଡିକୁ କ'ଣ ସମସ୍ତେ ପସନ୍ଦ କରୁଛନ୍ତି ?ତାପରେ ଆମେ ଯଦି ଦେଖିବା ଶ୍ରମିକ ନିମନ୍ତେ କେବଳ ଗୋଟିଏ ସାଧନ ଗାଁମାନଙ୍କରେ ରହିଛି କୃଷି କ୍ଷେତ୍ର। ଏହା ବାଦ୍ ଅନ୍ୟ କୌଣସି କ୍ଷେତ୍ରରେ ଗାଁ ଶ୍ରମିକ କାର୍ଯ୍ୟ କରିବାକୁ ଚାହିଁଲେ ବାହାରକୁ ଯିବାକୁ ପଡିଥାଏ। ଗାଁରେ କୃଷି କ୍ଷେତ୍ରରେ ବି କେବଳ ଛଅ ମାସ କାର୍ଯ୍ୟ ମିଳିଥାଏ। ଆମ ଗାଁମାନଙ୍କରେ ଜଳସେଚନର ବ୍ୟବସ୍ଥା ନାହିଁ ଯେ ବର୍ଷସାରା ଚାଷ ହୋଇପାରିବ। ଆମ ଗାଁମାନଙ୍କରେ କଳକାରଖାନା ନାହିଁଯେ ସବୁଦିନ କାମ ମିଳୁଥିବ। କିନ୍ତୁ କିଛି କାର୍ଯ୍ୟ ରହିଛି ଜଣେ ଯଦି ଯାହା ଆମ ଗାଁରେ ରୋଜଗାରକୁ ସୁଦୃଢ଼ କରିପାରିବ। ଯେଉଁ ତୁଳନାରେ ଜନସଂଖ୍ୟାର ବୃଦ୍ଧି ଘଟୁଛି ସେମିତି ଆବଶ୍ୟକତା ମଧ୍ୟ ବଢ଼ିଛି। ବାସ୍ତବରେ ଆମର ଦାଦନ ଶ୍ରମିକ ବା ବିସ୍ଥାପିତ ଶ୍ରମିକର ମନୋଭାବକୁ ବଦଳାଇବାକୁ ହେବ। କାରଣ ଆଜି ବି ଗାଁରେ ପ୍ରାକୃତିକ ସମ୍ପଦର ଅଭାବ ନାହିଁ। ଆଜି ବଡ ବଡ ସହର ତଥା ବିଦେଶ ପର୍ଯ୍ୟନ୍ତ ସମସ୍ତେ ଗାଁର ପ୍ରାକୃତିକ ସମ୍ପଦର ଉପଯୋଗ କରି ବିତ୍ତଶାଳୀ ହୋଇପାରୁଛନ୍ତି। ବିଶାଳ ପୃଥିବୀରେ ଭାରତ ବର୍ଷର ପ୍ରାକୃତିକ ସମ୍ପଦକୁ ପ୍ରକୃତ ବିନିଯୋଗର ଆବଶ୍ୟକତା ରହିଛି। ଶାଗମାଛ ଦରରେ ଆମ ଗାଁରେ ଥିବା ପ୍ରାକୃତିକ ସମ୍ପଦକୁ ବାହାର ବେପାରୀମାନଙ୍କ ହାତରେ ଟେକି ଦେଉଛୁ। ଖଣିଜ ସମ୍ପଦରୁ ଆରମ୍ଭ କରି ବଣ ଜଙ୍ଗଲ ପର୍ଯ୍ୟନ୍ତ ଆମେ ତାର ସଦବିନିଯୋଗ କରିପାରୁନାହାନ୍ତି।



ସ୍ଥାନୀୟ ଖଣିରୁ ଲୁହାପଥର,ବକସାଇଟ୍ ଭଳି ମୂଲ୍ୟବାନ ଖଣିଜ ସମ୍ପଦ ଆମଠାରୁ ନେଇ ଆମକୁ ଲୁହାର ବିଭିନ୍ନ ଉପକରଣ ତିଆରି ବିକ୍ରି କରୁଛନ୍ତି। ଯେଉଁ ଅଂଚଳରେ ଯେଉଁ ପ୍ରାକୃତିକ ସମ୍ପଦ ରହିଛି ତାର ସଦବିନିଯୋଗ ହେବା ଜରୁରୀ ରହିଛି। ଅଥବା ଆମ ଗାଁରେ ଥିବା ପ୍ରାକୃତିକ ସମ୍ପଦରେ କିପରି କୁଟୀର ଶିଳ୍ପ ବିକାଶ ହୋଇପାରିବ ତାକୁ ମଧ୍ୟ ପ୍ରାଧାନ୍ୟ ମିଳିବା ଜରୁରୀ। ଯେମିତିକି ବର୍ତ୍ତମାନ ଗାଁ ଲୋକେ ତାଙ୍କର କୌଳିକ ବୃତ୍ତିକୁ ଛାଡିଲେଣି। କାରଣ ଆମେ ବର୍ତ୍ତମାନ ସମସ୍ତେ ସହର ମୁହାଁ ହୋଇ ଦୋକାନ ବଜାରକୁ ଗୁରୁତ୍ୱ ଦେଲୁଣି। ଗାଁରେ ପରିବା,ଡାଲି ଚାଉଳ ବଦଳରେ ଆର୍ଟିଫିସିଆଲ୍ ଯନ୍ତ୍ର ତଥା ରାସାୟନିକ ସାର ପ୍ରୟୋଗ ହୋଇଥିବା ଜିନିଷ ଆମେ ସହରର ବଡ ବଡ ମଲ୍ ବା ଦୋକାନ ଉପରେ ନିର୍ଭର କରୁଛୁ। ତେଣୁ ଆମ ଗାଁ ଗୁଡିକର ବହୁଚାଷୀ ବେପାରୀ ଶାଗମାଛ ଦରରେ ଜିନିଷପତ୍ର ବିକ୍ରି କରିଦେଉଛନ୍ତି। କାରଣ ତାଙ୍କ ନିକଟରେ ଉପଯୁକ୍ତ ବ୍ୟବସାୟିକ ସାଧନ ନାହିଁ। ଏଥି ନିମନ୍ତେ ସରକାରୀ ସ୍ତରରରେ ମଧ୍ୟ ସତନ୍ତ୍ର ଭାବେ ଗାଁ ଲୋକମାନଙ୍କର ଜୀବନ ଜୀବିକାକୁ ସୁଦୃଢ଼ କରିବା ପାଇଁ ରୋଜଗାରର ଖସଡା ପ୍ରସ୍ତୁତ କରିବା ଜରୁରୀ। ଗାଁ ମାନଙ୍କରେ କୁଟୀର ଶିଳ୍ପର ବିକାଶ ଜରୁରୀ। ଗ୍ରାମାଞ୍ଚଳରେ ମିଳୁଥିବା କଂଚାମାଲ୍‌ର ସଦବିନିଯୋଗ ହୋଇପାରିଲେ ବହୁଲୋକ ଉପକୃତ ହୋଇପାରିବେ। ବାଉଁଶ, ବବେଇ, ଶାଳପତ୍ର ଭଳି ଆହୁରି ମୂଲ୍ୟବାନ ପ୍ରାକୃତିକ ସମ୍ପଦରେ ଭରପୂର ହୋଇରହିଛି। ଏହା ସହିତ ଭବିଷ୍ୟତକୁ ନଜର ରଖି ରୋଜଗାରକୁ ନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। କାରଣ ବହୁଲୋକଙ୍କ ନିକଟରେ ଭିତ୍ତିଭୂମି ଥାଇ ମଧ୍ୟ ତାର ସଦ୍‌ବିନିଯୋଗ କରିପାରୁନାହାନ୍ତି।

ଯେମିତି ବହୁଚାଷ ଜମି ପଡିଆ ପଡିଛି। ବହୁଲୋକଙ୍କ ନିକଟରେ ଲୁକ୍କାୟିତ ଜୀବିକା କୌଶଳର ଉପଯୋଗ ହୋଇପାରୁନି। ପୁଂଜିର ଅଭାବକୁ ଦୂର କରିବା ଲାଗି ସଚେତନ ଜରୁରୀ। ଅନେକ ସରକାରୀ ଯୋଜନା ମଧ୍ୟ ରହିଛି ଯାହା ଆମ ଗାଁ ଲୋକମାନଙ୍କର ରୋଜଗାରକୁ ଦ୍ୱିଗୁଣିତ କରିପାରିବ। ସେଥିଲାଗି ରୋଜଗାର ଲାଗି ସବୁବେଳେ ସମାଜର ହିତ ସାଧନ ହେଲା ଭଳି କାର୍ଯ୍ୟ କଲେ ଆମ ଗାଁ ରୋଜଗାରରେ ଉନ୍ନତି ଘଟିବ।


ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋବାଇଲ୍: ୯୪୩୮୫୩୭୦୧୩


# ସାଇ ନବବର୍ଷ ଓ ମକର ସଂକ୍ରାନ୍ତି



**ନିରୂପମା ଭୂୟାଁ**

ଆମ ଦେଶରେ ମକର ସଂକ୍ରାନ୍ତିକୁ ଏକ ପବିତ୍ର ଦିବସ ରୂପେ ପାଳନ କରାଯାଏ। ଏହିଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି ଓ ତାଙ୍କର ଉତ୍ତରାୟଣ ଆରମ୍ଭ ହୁଏ। ଏହି ଦିନର ଆଉ ଏକ ପୌରାଣିକ ତାତ୍ପର୍ଯ୍ୟ ହେଲା ଯେ ମହାଭାରତ ଯୁଦ୍ଧରେ ଭୀଷ୍ମ ଶରଶଯ୍ୟାରେ ୫୬ଦିନ ଶୟନ କଲାପରେ ମର ଶରୀର ତ୍ୟାଗ କରିବା ପାଇଁ ଏହି ପବିତ୍ର ଦିନଟିକୁ ଅପେକ୍ଷା କରି ରହିଥିଲେ। ସୂର୍ଯ୍ୟଙ୍କର ଉତ୍ତରାୟଣ ଆରମ୍ଭ ହେବାରୁ ତାଙ୍କ ଆତ୍ମା ପରମାତ୍ମାଙ୍କ ଶରୀରରେ ଲୀନ ହେଲା। ସତ୍ୟସାଇ ବାବା ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନଟିକୁ ସତ୍ୟସାଇ ସଂଗଠନର ନବବର୍ଷର ଆରମ୍ଭ ରୂପେ ପାଳନ କରି ଏହି ପବିତ୍ର ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଦିବ୍ୟ ସମ୍ଭାଷଣମାନ ଦେଇଥାନ୍ତି। ତାଙ୍କ ମତରେ ମକର ସଂକ୍ରାନ୍ତି ଆବାହମାନ କାଳରୁ ଏକ ପରିପୂର୍ଣ୍ଣତା ଓ ଆନନ୍ଦର ଦିବସ ରୂପେ ପାଳିତ ହୋଇ ଆସୁଅଛି। ଏହି ପର୍ବ ସାମାଜିକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ସଂକ୍ରାନ୍ତିର ଅର୍ଥ ହେଲା ସମୁହକ୍ରାନ୍ତି। କ୍ରାନ୍ତି କହିଲେ ପରିବର୍ତ୍ତନକୁ ବୁଝାଏ। ଏହି ପବିତ୍ର ଦିବସର ପ୍ରଭାବରେ ସମଗ୍ର ମାନବ ଜାତି ମଧ୍ୟରେ ପବିତ୍ର ବାତାବରଣ ସୃଷ୍ଟି ହୁଏ। ସେଥିପାଇଁ ସାଇ ବାବା ଏହି ପର୍ବରେ ଭକ୍ତମାନଙ୍କ ସମାବେଶରେ ଶୁଭ ସନ୍ଦେଶ ଦେଇକହିଥାନ୍ତି ଯେ ସଂକ୍ରାନ୍ତି ହୃଦୟର ପରିବର୍ତ୍ତନ ଆଣିଲେ ସମସ୍ତେ ସୁଖ ସମୃଦ୍ଧ ଭରା ଗୌରବମୟ ଜୀବନଯାପନ କରିବେ।

ସାଧାରଣତଃ ଗ୍ରାମ ମାନଙ୍କରେ ଚାଷକାର୍ଯ୍ୟରେ ବ୍ୟସ୍ତ ଥିବା ବ୍ୟକ୍ତିମାନେ ଜମି ହଳ କରିବା, ପାଣି କାଦୁଅରେ ଦିନରାତି ପରିଶ୍ରମ କରି ବେଉଷଣ କରିବା, ଶୀତ କାକରରେ ଧାନ ଅମଳ କରି ଖଳାରେ ଗଦା ମାରିବା ଓ ଧାନ ଅମଳ କରିବାରେ ଯେଉଁ କଷ୍ଟ ସ୍ୱୀକାର କରିଥାଆନ୍ତି ମକର ସଂକ୍ରାନ୍ତି ପରି ଏକ ପବିତ୍ର ଦିନ ଉପସ୍ଥିତ ହେଲେ ମନଭରି ଆନନ୍ଦ ଉଲ୍ଲାସରେ ମାତି ଯାଆନ୍ତି। ଟିକିଏ ଆରାମ କରିବା ସହିତ ଭାଗବତ ଆରାଧନା କରିବାରେ ଦିନଟିକୁ କାଟି ଥାଆନ୍ତି। ଘରେ ଘରେ ନୂଆ ଧାନର ଚାଉଳରେ ନଡ଼ିଆ, ଛେନା ଆଦି ବ୍ୟବହାର କରି ସୁସ୍ୱାଦୁ ପୋଡ଼ପିଠା କରି ମକର ଚାଉଳ ସହିତ ଠାକୁରଙ୍କ ନିକଟରେ ଭୋଗ ଲଗାନ୍ତି। ମକର ସଂକ୍ରାନ୍ତୁ ସାରା ବିଶ୍ୱରେ ସତ୍ୟସାଇ ସଂଗଠନ ଦ୍ୱାରା ନବବର୍ଷ ରୂପେ ପାଳନ କରାଯାଏ। କାରଣ ଏହି ପବିତ୍ର ଦିବସରେ ସତ୍ୟସାଇ ସମିତି ଗୁଡ଼ିକରେ ଆଗାମି ବର୍ଷ ପାଇଁ ସର୍ବସମ୍ମତ ଭାବେ ସ୍ଥିର କରାଯାଇଥିବା ଓ ରାଜ୍ୟ ସଂଗଠନ ଦ୍ୱାରା ଅନୁମୋଦିତ କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ରାଜ୍ୟସ୍ତରୀୟ କିମ୍ବା ଜିଲ୍ଲାସ୍ତରୀୟ କିମ୍ବା ବିଶିଷ୍ଟ ବ୍ୟକ୍ତିମାନେ ପୌରହିତ କରିଥାନ୍ତି ଏବଂ ବାବାଙ୍କ ବାଣୀ ଓ ଲୀଳା ବିଷୟରେ ଉପସ୍ଥିତ ଦର୍ଶକ ମାନଙ୍କୁ ସମ୍ଭାଷଣ ଦେଇ ବାତାବରଣକୁ ପବିତ୍ରତାରେ ଭରି ଦିଅନ୍ତି। ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟ ସମ୍ଭାଷଣ ପ୍ରଦତ୍ତ ଓ ମାର୍ଗ ନିର୍ଦ୍ଦେଶିତ ଜୀବନଚର୍ଯ୍ୟା ଓ ସଙ୍ଗଠନରେ ଆଧ୍ୟାତ୍ମିକ ଦାୟିତ୍ୱବୋଧକୁ ସ୍ମରଣୀୟ କରିବାର ପବିତ୍ର ଦିନଟି ହେଉଛି ମକର ସଂକ୍ରାନ୍ତୀ। କହିବାକୁଗଲେ ମକର ସଂକ୍ରାନ୍ତି ହେଉଛି ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ଆଧ୍ୟାତ୍ମିକ ବର୍ଷର ଆରମ୍ଭ ଦିନ ବା ନୂଆ ବର୍ଷ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତିଟି ସାଇ ଆଶ୍ରିତ ଏହି ଦିନଟିକୁ ଅତ୍ୟନ୍ତ ଆଧ୍ୟାତ୍ମିକ ଭାବପୂର୍ଣ୍ଣ ଭାବେ ଗ୍ରହଣ କରିଥାନ୍ତି। ପ୍ରତ୍ୟୁଷରୁ ଓଁକାରମ୍ ସୁପ୍ରଭାତମ୍, ନଗରସଂକୀର୍ତ୍ତନରୁ ଆରମ୍ଭ ହୋଇ ବିଭିନ୍ନ ସେବାକାର୍ଯ୍ୟ, ପୂଜା, ପ୍ରାର୍ଥନା ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ସତସଙ୍ଗ ଓ ସ୍ୱତନ୍ତ୍ର ପ୍ରଶାନ୍ତି ଭଜନ ପରିବେଷଣ ହୋଇଥାଏ। ଏହି ଦିନରୁ ସଙ୍ଗଠନର ସମସ୍ତ ଶାଖାର ନୂଆ କର୍ମକର୍ତ୍ତାମାନେ ଭଗବାନଙ୍କ ପାଦପଦ୍ମରେ ଶପଥ ଓ ପ୍ରଣାମ ପୂର୍ବକ ଦାୟିତ୍ୱ ଗ୍ରହଣ କରିଥାନ୍ତି। ସଙ୍ଗଠନର ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଶପଥ ଗ୍ରହଣ କରି ଘୋଷଣା କରିଥାନ୍ତି - ମୁଁ ଉଦ୍‌ଘୋଷଣା କରୁଛି କି ମୋର ଭଗବାନ ବାବାଙ୍କ ପ୍ରଦତ୍ତ ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି। ମୁଁ ନବବିଧ ଆଚରଣ ବିଧି ଓ ସଂଗଠନର ସମସ୍ତ ନିୟମ ମାନି ଚଳିବି, ମୁଁ ନିଶାଦ୍ରବ୍ୟ ଧୁଆଁପତ୍ର, ଆମିଷ ଭୋଜନ ଓ ଜୁଆ ଖେଳରୁ ଦୂରେଇ ରହିବି। ମୁଁ ମୋର ସମସ୍ତ କର୍ତ୍ତବ୍ୟ ଭଗବାନ ସତ୍ୟସାଇ ବାବାଙ୍କ ପାଦପଦ୍ମରେ ଅର୍ପଣ କରିବି।

ମକର ସଂକ୍ରାନ୍ତିରୁ ଉତ୍ତରାୟଣ ପର୍ବ ଆରମ୍ଭ ହୁଏ। ଏହା ଦେବତା ମାନଙ୍କ ଦିନ ହୋଇଥିବା ଯୋଗୁଁ ଏହି ଦିନ ଜପ, ତପ, ଦାନ, ସ୍ନାନ, ଶ୍ରାଦ୍ଧ, ତର୍ପଣ ଆଦି ଧାର୍ମିକ କାର୍ଯ୍ୟର ବିଶେଷ ମହତ୍ୱ ରହିଛି। ଏହିଦିନ ଠାରୁ ଦିନ ବଡ଼ ହେବାକୁ ଲାଗେ ଏବଂ ରାତି ଛୋଟ ହେବାକୁ ଲାଗେ। ଦିନ ବଡ଼ ହେବା ଯୋଗୁଁ ଅଧିକ ଆଲୋକ ମିଳେ। ଫଳରେ ତାପମାତ୍ରା କମେ। ଅର୍ଥାତ୍ ମକର ସଂକ୍ରାନ୍ତି ଠାରୁ ଶୀତର ପ୍ରକୋପ କମ୍ ହୋଇଯାଏ। ଅଧିକ ଆଲୋକ ଯୋଗୁଁ ମନୁଷ୍ୟର ଚେତନା ଓ କାର୍ଯ୍ୟଶକ୍ତି ବୃଦ୍ଧି ପାଏ। ଏହି ଦିନ ସୂର୍ଯ୍ୟଙ୍କ ରାଶିରେ ହୋଇଥିବା ପରିବର୍ତ୍ତନକୁ ଅନ୍ଧକାରରୁ ଆଲୋକ ଆଡ଼କୁ ଅଗ୍ରସର ହେବାର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ଧର୍ମର ପ୍ରତ୍ୟେକ ପର୍ବ କୌଣସି ନା କୌଣସି ଦେବତାଙ୍କ ପାଇଁ ଉଦ୍ଦିଷ୍ଟ। ଉତ୍ତରାୟଣ ପର୍ବ ଅର୍ଥାତ୍ ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ଏହି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରନ୍ତି। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବା ଯୋଗୁଁ ମନୁଷ୍ୟ ମନରେ ମଧ୍ୟ ପରିବର୍ତ୍ତନ ଆସେ। ସମସ୍ତେ ମିଳିମିଶି ରୁହନ୍ତୁ, ସମସ୍ତଙ୍କ ଜୀବିକା ନିର୍ବିଘ୍ନରେ ଚାଲୁ, ସମସ୍ତେ ଶକ୍ତିମାନ ହୁଅନ୍ତୁ, ସତ୍‌କର୍ମରୁ ଆମକୁ ଶକ୍ତି ମିଳୁ - ଏହା ମକର ସଂକ୍ରାନ୍ତିର ସନ୍ଦେଶ।


ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ
କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ମୋବାଇଲ୍: ୯୯୩୭୪୭୦୯୮୦

# ପ୍ରୟାଗରାଜରେ ପ୍ରଥମ ଶାହି ସ୍ନାନ




**ପ୍ରୟାଗରାଜ,୧୪।୧:** ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ପ୍ରୟାଗରାଜରେ ହୋଇଛି ପ୍ରଥମ ସାହି ସ୍ନାନ। ଭୋର ୫ଟା ୧୫ରୁ ବିଭିନ୍ନ ଆଖଡ଼ାର ସାଧୁସନ୍ଥଙ୍କ ସହ ଶ୍ରଦ୍ଧାଳୁଙ୍କ ସ୍ନାନ ଆରମ୍ଭ ହୋଇଛି। ପ୍ରଥମେ ମହାନିର୍ବାଣୀ ଓ ଅଟଳ ଆଖଡ଼ା ସାଧୁମାନେ ବୁଡ଼ ପକାଇଛନ୍ତି। ତା'ପରେ ଅନ୍ୟ ଆଖଡ଼ା ଓ ଶ୍ରଦ୍ଧାଳୁଙ୍କୁ ସ୍ନାନ ଅନୁମତି ମିଳିଛି।

ଆଜି ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦୁଇଗୁଣା ହେବା ନେଇ ଅନୁମାନ କରିଛି ଉତ୍ତର ପ୍ରଦେଶ ପ୍ରଶାସନ। ଗତକାଲି ପ୍ରଥମ ଦିନରେ ଦେଢ଼ କୋଟିରୁ ଅଧିକ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ଖାଲି ସନାତନୀ ହିନ୍ଦୁ ନୁହନ୍ତି ବହୁ ବିଦେଶୀ ମଧ୍ୟ ସଂଗମରେ ସ୍ନାନ କରି ପାଇଛନ୍ତି ଅନନ୍ୟ ଅନୁଭବ। ହୋମ ଯଜ୍ଞ ଓ ଆଳତି ସାଙ୍ଗକୁ ବେଦମନ୍ତ୍ରରେ ପ୍ରକମ୍ପିତ ହେଉଛି ପ୍ରୟାଗତୀର୍ଥର ପରିସୀମା। ୧୪୪ ବର୍ଷ ପରେ ଏହି ମହାକୁମ୍ଭରେ ଦେଶବିଦେଶର କୋଟି କୋଟି ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି। ମହାକୁମ୍ଭରେ ସ୍ନାନ କରିବା ଦ୍ୱାରା ପାପରୁ ମୁକ୍ତି ସହ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଆଜି ୧୩ଟି ଆଖଡ଼ାର ସାଧୁମାନେ ଅମୃତ ସ୍ନାନ କରିବେ। ଏଥିନିମନ୍ତେ ସେମାନଙ୍କ ତିଥି, ସମୟ, କ୍ରମ ଓ ସିଡ୍ୟୁଲ ଜାରି କରାଯାଇଛି। ମହାକୁମ୍ଭ ମେଳା ଡିଆଇଜି ବୈଭବ କୃଷ୍ଣଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ୧୩ଟି ଆଖଡ଼ାର ସାଧୁସନ୍ଥ ମହାସ୍ନାନ କରିବା ନିମନ୍ତେ ସମୟ ନିର୍ଦ୍ଧାରିତ ହୋଇଛି। ପୁଲିସର ୯ ଟିମ୍ ସେମାନଙ୍କୁ କ୍ରମ ଅନୁଯାୟୀ ଅମୃତ ସ୍ନାନ ନିମନ୍ତେ ଘାଟକୁ ନେବ। କୁମ୍ଭମେଳା ଅବସରରେ ପ୍ରବଳ ଭିଡ଼କୁ ଲକ୍ଷ୍ୟ ରଖି ସଂଗମ ସଳକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ପାର୍ଶ୍ୱରେ ଆଖଡ଼ାର ସାଧୁସନ୍ଥ ଓ ଅନ୍ୟପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇବେ। ଏହାକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବ୍ୟାପକ ଫୋର୍ସ ମୁତୟନ ହୋଇଛନ୍ତି।



## ଇସ୍ରୋ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ନାରାୟଣନ

**ଶ୍ରୀହରିକୋଟା, ୧୪।୧:** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ବା ଇସ୍ରୋର ନୂଆ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଶିଷ୍ଟ ବୈଜ୍ଞାନିକ ଭି.ନାରାୟଣନ୍। ଗତକାଲି ଅପରାହ୍ଣରେ ସେ ଇସ୍ରୋର ନୂଆ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ନେଇଛନ୍ତି। ନାରାୟଣନ୍ ଦୁଇ ବର୍ଷ ପାଇଁ ଏହି ପଦରେ ରହିବେ।

ଏହାପୂର୍ବରୁ ସେ ଇସ୍ରୋର ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ଭାବେ ଏଲପିଏସସିର ଅଧ୍ୟକ୍ଷ ରହିଥିଲେ। ୧୯୮୪ରେ ସେ ଇସ୍ରୋରେ ସାମିଲ ହୋଇଥିଲେ। ପ୍ରାୟ ୪୦ ବର୍ଷ ଧରି ସେ ଭାରତୀୟ ମହାକାଶ ଗବେଷଣା ସହ ଜଡିତ। ସେ ଭାରତୀୟ ଅନ୍ତରୀକ୍ଷ ସଂଗଠନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହିଆସିଛନ୍ତି। ଇସ୍ରୋ ଅଧ୍ୟକ୍ଷ ହେବା ପୂର୍ବରୁ ସେ ଭଲିଆମାଲାରେ ଅବସ୍ଥିତ ଲିକ୍ୱିଡ୍ ପ୍ରପଲ୍ସନ୍ ସିଷ୍ଟମ୍ ସେଣ୍ଟରର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରି ସାରିଛନ୍ତି। ଜିଏସଏଲଭି ଏମ୍‌କେ-୩ ପାଇଁ ଆବଶ୍ୟକ ସିଇ-୨୦ କ୍ରାୟୋଜେନିକ୍ ଇଞ୍ଜିନ୍ ଡିଜାଇନରେ ନାରାୟଣନ୍ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଦେଶକୁ ଚନ୍ଦ୍ରଯାନ-୩ର ଐତିହାସିକ ସଫଳତା ଦେଇଥିବା ଇସ୍ରୋ ମୁଖ୍ୟ ଏସ୍ .ସୋମନାଥଙ୍କର ଗତକାଲି ଥିଲା ଶେଷ କାର୍ଯ୍ୟଦିବସ। ୧୪ ଜାନୁଆରୀ ୨୦୨୨ରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଇସ୍ରୋ ସଫଳତାର ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ମିଶନକୁ କାର୍ଯ୍ୟକାରୀ କରିଛି । ଏବେ ତାଙ୍କ ସ୍ଥାନରେ ଡକ୍ଟର ଭି.ନାରାୟଣନ୍ ଇସ୍ରୋର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି।

## ଅସୁସ୍ଥ ହୋଇପଡ଼ିଲେ ଷ୍ଟିଭ୍ ଜବ୍ସଙ୍କ ପତ୍ନୀ



**ପ୍ରୟାଗରାଜ, ୧୪।୧:** କୁମ୍ଭମେଳାରେ ଭାଗ ନେଇଥିବା ଆପଲ୍‌ର ସହ ପ୍ରତିଷ୍ଠାତା ଦିବଙ୍ଗତ ଷ୍ଟିଭ୍ ଜବ୍ସଙ୍କ ପତ୍ନୀ ଲରେନ୍ ପାୱେଲ ଅସୁସ୍ଥ। ପ୍ରଥମ ଥର ପାଇଁ କୁମ୍ଭମେଳାରେ ଭାଗ ନେବାକୁ ଆସିଥିବା ଲରେନ୍ ପାୱେଲ ପୂର୍ବରୁ କେବେ ଏପରି ଭିଡ଼ ଦେଖିନଥିଲେ। ଏଭଳି ପରିବେଶରେ ଆଗରୁ କେବେ ରହିନଥିବାରୁ ତାଙ୍କର ଏଲର୍ଜି ହୋଇଯାଇଥିବା ଜଣାପଡ଼ିଛି।

ରବିବାର ରାତିରୁ ସେ ଆମେରିକାରୁ ଆସି ପ୍ରୟାଗରାଜରେ ସ୍ୱାମୀ କୈଳାଶନନ୍ଦ ଗିରିଙ୍କ ଶିବିରରେ ରହୁଛନ୍ତି। ଗତକାଲି ସେ ପବିତ୍ର ସଙ୍ଗମ ସ୍ଥଳୀରେ ବୁଡ଼ ପକାଇଥିଲେ। ହେଲେ ଆଜି ସକାଳେ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିଥିବା ସ୍ୱାମୀ କୈଳାଶନନ୍ଦ ଗିରି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସେ ଆମ ଧର୍ମ ଓ ସଂସ୍କୃତି ବିଷୟରେ ଜାଣିବା ପାଇଁ ଏଠାକୁ ଆସିଛନ୍ତି। ହେଲେ ସେ ପୂର୍ବରୁ କେବେ ଏଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ରହିନଥିଲେ। ସେଥିପାଇଁ ତାଙ୍କର କିଛି ଏଲର୍ଜି ହୋଇଛି। ଅସୁସ୍ଥ ଥିବା ସତ୍ତ୍ୱେ ସେ ବୁଡ଼ ପକାଇବା ପାଇଁ ଆଗ୍ରହୀ। ଉଲ୍ଲେଖଯୋଗ୍ୟ, ନୀରଞ୍ଜନ ଆଖଡାର ଆଚାର୍ଯ୍ୟ କୈଳାଶନନ୍ଦ ଗିରି ମହାରାଜ ଲରେନ୍ ପାୱେଲଙ୍କୁ ଆଧ୍ୟାତ୍ମିକ ନିବିଡ଼ତାର ପ୍ରତୀକ ଭାବେ କମଳା ନାମ ଦେଇଥିଲେ। ସେ ପ୍ରୟାଗରାଜ ଆସିବା ପୂର୍ବରୁ ବାରଣାସୀ ଯାଇଥିଲେ। ସେଠାରେ ସେ କାଶୀବିଶ୍ୱନାଥ ମନ୍ଦିର ଯାଇ ଦର୍ଶନ କରିଥିଲେ। ତାଙ୍କ ସହ କୈଳାଶନନ୍ଦ ଗିରି ମହାରାଜ ମଧ୍ୟ କାଶୀବିଶ୍ୱନାଥ ମନ୍ଦିରରେ ଉପସ୍ଥିତ ଥିଲେ। ତେବେ ଜାନୁଆରୀ ୨୦ ତାରିଖରେ ଲରେନ୍ ପାୱେଲ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ଏଥିପାଇଁ ୧୫ ତାରିଖରେ ସେ ଆମେରିକା ଫେରିଯିବେ।

## ଏଲ୍‌ଓସି ନିକଟରେ ବିସ୍ଫୋରଣ, ୬ ଯବାନ ଆହତ

**ଲଦାଖ, ୧୪।୧:** ସୀମା ନିକଟରେ ହେଲା ବିସ୍ଫୋରଣ। ଜମ୍ମୁ-କଶ୍ମୀରର ରଜୌରୀ ସ୍ଥିତ ନୌସେରା ସେକ୍ଟରରେ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ ହୋଇଛି। ଏଥିରେ ୬ ଜଣ ଯବାନ ଆହତ ହୋଇଛନ୍ତି। ଏଲ୍‌ଓସି ନିକଟ ନୌସେରା ନିକଟରେ ବିସ୍ଫୋରଣ ହୋଇଥିବା କୁହାଯାଉଛି। ଅଧିକାରୀଙ୍କ ସୂଚନା ମୁତାବକ, ଭାରତୀୟ ସେନାର ଯବାନମାନେ ପାଟ୍ରୋଲିଂ କରୁଥିବା ବେଳେ ନୌସେରା ସେକ୍ଟରର ଖାମ୍ବା ଦୁର୍ଗ ନିକଟରେ ସକାଳ ୧୦ଟା ୪୫ ସମୟରେ ବିସ୍ଫୋରଣ ହୋଇଥିବା ସୂଚନା ମିଳିଥିଲା। ଜଣେ ସୈନିକ ହଠାତ୍ ଲ୍ୟାଣ୍ଡମାଇନ୍ ଉପରେ ଭୁଲ୍‌ରେ ଚଢ଼ି ଯିବାରୁ ଏହି ବିସ୍ଫୋରଣ ଘଟିଥିବା କୁହାଯାଉଛି। ଆହତ ୬ ଯବାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ଅବସ୍ଥା ସ୍ଥିର ରହିଛି। ସୀମାପାର୍ ଆତଙ୍କବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ନିୟନ୍ତ୍ରଣ ରେଖା ନିକଟରେ ଲ୍ୟାଣ୍ଡମାଇନ୍ ଲଗାଯାଏ, ଯାହା ବର୍ଷା ହେତୁ ବେଳେବେଳେ ଧୋଇଯାଏ, ଯାହାଫଳରେ ଏଭଳି ଦୁର୍ଘଟଣା ଘଟିଥାଏ ବୋଲି ଅଧିକାରୀମାନେ କହିଛନ୍ତି।

## ମା' ବୁଲେଟ୍ ବିକିଦେବାରୁ ନିଜକୁ ଗୁଳି କରିଦେଲା ପୁଅ

**ଲକ୍ଷ୍ନୌ, ୧୪।୧:** ଖରାପ ସାଙ୍ଗସାଥୀଙ୍କ ସହ ମିଳାମିଶା କରୁଥିଲା ପୁଅ। ଗାଳି କଲେ ମା'। ପୁଅକୁ ସୁଧାରିବା ପାଇଁ ତା' ବୁଲେଟ୍‌କୁ ମଧ୍ୟ ବିକ୍ରି କରିଦେଲେ। ବାସ୍, ଏତିକିରେ ରାଗିଗଲା ନବମ ଶ୍ରେଣୀରେ ପଢୁଥିବା ପୁଅ। ରାଗରେ ନିଜକୁ ଗୁଳି କରି ଆତ୍ମହତ୍ୟା କଲା। ଉତ୍ତର ପ୍ରଦେଶର ମେରଟରେ ଘଟିଛି ଏହି ଘଟଣା। ପୁଲିସ ସୂଚନା ମୁତାବକ, ଏଠାରେ ଜଣେ ନବମ ଶ୍ରେଣୀ ଛାତ୍ର ଭୁଲ୍ ସାଙ୍ଗସାଥୀଙ୍କ ସହ ମିଳାମିଶା କରୁଥିଲା। ଏହାକୁ ନେଇ ତାକୁ ତାଙ୍କ ମା' ଓ ବଡ଼ ଭାଇ ଗାଳିଗୁଲଜ କରିଥିଲେ। ଏହାପରେ ତା' ବୁଲେଟ୍‌କୁ ବିକ୍ରି କରିଦେଇଥିଲେ। ମେଡିକାଲ କଲେଜରେ ନର୍ସ ଥିବା ନାବାଳକର ମା' ଜାନୁଆରୀ ୧୨ ଶନିବାର ଦିନ ରାତି ପ୍ରାୟ ୮ଟା ସମୟରେ ତାଙ୍କ ବଡ଼ ପୁଅ ସହିତ ଘରକୁ ଫେରିଥିଲେ। ଏତିକି ବେଳେ ସାନ ପୁଅ ଘରର ବାଲକୋନୀରେ ଠିଆ ହୋଇଥିଲେ। କିଛି ସମୟ ପରେ ସେ ନିଜ ରୁମ୍‌କୁ ଯାଇ ନିଜକୁ ନିଜେ ଗୁଳି କରିଦେଇଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ମା' ଓ ବଡ଼ ଭାଇ ଦୌଡି ଯାଇ ରୁମ୍‌ର କବାଟ ଖୋଲିବାକୁ ଚେଷ୍ଟା କରିଥିଲେ କିନ୍ତୁ ଭିତରକୁ ବନ୍ଦ ଥିବାରୁ ଏହା ଖୋଲି ନଥିଲା। ଏହାପରେ ଝରକା ଭାଙ୍ଗି ରୁମ୍ ଭିତରେ ପଶିଥିଲେ। ଏହାପରେ ରକ୍ତାକ୍ତ ଅବସ୍ଥାରେ ନାବାଳକକୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କିନ୍ତୁ ତାକୁ ମୃତ ଘୋଷଣା କରିଥିଲେ।

## ଯାତ୍ରୀବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

**ଚେନ୍ନାଇ, ୧୪।୧:** ପୁଣି ଟ୍ରେନ୍ ଦୁର୍ଘଟଣା। ଲାଇନ୍‌ଚ୍ୟୁତ୍ ହେଲା ଯାତ୍ରୀବାହୀ ଟ୍ରେନ୍। ତାମିଲନାଡୁର ଭିଲୁପୁରମ୍ ରେଲଷ୍ଟେସନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍‌ର ୫ ବଗି ଡିରେଲ୍ ହୋଇଛି। ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ଏହା ବର୍ତ୍ତି ଯାଇଛି। ଲାଇନଚ୍ୟୁତ ହେବାର ଶବ୍ଦଶୁଣି ପାଇଲଟ୍ ତୁରନ୍ତ ଟ୍ରେନ୍‌କୁ ଅଟକାଇ ଦେଇଛନ୍ତି। ରେଲୱେ ଅଧିକାରୀଙ୍କ ସୂଚନା ମୁତାବକ, ଆଜି ଭୋର ୫ଟା ବେଳେ ଭିଲୁପୁରମ୍‌ରୁ ପୁଡୁଚେରୀ ଯାଉଥିବା ଏକ ପାସେଞ୍ଜର ଟ୍ରେନ୍‌ର ୫ ବଗି ଭିଲୁପୁର ରେଲଓ୍ୱେ ଷ୍ଟେସନ ନିକଟରେ ଡିରେଲ୍ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଟ୍ରେନ୍ ଅଟକିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଛି। ରେଳ କର୍ମଚାରୀ ଏବଂ ଇଞ୍ଜିନିୟର୍ସମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ୍ ମରାମତି ପାଇଁ କାର୍ଯ୍ୟ କରୁଛନ୍ତି। ତେବେ ଟ୍ରାକ୍‌ରେ ବଗିଗୁଡିକ ଠିଆ ହୋଇଥିବା ଲାଗି ଏହି ରୁଟ୍ ଦେଇ ଅନ୍ୟ ଟ୍ରେନ୍ ଚଳାଚଳରେ ବିଳମ୍ବ ହୋଇଛି। କଠିନ ପରିଶ୍ରମ ପରେ ରେଳ କର୍ମଚାରୀମାନେ ଅନ୍ୟ ଟ୍ରେନ୍ ପାଇଁ ରାସ୍ତା ସଫା କରିଛନ୍ତି। ତେବେ ଯାନ୍ତ୍ରିକ ତ୍ରୁଟି ନାଁ ଅନ୍ୟ କେଉଁ କାରଣ ଯୋଗୁ ଟ୍ରେନ୍ ଲାଇନଚ୍ୟୁତ ହୋଇଛି ସେ ନେଇ ତଦନ୍ତ ଜାରି ରହିଛି। ଭିଲୁପୁରମ୍ ରେଳ ପୁଲିସ ମଧ୍ୟ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ରଖିଛି।

## ଛିଣ୍ଡିଗଲା ରାମ ଦୋଳି: ୫ ଗୁରୁତର

**ଲକ୍ଷ୍ନୌ, ୧୪।୧:** ଖଚାଖଚ ଭର୍ତ୍ତି ହୋଇଥିଲା ରାମ ଦୋଳି। ବସିଥିଲେ କ୍ଷମତାଠୁ ଅଧିକ ଲୋକ । ମାତ୍ର ଭାରସାମ୍ୟ ସହି ନ ପାରି ୩୦ ଫୁଟ ଉଚ୍ଚରୁ ଛିଣ୍ଡିଗଲା ଦୋଳି। ଏପରି ଏକ ଘଟଣା ଉତ୍ତରପ୍ରଦେଶର ଇଟାୱା ଜିଲ୍ଲାରେ ଘଟିଛି। ଇଟାୱାରେ ଏକ ପ୍ରଦର୍ଶନୀ ପଡ଼ିଥିବା ବେଳେ ବିଭିନ୍ନ ଦୋକାନବଜାର ସାଙ୍ଗକୁ ଭଳିକିଭଳି ଦୋଳି ବି ପଡ଼ିଥିଲା। ଦୋଳି ଚଢ଼ିବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଥିବା ବେଳେ ପ୍ରତି ଥର କ୍ଷମତାଠୁ ଅଧିକ ଲୋକ ଦୋଳିରେ ଝୁଲୁଥିଲେ । ଗତ ରାତିରେ ଏକ ଦୋଳି ୩୦ ଫୁଟ ଉଚ୍ଚକୁ ଉଠିଥିବା ବେଳେ ତାହାର ଏକ ଟ୍ରଲି ଭାରସାମ୍ୟ ହରାଇ ତଳକୁ ଖସି ପଡ଼ିଥିଲା। ଉକ୍ତ ଟ୍ରଲିରେ ଥିବା ୫ ଜଣ ତଳେ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଖବର ପାଇ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି , ଏଥିସହ ମେଡିକାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏନେଇ ଏଡିଏମ୍ ବିକ୍ରମ ରାଘବ କହିଛନ୍ତି, ଗତକାଲି ରାତି ପ୍ରାୟ ସାଢେ ୮ଟାରେ ଏହି ଘଟଣା ଘଟିଛି। ଦୋଳିର ଏକ ଟ୍ରଲି ଭାଙ୍ଗିବାକୁ ଏହି ଅଘଟଣ ଘଟିଛି। ୪ ଜଣଙ୍କର ନିକଟସ୍ଥ ମେଡିକାଲରେ ଚିକିତ୍ସା ଚାଲିଥିବା ବେଳେ ଜଣଙ୍କୁ ସଫେଇ ମେଡିକାଲ କଲେଜକୁ ରେଫର କରାଯାଇଛି। ଦୋଳି ଭାଙ୍ଗିବାର କାରଣ ଖୋଜିବାକୁ ତୁରନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଟିଏମ୍‌ସି ବୈଠକରେ ଗୁଳିକାଣ୍ଡ ଜଣେ ମୃତ, ୨ ଗୁରୁତର

**ମାଲ୍‌ଦା,୧୪।୧:** ଏକ ରାସ୍ତା ଉଦ୍‌ଘାଟନ କାର୍ଯ୍ରକ୍ରମ ଚାଲିଥିବା ସମୟରେ ଅଚାନକ ୪/୫ ଜଣ ଆତତାୟୀ ଗୁଳିକାଣ୍ଡ ଘଟାଇବା ଫଳରେ ଜଣେ ଟିଏମ୍‌ସି କର୍ମୀଙ୍କର ମୃତ୍ୟୁ ଘଟିଛି। ଏହି ଗୁଳିକାଣ୍ଡ ଘଟଣାରେ ଆଉ ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି। ଏଥିସିହ ୧୫ ଦିନ ଭିତରେ ପୃଥକ୍ ହିଂସାରେ ୨ ଜଣ ଟିଏମ୍‌ସି ନେତାଙ୍କର ମୃତ୍ୟୁ ହୋଇଛି। ପାଖାପାଖି ୧୫ ଦିନ ତଳେ ଟିଏମ୍‌ସି କାଉନ୍‌ସିଲର୍ ଦୁଲାଲ୍ ସରକାର ହିଂସାକାଣ୍ଡରେ ମୃତ୍ୟୁବରଣ କରିଥିଲେ। ମଙ୍ଗଳବାର ଟିଏମ୍‌ସି ନେତା ବକୁଲ୍ ଶେଖ୍ ତାଙ୍କର କେତେ ଜଣ ସହଯୋଗୀଙ୍କ ସହ ରାସ୍ତା ଉଦ୍‌ଘାଟନ କାର୍ଯ୍ୟକ୍ରମ ଅବସରରେ ବୈଠକ କରୁଥିଲେ। କାଳିଆଛକ ଥାନା ଅନ୍ତର୍ଗତ କାଳିଆଗଞ୍ଜ ଅଞ୍ଚଳରେ ଏହି ବୈଠକ ଚାଲୁଥିବା ସମୟରେ ଅଚାନକ ୪/୫ ଜଣ ବନ୍ଧୁକଧାରୀ ସେଠାରେ ପହଞ୍ଚି ଆଖିବୁଜା ଗୁଳି ଚଳାଇଥିଲେ। ଏହି ଗୁଳିକାଣ୍ଡରେ ବକୁଲ୍ ଓ ଅନ୍ୟ ଜଣେ ଆହତ ହୋଇଥିବା ବେଳେ ମୃତ୍ୟୁବରଣ କରିଥିବା କର୍ମୀ ଜଣଙ୍କ ଅତୁଲ୍ ହକ୍ ଓରଫ୍ ହାସୁ ଶେଖ୍। ବକୁଲ୍‌ଙ୍କ ବ୍ୟତୀତ ଆହତ ହୋଇଥିବା ଅନ୍ୟ ନେତା ଜଣଙ୍କ ଏସାରୁଦ୍ଦିନ୍ ଶେଖ୍ ଓ ସେ ପୂର୍ବତନ ପଞ୍ଚାୟତ ମୁଖ୍ୟ ବୋଲି ଜଣାପଡ଼ିଛି। ଉଭୟ ଆହତଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

## ନାମାଙ୍କନ ଦାଖଲ କଲେ ଆତିଶୀ



**ନୂଆଦିଲ୍ଲୀ, ୧୪।୧:** ନାମାଙ୍କନ ଦାଖଲ କଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ। ଦିଲ୍ଲୀର କାଲକାଜୀ ବିଧାନସଭା ଆସନରୁ ସେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହି ଆସନରୁ ଗତଥର ମଧ୍ୟ ସେ ଜିତିଥିଲେ। କାଲକାଜୀ ଆସନରେ ସେ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ରମେଶ ବିଧୁରୀ ଏବଂ କଂଗ୍ରେସ ପ୍ରାର୍ଥୀ ଅଲକା ଲାମ୍ବାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନାମାଙ୍କନପତ୍ର ଦାଖଲ କରିବା ପରେ ଆତିଶୀ କହିଛନ୍ତି, 'ଆଜି ମକର ସଂକ୍ରାନ୍ତିଙ୍କ ଶୁଭ ଅବସରରେ ମୁଁ କାଲକାଜୀ ବିଧାନସଭା ଆସନରୁ ମୋର ନାମାଙ୍କନ ଦାଖଲ କରିଛି। ମୋର ସମ୍ପୂର୍ଣ୍ଣ ଆଶା ଅଛି ଯେ ଗତ ୫ ବର୍ଷ ମଧ୍ୟରେ ମୁଁ କାଲକାଜୀଙ୍କ ଲୋକଙ୍କ ଠାରୁ ପ୍ରେମ ପାଇଛି। ସେହିଭଳି ଆଗାମୀ ନିର୍ବାଚନରେ ମଧ୍ୟ ମୁଁ ନିଶ୍ଚିତ ଭାବେ କାଲକାଜୀଙ୍କ ଲୋକଙ୍କ ଠାରୁ ଆଶୀର୍ବାଦ ପାଇବି।' ଗତକାଲି ଆତିଶୀ ନାମାଙ୍କନ ଦାଖଲ କରିବାର ଥିଲା। କିନ୍ତୁ ରୋଡ୍ ଶୋ'ରେ ବିଳମ୍ବ ହେତୁ ସେ ନାମାଙ୍କନ ଦାଖଲ କରିପାରି ନଥିଲେ। ଗତକାଲି ରାଲି ଆରମ୍ଭ କରିବା ପୂର୍ବରୁ ଆତିଶୀ କାଲକାଜୀ ମନ୍ଦିରରେ ପ୍ରାର୍ଥନା କରିଥିଲେ। ତାଙ୍କ ଅଭିଯାନ ପାଇଁ ଆଶୀର୍ବାଦ ଲୋଡିଥିଲେ। ଏହା ପରେ ସେ ଆପ୍ ନେତା ମନୀଷ ସିସୋଦିଆଙ୍କ ସହ ଗିରି ନାଗରର ଗୁରୁଦ୍ୱାର ଶ୍ରୀ ଗୁରୁ ଗୋବିନ୍ଦ ସାହିବରେ ପହଞ୍ଚି ପୂଜା ପାଠ କରିଥିଲେ। ସୂଚନାଯୋଗ୍ୟ, ୨୦୨୦ରେ ବିଧାନସଭା ନିର୍ବାଚନ ବେଳେ ଆମ ଆଦମୀ ପାର୍ଟିର ପ୍ରାର୍ଥୀ ଆତିଶୀ ଏହି ଆସନରୁ ବିପୁଳ ଭୋଟ୍‌ରେ ବିଜୟ ହାଲସ କରିଥିଲେ। ସେତେବେଳେ ତାଙ୍କ ମୁକାବିଲା ବିଜେପି ପ୍ରାର୍ଥୀ ଧର୍ମବୀରଙ୍କ ସହ ହୋଇଥିଲା।

## ପତ୍ନୀଙ୍କ ସହ କଳି, କେନାଲକୁ ଡେଇଁପଡ଼ିଲେ ପତି

**ଜୟପୁର, ୧୪।୧:** ଅତିଷ୍ଠ କଲା ଘରୋଇ କଳହ। ଶ୍ୱଶୁର ଘରୁ ଫେରିବା ବାଟରେ ପତିପତ୍ନୀ କଳହ ନେଲା ଉଗ୍ର ରୂପ। ଶେଷରେ ବ୍ୟକ୍ତିଜଣକ କାର୍‌କୁ ଅଟକାଇ ପାଖରେ ଥିବା କେନାଲକୁ ଡେଇଁ ପଡ଼ିଲେ। ଏପରି ଏକ ଘଟଣା ରାଜସ୍ଥାନରେ ଘଟିଛି। ପ୍ରାୟ ୧୦ ଘଣ୍ଟା ପରେ ମୃତଦେହକୁ ୨ କିମି ଦୂରରୁ ଉଦ୍ଧାର କରାଯାଇଛି। ମୃତକଙ୍କ ନାମ ରଘୁନନ୍ଦନ ଓ ସେ ଭଜନ ମଣ୍ଡଳୀରେ ଢୋଲ ବଜାଉ ପରିବାର ପ୍ରତିପୋଷଣ କରୁଥିଲେ। ରଘୁନନ୍ଦନ ପିଙ୍କିଙ୍କୁ ବିବାହ କରିଥିବା ବେଳେ ପିଙ୍କିଙ୍କର ଏହା ଦ୍ୱିତୀୟ ବିବାହ। ପୂର୍ବ ବିବାହରୁ ତାଙ୍କର ୩ ପିଲା ଥିବା ବେଳେ ସେମାନେ ରଘୁନନ୍ଦନ ଓ ପିଙ୍କିଙ୍କ ପାଖରେ ରହୁଥିଲେ। ଗତ ରବିବାର ରଘୁନନ୍ଦନ ସକତାପୁରାସ୍ଥିତ ନିଜ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରୁ ସେ ପତ୍ନୀ ଓ ପିଲାଙ୍କୁ ଧରି ନିଜ ଘରକୁ ଫେରୁଥିଲେ। ମାତ୍ର ବାଟରେ ଉଭୟ ପତିପତ୍ନୀଙ୍କ ମଧ୍ୟରେ ଝଗଡ଼ା ଜୋରଦାର ହେଲା। ଏଥିରେ ଅତିଷ୍ଠ ରଘୁନନ୍ଦନ ବାଟରେ କାର୍‌କୁ ଅଟକାଇ ନିଜେ କେନାଲକୁ ଡେଇଁ ପଡ଼ିଥିଲେ। ଏନେଇ ପିଙ୍କି ତୁରନ୍ତ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି ପରେ ବି ମୃତଦେହ ପାଇ ନ ଥିଲେ। ଏହାପରେ ରାତି ପାଇଁ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିଲା। ତା' ପରଦିନ ସକାଳେ ଖୋଜାଖୋଜି ଆରମ୍ଭ କରାଯାଇଥିବା ବେଳେ ୨ କିମି ଦୂରରୁ ମୃତଦେହକୁ ଉଦ୍ଧାର କରାଯାଇଛି। ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ନାମ ରଘୁନନ୍ଦନ ଓ ସେ ଭଜନ ମଣ୍ଡଳୀରେ ଢୋଲ ବଜାଉ ପରିବାର ପ୍ରତିପୋଷଣ କରୁଥିଲେ। କିଛି ଦିନ ପୂର୍ବେରୁ ଦାମ୍ପତ୍ୟ କଳହକୁ ନେଇ ସେ ସୋଶାଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ମାତ୍ର ପରେ ତାହାକୁ ସେ ହଟାଇ ଦେଇଥିଲେ। ତେବେ ସେ ଏପରି ଚରମ ପଦକ୍ଷେପ ନେବା ପଛର କାରଣ ଜଣାପଡ଼ିନି।

### ରାହୁଲଙ୍କୁ କେଜ୍ରିୱାଲଙ୍କ ଆକ୍ଷେପ

## ଦେଶ ପାଇଁ ନୁହେଁ, ଦଳ ପାଇଁ ଲଢୁଛନ୍ତି



**ନୂଆଦିଲ୍ଲୀ, ୧୪।୧:** 'ମୁଁ ଦେଶ ବଞ୍ଚାଇବାକୁ ଲଢୁଛି। କିନ୍ତୁ ରାହୁଲ ଗାନ୍ଧି କଂଗ୍ରେସ ଦଳକୁ ବଞ୍ଚାଇବା ପାଇଁ ଲଢୁଛନ୍ତି।' ଆଜି ଏଭଳି କିଛି କହି କଂଗ୍ରେସ ଉପରେ ବର୍ଷିଛନ୍ତି ଅମ୍ ଆଦମୀ ପାର୍ଟି ସୁପ୍ରିମୋ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ସୋମବାର ଦିନ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ମୁଖିଆ ଆରବିନ୍ଦ କେଜ୍ରିୱାଲ୍‌ଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ ଅରବିନ୍ଦ କେଜ୍ରିୱାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତୁଳନା କରି ଉଭୟ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଅଭିଯୋଗ ଆଣିଥିଲେ। ଆଜି କେଜ୍ରିୱାଲ ଏହାର ପାଲଟା ଜବାବ ଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲ ରାହୁଲ ଗାନ୍ଧିଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମୁଁ ରାହୁଲ ଗାନ୍ଧିଙ୍କ ବିରୋଧରେ କିଛି କହିବି ନାହିଁ। ମୁଁ ଦେଶକୁ ବଞ୍ଚାଇବା ପାଇଁ ଲଢୁଛି। ହେଲେ ସେ କଂଗ୍ରେସ ଦଳକୁ ବଞ୍ଚାଇବା ପାଇଁ ଯୁଦ୍ଧ କରୁଛନ୍ତି। ସେହିପରି ବିଜେପି ଉପରେ ମଧ୍ୟ ବର୍ଷିଛନ୍ତି କେଜ୍ରିୱାଲ। ନିର୍ବାଚନରେ ବିଜେପି ଖୋଲାଖୋଲି ଭାବେ ଟଙ୍କା ବାଣ୍ଟୁଥିବା ସେ ଅଭିଯୋଗ ଆଣିଛନ୍ତି। ନିର୍ବାଚନ ଯେତିକି ପାଖେଇ ଆସୁଛି, ସେତିକି ଦିଲ୍ଲୀରେ ଆପ୍‌ର ସ୍ଥିର ସରକାର ଗଠନ ହେବାକୁ ଯାଉଥିବା ନେଇ ସ୍ପଷ୍ଟ ହେବାରେ ଲାଗିଛି। ଦିଲ୍ଲୀ ହାସଲ କରିବାକୁ ବିଜେପି ଭୋଟରଙ୍କୁ ଟଙ୍କା ବାଣ୍ଟୁଛି। ଏହି କାରଣରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। କେଜ୍ରିୱାଲ ଏହା ମଧ୍ୟ କହିଛନ୍ତି ଯେ ତାଙ୍କ ନେତାମାନଙ୍କୁ ବାଣ୍ଟିବା ପାଇଁ ୧୦ ହଜାର ଲେଖାଏଁ ଦିଆଯାଇଥିଲା, କିନ୍ତୁ ସେମାନେ ନିଜ ପାଖରେ ୯ ହଜାର ରଖି ଲୋକମାନଙ୍କୁ କେବଳ ୧ ହଜାର ଟଙ୍କା ଦେଇଥିବା ସେ ଅଭିଯୋଗ ଆଣିଛନ୍ତି। ଏଥିଲାଗି ବିଜେପି ପ୍ରତି ଲୋକଙ୍କ ମଧ୍ୟରେ ଆସନ୍ତୋଷ ବଢ଼ିବାରେ ଲାଗିଛି ବୋଲି ସେ କହିଛନ୍ତି। ଆସନ୍ତା ଫେବ୍ରୁଆରୀ ୫ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପଡିବ ଭୋଟ୍। ଫେବ୍ରୁଆରୀ ୮ରେ ଭୋଟ୍ ଗଣତି ହେବ।

## ଅଡୁଆରେ ଜୁକରବର୍ଗ, ମେଟାକୁ ସମନ କରିବ ସଂସଦୀୟ କମିଟି

**ନୂଆଦିଲ୍ଲୀ, ୧୪।୧:** ଭାରତରେ ଗତବର୍ଷ ହୋଇଥିବା ସାଧାରଣ ନିର୍ବାଚନକୁ ନେଇ ବିବାଦୀୟ ବୟାନ ଦେବା ପରେ ଅଡୁଆରେ ଫେସବୁକ ସଂସ୍ଥାପକ ମାର୍କ ଜୁକରବର୍ଗ। ଏହି ମାମଲାରେ ସଂସଦୀୟ କମିଟି ମେଟା କମ୍ପାନୀକୁ ସମନ କରିବ ବୋଲି ଜଣାପଡ଼ିଛି। ସଂସଦର ଆଇଟି ଓ ଯୋଗାଯୋଗ କମିଟିର ଅଧ୍ୟକ୍ଷ ନିଶିକାନ୍ତ ଦୁବେ ଏନେଇ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଏହି ପ୍ରସଙ୍ଗରେ ଗତକାଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ୍ସରେ ମେଟାକୁ ଟ୍ୟାଗ୍ କରି ମାର୍କ ଜୁକରବର୍ଗଙ୍କ ଟିପ୍ପଣୀକୁ ନିନ୍ଦା କରିଥିଲେ। ଆଜି ବୈଷ୍ଣବଙ୍କ ପୋଷ୍ଟକୁ ରିପୋଷ୍ଟ କରି ନିଶିକାନ୍ତ ଦୁବେ ଲେଖିଛନ୍ତି ଯେ ମୋ କମିଟି ଏହି ମିଥ୍ୟା ଖବର ପାଇଁ ମେଟାକୁ ସମନ କରିବ। କୌଣସି ଗଣତାନ୍ତ୍ରିକ ଦେଶ ବିଷୟରେ ମିଛ ଖବର ପ୍ରସାରିତ କରିବା ସେହି ଦେଶର ଛବିକୁ ଖରାପ କରିଥାଏ। ଏହି ଭୁଲ ପାଇଁ ଉକ୍ତ ସଂସ୍ଥାକୁ ଭାରତୀୟ ସଂସଦ ତଥା ଦେଶର ଲୋକଙ୍କୁ କ୍ଷମା ମାଗିବାକୁ ପଡ଼ିବ।

ଉଲ୍ଲେଖଯୋଗ୍ୟ, ଜୁକରବର୍ଗ ଏକ ପଡକାଷ୍ଟରେ କହିଥିଲେ ଯେ ୨୦୨୪ ପୂରା ବିଶ୍ୱରେ ଏକ ବଡ଼ ନିର୍ବାଚନୀ ବର୍ଷ ଥିଲା। ଭାରତ ସମେତ ଅନେକ ଦେଶରେ ଏହି ବର୍ଷ ନିର୍ବାଚନ ଅନୁଷ୍ଠିତ ହୋଇଛି। ସେହି ସବୁ ଦେଶରେ ଶାସନରେ ଥିବା ସରକାର ମୁଦ୍ରାସ୍ଫିତି ପାଇଁ ହେଉ ବା କୋଭିଡ ମହାମାରୀ ସମୟରେ ଦୁର୍ବଳ ପରିଚାଳନା ପାଇଁ ଏହି ନିର୍ବାଚନରେ ଏକ ପ୍ରକାର ହାରିଯାଇଛନ୍ତି।

# ମିଶନ ମୌସମ ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୪।୧:** ସ୍ଥାନୀୟ ଭାରତ ମଣ୍ଡପମରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ମିଶନ୍ ମୌସମ୍ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୋଦୀ କହିଛନ୍ତି ଯେ ପାଣିପାଗ ବିଭାଗର ଦେଢ଼ ଶହ ବର୍ଷ ପୂର୍ତ୍ତି ଭାରତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଫଳ ଗାଥାର ପରିପ୍ରକାଶ। ଏହି ଲମ୍ବା ସମୟ ମଧ୍ୟରେ। ଆଇଏମଡି ଲକ୍ଷ ଲକ୍ଷ ଭାରତୀୟଙ୍କ ସେବା କରିବା ସହ ବିଜ୍ଞାନର ଅଗ୍ରଗତିର ଏକ ପ୍ରତୀକ ଭାବେ ଉଭା ହୋଇଛି ବୋଲି ମୋଦି କହିଛନ୍ତି। ଏହି ଅବସରରେ ଏକ ସ୍ୱତନ୍ତ୍ର କଏନ ଓ ପୋଷ୍ଟାଲ ଷ୍ଟାମ୍ପ ମଧ୍ୟ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

ଏହି ଅବସରରେ ମୋଦି ୨୦୪୭ରେ ଭାରତର ଶହେତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଇଏମଡିର ଭବିଷ୍ୟତ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଦେଢ଼ ଶହ ବର୍ଷ ପୂର୍ତ୍ତି ଅବସରରେ ଆଇଏମ୍‌ଡି ପକ୍ଷରୁ ଯୁବକମାନଙ୍କ ଲାଗି ଜାତୀୟ ପାଣିପାଗ ଅଲିମ୍ପିୟାଡର ଆୟୋଜନ କରାଯାଇଛି, ଯେଉଁଥିରେ ହଜାର ହଜାର ଛାତ୍ର ଭାଗ ନେଇ ପାଣିପାଗ ବିଜ୍ଞାନ କ୍ଷେତ୍ରରେ ଅଧିକ ମନୋନିବେଶ କରିପାରିବେ। ୧୮୭୫ ମକର ସଂକ୍ରାନ୍ତିରେ ଭାରତୀୟ ପାଣିପାଗ ବିଭାଗ ସ୍ଥାପିତ ହୋଇଥିଲା।




ତେବେ ଆମେ ସମସ୍ତେ ମକର ସଂକ୍ରାନ୍ତିର ଗୁରୁତ୍ୱ ସମ୍ପର୍କରେ ଊଣା ଅଧିକେ ଅବଗତ ଅଛୁ। ଗୁଜରାଟରୁ ଆସିଥିବା କାରଣରୁ ଏହି ମକର ସଂକ୍ରାନ୍ତି ତାଙ୍କର ପ୍ରିୟ ପର୍ବ ବୋଲି ମୋଦୀ କହିଥିଲେ।

ସେ ଆହୁରି କହିଥିଲେଯେ ଉତ୍ତର ଗୋଲାର୍ଦ୍ଧରେ ସୂର୍ଯ୍ୟଙ୍କ ତେଜ ବୃଦ୍ଧି କାରଣରୁ କୃଷି କାର୍ଯ୍ୟ ପାଇଁ ସଜବାଜ ଆରମ୍ଭ ହୁଏ। ସାରା ଦେଶରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମକର ସଂକ୍ରାନ୍ତି ପାଳନ କରାଯାଇଥାଏ। ଦେଶର ବିଜ୍ଞାନ ଭିତିକ ପ୍ରତିଷ୍ଠାନଗୁଡ଼ିକର ଅଗ୍ରଗତି ଏହାର ବିଜ୍ଞାନ ପ୍ରତି ରହିଥିବା ସଚେତନତାକୁ ସୂଚାଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ପାଣିପାଗ ବିଭାଗର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ତେବେ ଆଗକୁ ଏପରି ବିପର୍ଯ୍ୟୟର ପ୍ରଭାବ ମାତ୍ରା କମାଇବା ଲାଗି ପାଣିପାଗ ବିଭାଗର ଦକ୍ଷତା ବୃଦ୍ଧି ହେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଆଗରୁ ଅନତିକ୍ରମ୍ୟ ବୋଲି ବିବେଚିତ ହେଉଥିବା ଏଭଳି ବିପର୍ଯ୍ୟୟ ମୁକାବିଲା କରିବା କ୍ଷେତ୍ରରେ ଆମ ଦେଶ ଏବେ ସକ୍ଷମ ହୋଇପାରିଛି। ୧୯୯୮ର କୁଚ କାଣ୍ଡଲା ଝଡ, ୧୯୯୯ର ଓଡିଶା ମହାବାତ୍ୟାରେ ହଜାର ହଜାର ଲୋକ ମୃତ୍ୟୁମୁଖରେ ପଡ଼ିବା କଥାକୁ ମନେ ପାଇଥିଲେ ପ୍ରଧାନମନ୍ତ୍ରୀ। ଏହି କିଛି ବର୍ଷ ଭିତରେ ଘଟିଥିବା ଅନେକ ଛୋଟ ବଡ ଝଡରେ ଯେତେଦୂର ସମ୍ଭବ ପ୍ରାଣହାନି ରୋକିବା ଦିଗରେ ସଫଳତା ମିଳିଥିବା କଥା ପ୍ରଧାନମନ୍ତ୍ରୀ କହିଛନ୍ତି। ଏସବୁ ପଛରେ ଭାରତୀୟ ପାଣିପାଗ ବିଭାଗର ପ୍ରଚ୍ଛନ୍ନ ହାତ ରହିଛି ବୋଲି ମୋଦୀ କହିଛନ୍ତି। ବିଜ୍ଞାନ ଓ ସତର୍କତାମୂଳକ ପଦକ୍ଷେପ ଯୋଗୁଁ କୋଟି କୋଟି ଟଙ୍କାର ସମ୍ପତି କ୍ଷତିରୁ ବି ରକ୍ଷା କରି ହେଉଛି ବୋଲି ସେ ଉଲ୍ଲେଖ କରିଥିଲେ।

## ଭାରତୀୟ ପାଣିପାଗ ବିଭାଗ ପ୍ରତିଷ୍ଠା ଦିବସ, ପୋଷ୍ଟାଲ୍ ଷ୍ଟାମ୍ପ୍ ଓ କଏନର ପ୍ରଚଳନ

# ଖେଳାଳିଙ୍କ ସାଙ୍ଗରେ ଯାଇପାରିବେନି ପତ୍ନୀ

**ବିସିସିଆଇର କଠୋର ନିଷ୍ପତ୍ତି**

# ଏଣିକି ଖରାପ ପ୍ରଦର୍ଶନ କଲେ କଟିବ ପଇସା





**ନୂଆଦିଲ୍ଲୀ, ୧୪।୧:** କଠୋର ହେବେ ବିସିସିଆଇ। ଏଣିକି ଆଉ ଖେଳାଳିଙ୍କ ସାଙ୍ଗର ଯାଇପାରିବେନି ପତ୍ନୀ ତଥା ପରିବାର। ଗାର୍ଲଫ୍ରେଣ୍ଡମାନଙ୍କୁ ମଧ୍ୟ ଯିବାକୁ ମିଳିବନି ଅନୁମତି। ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ହାରିବା ପରେ ଖେଳାଳିଙ୍କ ପାଇଁ ଏଭଳି କିଛି କଠୋର ନିୟମ ଆଣିବାକୁ ଯୋଜନା କରୁଛି ବିସିସିଆଇ। ନିକଟରେ ଭାରତ ବର୍ଡର ଗାଭାସ୍କର ଟ୍ରଫି ହାରିଛି। ଅଷ୍ଟ୍ରେଲିଆ ଠାରୁ ସେ ପରାଜୟର ସମ୍ମୁଖୀନ ହୋଇଛି। ଏହାପରେ ଅଧିନାୟକ, ଖେଳାଳି ଏବଂ ପ୍ରଶିକ୍ଷକଙ୍କୁ କେବଳ ସମାଲୋଚନା କରାଯାଇ ନ ଥିଲା ବରଂ ବିସିସିଆଇ ମଧ୍ୟ ଟାର୍ଗେଟକୁ ଆସିଛନ୍ତି। ଏହାପରେ ଏବେ ଖେଳାଳିଙ୍କୁ ନେଇ କିଛି କଠୋର ନିୟମ ଆଣିବାକୁ ବିସିସିଆଇ ପ୍ରସ୍ତୁତ ହେଉଥିବା ସୂଚନା ରହିଛି। ଟିମ ଇଣ୍ଡିଆର ପରାଜୟ ପରେ ବିସିସିଆଇର ଏକ ବୈଠକ ବସିଥିଲା। ଶନିବାର ମୁମ୍ବାଇରେ ଅନୁଷ୍ଠିତ ବୈଠକରେ ହେଡ୍ କୋଚ୍ ଗୌତମ ଗମ୍ଭୀର, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ଅଧିନାୟକ ରୋହିତ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବୋର୍ଡ ଖେଳାଳି ଏବଂ ପ୍ରଶିକ୍ଷକ କର୍ମଚାରୀଙ୍କ ପାଇଁ ନୂତନ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛି। ନୂଆ ନିୟମ ଅନୁଯାୟୀ, ଯଦି କୌଣସି ସିରିଜ୍ ୪୫ ଦିନ କିମ୍ବା ତା' ଠାରୁ ଅଧିକ ହୁଏ, ଏହି ସମୟରେ ପରିବାରକୁ ଖେଳାଳିଙ୍କ ସହିତ ୧୪ଦିନ ରହିବାକୁ ସୁଯୋଗ ମିଳିବ। ଯଦି ସିରିଜ୍ ଏହା ଠାରୁ କମ୍ ହୋଇଥିବ ତେବେ ୭ ଦିନ ରହିବାକୁ ଅନୁମତି ମିଳିବ। ଖେଳାଳିମାନେ ୭ ଦିନରୁ ଅଧିକ ସମୟ ନିଜ ପତ୍ନୀଙ୍କ ସହ ଗୋଟିଏ ହୋଟେଲରେ ରହିପାରିବେ ନାହିଁ। ନୂଆ ନିୟମ ଅନୁଯାୟୀ, ଟୁର୍ଣ୍ଣାମେଣ୍ଟ ମଧ୍ୟରେ ପତ୍ନୀମାନେ ଖେଳାଳିଙ୍କ ସହିତ ରହି ପାରିବେ ନାହିଁ। ପରିବାରକୁ କେବଳ ଦୁଇ ସପ୍ତାହ ପାଇଁ ରହିବାକୁ ଅନୁମତି ମିଳିବ। ଏହାଛଡ଼ା ସମସ୍ତ ଖେଳାଳି ଟିମ୍ ବସ୍‌ରେ ଯାତ୍ରା କରିବା ବାଧ୍ୟତାମୂଳକ। ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ନିଜସ୍ୱ ମ୍ୟାନେଜରକୁ ଭିଆଇପି ବକ୍ସ କିମ୍ବା ଟିମ୍ ବସରେ ବସିବାକୁ ଅନୁମତି ମିଳିବ ନାହିଁ। ଖେଳାଳିଙ୍କ ଲଗେଜ୍ ଯଦି ୧୫୦ କିଲୋଗ୍ରାମରୁ ଅଧିକ ହୁଏ ତେବେ ଅତିରିକ୍ତ ସାମଗ୍ରୀର ଶୁଳ୍କ ବିସିସିଆଇ ପଇଠ କରିବ ନାହିଁ।

ଅଷ୍ଟ୍ରେଲିଆ ବିରୋଧରେ ଟିମ୍ ଇଣ୍ଡିଆ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ବର୍ଡର ଗାଭାସ୍କର ଟ୍ରଫିରେ ପରାସ୍ତ ହୋଇଛି। ଭାରତୀୟ ଦଳ ୧-୩ରେ ସିରିଜ ଲଜ୍ଜାଜନକ ଭାବେ ହାରିଛି। ଏହି ପରାଜୟ ପରେ ଦଳ ଓ୍ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପରୁ ବାହାର ହୋଇଛି। ଭାରତୀୟ ଟିମ୍‌ର ଡବ୍ଲୁଟିସ୍ ଫାଇନାଲ ଖେଳିବା ସ୍ୱପ୍ନ ଭାଙ୍ଗିଯାଇଛି।

**ନୂଆଦିଲ୍ଲୀ,୧୪।୧:** ଭାରତୀୟ ଦଳ ନିକଟରେ ଅଷ୍ଟ୍ରେଲିଆ ଗସ୍ତରେ ବର୍ଡର ଗାଭାସ୍କର ଟ୍ରଫି ୨୦୨୪-୨୫ ଖେଳିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଟିମ ଇଣ୍ଡିଆକୁ ୧-୩ରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ଏବେ ଦଳ ଏବଂ ଖେଳାଳିଙ୍କ ଖରାପ ପ୍ରଦର୍ଶନକୁ ବିଚାର କରି ଏକ ବଡ଼ ନିଷ୍ପତ୍ତି ନିଆଯାଇପାରେ। ଏହି ନିଷ୍ପତ୍ତି ଅନୁଯାୟୀ, ଖରାପ ପ୍ରଦର୍ଶନ କରୁଥିବା ଖେଳାଳିଙ୍କ ଦରମା ହ୍ରାସ ପାଇବ।

ଆଜ୍ଞା ହଁ, ଆପଣ ଠିକ୍ ଶୁଣିଛନ୍ତି। ଅଷ୍ଟ୍ରେଲିଆ ଗସ୍ତରେ ଟିମ ଇଣ୍ଡିଆର ଖରାପ ପ୍ରଦର୍ଶନର ସମୀକ୍ଷା କରାଯାଇଥିଲା। ସମୀକ୍ଷା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ଭାରତୀୟ ଅଧିନାୟକ ରୋହିତ ଶର୍ମା ଉପସ୍ଥିତ ଥିଲେ। ରିପୋର୍ଟ ଅନୁଯାୟୀ, ଏହି ବୈଠକରେ ହିଁ ଖେଳାଳିଙ୍କ ଦରମା କାଟ ପ୍ରସଙ୍ଗ ଉପରେ ବିଚାର କରାଯାଇଥିଲା। ସୂଚନାନୁଯାୟୀ, ଏହା ଦିଆଯାଇଥିବା ପରାମର୍ଶ ମଧ୍ୟରୁ ଗୋଟିଏ ଥିଲା ଯେ ଖେଳାଳିମାନଙ୍କୁ ଦାୟୀ କରାଯିବା ଉଚିତ୍ ଏବଂ ଯଦି ସେମାନଙ୍କର ପ୍ରଦର୍ଶନ ଆଶାନୁରୂପ ନ ହୁଏ ତେବେ ସେମାନଙ୍କୁ ଦରମା କାଟର ସମ୍ମୁଖୀନ ହେବାକୁ ପଡିବ। ତଥାପି, ଏ ବିଷୟରେ ଆନୁଷ୍ଠାନିକ ସୂଚନା ଏ ପର୍ଯ୍ୟନ୍ତ ଆସିନାହିଁ। ଏବେ ଏହା ପ୍ରକୃତରେ ଘଟିବ କି ନାହିଁ ତାହା ଦେଖିବା ଆକର୍ଷଣୀୟ ହେବ।



## ଆଡଭୋକେଟସ ଇଣ୍ଡିଆନ ପ୍ରିମିୟର ଲିଗ ଆରମ୍ଭ



**କଟକ, ୧୪।୧:** ପ୍ରଥମଥର ଆରମ୍ଭ ଖେଳାଯାଉଛି ଆଡ଼ଭୋକେଟସ ଇଣ୍ଡିଆନ ପ୍ରିମିୟର ଲିଗ ବା ଏଆଇପିଏଲ। ଏଥିରେ ଦେଶର ବିଭିନ୍ନ ସହରର ମୋଟ ଆଠଟି ଦଳ ଭାଗ ନେଇଛନ୍ତି। ଏଆଇପିଏଲ ସୋମବାର ମୁମ୍ବାଇରେ ଆରମ୍ଭ ହୋଇଛି। ଏହା ୧୭ ଯାଏଁ ଚାଲିବ। ଏହାକୁ ଉଦଘାଟନ କରିଛନ୍ତି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ। ଏହା ପୂର୍ବରୁ ଏଆଇପିଏଲକୁ ନେଇ ଗୋଆରେ ନିଲାମ ହୋଇଥିଲା। ଯେଉଁଥିରେ ଗୋଆର ମୁଖ୍ୟମନ୍ତ୍ରୀ ଡ.ପ୍ରମୋଦ ସାୱାନ୍ତ, ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ମାର୍କଣ୍ଡ ସୁଭାଷ କାର୍ନିକ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଯେଉଁ ଦଳ ଜିତିବ, ଏହା ବିଶ୍ୱସ୍ତରୀୟ ଟୁର୍ଣ୍ଣମେଣ୍ଟ ପାଇଁ ଆମେରିକାର ସିକାଗୋ ଯିବ। ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ହଣ୍ଟରସ ୬ ୱିକେଟରେ ଦିଲ୍ଲୀ ସୁପ୍ରିମୋ ଦଳକୁ ପରାସ୍ତ କରିଛି। ଏହି ମ୍ୟାଚରେ ଓଡ଼ିଶା ହଣ୍ଟରସ ଦଳର ଆଦିତ୍ୟ ଆଚାର୍ଯ୍ୟ ଶ୍ରେଷ୍ଠ ଖେଳାଳୀ ବିବେଚିତ ହୋଇଥିଲେ। ମଙ୍ଗଳବାର ଓଡ଼ିଶା ହଣ୍ଟରସ ଓ ଲକ୍ଷ୍ନୌ ନୱାବସ ମଧ୍ୟରେ ମୁକାବିଲା ହେବ। ଆଇନଜୀବୀଙ୍କୁ ନେଇ ଏଆଇପିଏଲରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ଓଡ଼ିଶା ହଣ୍ଟରସ ଦଳ। ଓଡ଼ିଶା ଦଳ ଓଡ଼ିଶା ହଣ୍ଟରସ କିଭଳି ଭଲ ପ୍ରଦର୍ଶନ କରିଛନ୍ତି ସେ ନେଇ ସମସ୍ତ ଚେଷ୍ଟା ଜାରି ରଖିଛନ୍ତି ଓଡ଼ିଶା ହଣ୍ଟରସର ମାଲିକ ତଥା ଆଇନଜୀବୀ ମୋହନ କୁମାର ସାହୁ। ଏହି ଟୁର୍ଣ୍ଣମେଣ୍ଟ ପାଇଁ ଓଡ଼ିଶା ହଣ୍ଟରସର ପରିଚାଳକ ଓ ପ୍ରଶିକ୍ଷକ ଭାବେ ଆଇନଜୀବୀ ଓ ଆଇନସ୍ତମ୍ଭକାର ପୁଷ୍ପମିତ୍ର ମହାପାତ୍ର ଓ ତାପସ ପ୍ରହରାଜ ମୁମ୍ବାଇ ଯାତ୍ରା କରିଛନ୍ତି।

## ଏକାଦଶ ନିମାପଡ଼ା ଓପନ୍ ଚେସ୍‌ରେ ସଞ୍ଜୀବନ ଚାମ୍ପିଅନ୍

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ନିମାପଡ଼ା ଟାଉନ୍ ହଲ୍‌ଠାରେ ଆଜି ଏକାଦଶ ନିମାପଡ଼ା ଓପନ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଛି। ଓଏସ୍‌ସିଏ ଓ ଏସ୍‌ପି ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଷଷ୍ଠ ରାଉଣ୍ଡ ଶେଷରେ ଭୁବନେଶ୍ୱରର ସଞ୍ଜୀବନ ନାୟକ ଚାମ୍ପିଅନ୍ ହୋଇଛନ୍ତି। ସେ ସାଢ଼େ ୫ ପଏଣ୍ଟ୍ ଅର୍ଜନ କରିଥିବା ବେଳେ କଟକର ଲଳିତ ରଞ୍ଜନ ସାହୁ, ଭୁବନେଶ୍ୱରର ଦେବୀ ପ୍ରସାଦ ବିଶ୍ୱାଳ ୫ ପଏଣ୍ଟ୍ ଲେଖାଏଁ ଅର୍ଜନ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଦଶମ ସ୍ଥାନରେ ରହିଛନ୍ତି। ଏହାଛଡ଼ା ସାଇ ସ୍ୱାଗତ ନାୟକ, କୁମାର ପ୍ରଥମ, ସ୍ୱୟଂ ପ୍ରକାଶ ଶତପଥୀ, ଅଂଶ ମହାପାତ୍ର, ଦିବ୍ୟାଂଶୁ ମହାପାତ୍ର ଓ ଦିବ୍ୟଜ୍ୟୋତି ମିଶ୍ର ସ୍ୱତନ୍ତ୍ର ପୁରସ୍କାର ପାଇଛନ୍ତି। ୬୩ ବର୍ଷୀୟ ରଞ୍ଜିତ କୁମାର ମହାନ୍ତି ବର୍ଷୀୟାନ୍ ଖେଳାଳି ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ଏସ୍‌ପି ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନିମାପଡ଼ା ସେଣ୍ଟ୍ ଜାର୍ଭିୟର୍ସ ହାଇସ୍କୁଲ୍‌ର ଉପଦେଷ୍ଟା କ୍ଷୀରୋଦ କୁମାର ରାୟ ମହାପାତ୍ର,




ରହିଛନ୍ତି। ଏହାଛଡ଼ା ସ୍କୁଲ୍ ଛାତ୍ରଙ୍କ ମଧ୍ୟରେ ସାର୍ଥକ ମହାନ୍ତି, ଆଦିତ୍ୟ ପ୍ରଦାନ, ସାତ୍ତ୍ୱିକ ପଟ୍ଟନାୟକ, ଆୟୁଷ୍ମାନ୍ ବେହେରା, କୌଶିକ କୁମାର ପ୍ରଧାନ, ରୁଦ୍ର ପ୍ରତାପ ମି଼୍ର, ସାଇ କ୍ରିଷ୍ଣା ସାମଲ, ସତ୍ୟ ମାଧବ ଶତପଥୀ, ସ୍ୱସ୍ତିକ ତ୍ରିପାଠୀ, ପ୍ରତୀକ ରାମ ସାହୁ ପ୍ରଥମରୁ ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଶିଳ୍ପୀ ଶରତ ପ୍ରଧାନ, ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଅମ୍ପାୟାର୍ ନିର୍ମଳ କୁମାର ମିଶ୍ର, ଓଏସ୍‌ସିଏ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଆୟୋଜକ ସମ୍ପାଦକ ଗଙ୍ଗାଧର ଓଝା ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

## ଚାମ୍ପିଅନ୍ସ ଟ୍ରଫି ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷିତ

### ସ୍କ୍ୱାର୍ଡକୁ ଫେରିଲେ ନର୍ଜ, ଏନ୍‌ଗିଡ଼ି



**ଜୋହାନ୍ସବର୍ଗ,୧୪।୧:** ଆଗାମୀ ଚାମ୍ପିଅନ୍ସ ଟ୍ରଫି ପାଇଁ ଦକ୍ଷିଣ ଆଫ୍ରିକା ଦଳ ଘୋଷଣା ହୋଇଛି। ଆହତ ମୁକ୍ତ ହୋଇଥିବା ଦୁଇ ଅଭିଜ୍ଞ ପେସ୍ ବୋଲର ଆନରିଜ ନର୍ଜ ଓ ଲୁଙ୍ଗି ଏନ୍‌ଗିଡ଼ି ଦୀର୍ଘ ସାଢ଼େ ୭ ମାସ ପରେ ଦଳକୁ ଫେରିଛନ୍ତି। ଉଭୟଙ୍କ ପ୍ରତ୍ୟାବର୍ତ୍ତନ ବୋଲିଂ ବିଭାଗକୁ ଅଧିକ ସୁଦୃଢ଼ କରିଛି। ତେମ୍ବା ବଭୁମା ଦଳର ନେତୃତ୍ୱ ନେବେ।

ଗତ ୨୦୨୩ ଦିନିକିଆ ବିଶ୍ୱକପ୍ ଦଳରେ ସାମିଲ ଥିବା ୧୦ଜଣ ଖେଳାଳି ସ୍ଥାନ ବଜାୟ ରଖିଛନ୍ତି। ସେହିପରି ୱିଆନ୍ ମୁଲ୍ଡର, ଟୋନି ଡି' ଜର୍ଜି, ର୍‌ୟାନ୍ ରିକେଲଟନ୍ ପ୍ରଥମ କରି ଆଇସିସି ସିନିୟର ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ଅନ୍ୟ ପଟରେ ଆହତ ଥିବା ପେସ୍ ବୋଲର ଗେରାଲ୍ଡ କୋଏଜିଙ୍କ ସମେତ ଆଣ୍ଡିଲ ଫେଲୁକ୍ୱାୟୁ ଓ ବାମ ହାତି ସ୍ପିନର ବିୟର୍ଣ୍ଣ ଫର୍ଟୁନ ବାଦ୍ ପଡ଼ିଛନ୍ତି। ଚାମ୍ପିଅନ୍ସ ଟ୍ରଫି ଆଗାମୀ ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହେବ। ଦକ୍ଷିଣ ଆଫ୍ରିକା ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଆସନ୍ତା ୨୧ ତାରିଖରେ ଦଳ ଆଫଗାନିସ୍ତାନ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଏହାପରେ ଦଳ ୨୫ ତାରିଖରେ ଅଷ୍ଟ୍ରେଲିଆକୁ ଏବଂ ମାର୍ଚ୍ଚ ୧ରେ ଇଂଲଣ୍ଡକୁ ସାମ୍ନା କରିବ।

**ଦକ୍ଷିଣ ଆଫ୍ରିକା ଦଳ:** ତେମ୍ବା ବଭୁମା (ଅଧିନାୟକ), ଟୋନି ଡି' ଜର୍ଜି, ମାର୍କୋ ଜାନସେନ୍, ହେନରିକ୍ କ୍ଲାସେନ, କେଶବ ମହାରାଜ, ଆଡେନ ମାରକ୍ରମ, ଡେଭିଡ୍ ମିଲର, ୱିଆନ୍ ମୁଲ୍ଡର, ଲୁଙ୍ଗି ଏନ୍‌ଗିଡ଼ି, ଆନରିଚ ନର୍ଜ, କାଗିସୋ ରାବାଡ଼ା, ର୍‌ୟାନ୍ ରିକେଲଟନ୍, ତାବ୍ରେଜ ସାମ୍‌ସି, ଟ୍ରିଷ୍ଟନ ଷ୍ଟବ୍ସ, ରାସି ଭାନ୍ ଡର ଡୁସେନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍କର୍ଷ ଓଡ଼ିଶା...

ଶିଳ୍ପ ପ୍ରତିଷ୍ଠା କରିବାକୁ ୨୦୦୫ରେ ପ୍ରକ୍ରିୟା ଆରମ୍ଭ କରିଥିଲା। କିନ୍ତୁ ଜମି ଅଧିଗ୍ରହଣ ଜନିତ ସମସ୍ୟା ଯୋଗୁ ପ୍ରକଳ୍ପ ଆରମ୍ଭ ହୋଇପାରିନଥିଲା। ଫଳରେ କମ୍ପାନୀ ଆଦାନୀ ସହ ମିଳିତ ଭାବେ ଗୁଜୁରାଟର ମୁନ୍ଦାରେ ୫ ବିଲିଅନ ଡଲାର ପୁଂଜିନିବେଶରେ ଇସ୍ପାତ କାରଖାନା ସ୍ଥାପନ କରିଛି। ସେହିଭଳି କେନ୍ଦୁଝରର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବେ ଏହା ଓଡିଶାରେ ଜେଏସଡବ୍ଲୁର ଦ୍ୱିତୀୟ ବୃହତ ପ୍ରକଳ୍ପ ହେବ। ଗତ ଫେବୃଆରୀରେ ପାରାଦ୍ୱୀପରେ ୬୫ ହଜାର କୋଟି ବ୍ୟୟବରାଦରେ ୧୩.୨ ନିୟୁତ ଟନ କ୍ଷମତା ସମ୍ପନ୍ନ ଷ୍ଟିଲ କମ୍ପ୍ଲେକ୍ସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛି। ଏହି ପ୍ରକଳ୍ପ ପାଇଁ ପୂର୍ବରୁ ପୋସ୍କୋ ପାଇଁ ଚିହ୍ନଟ ହୋଇଥିବା ୨୯୫୮ ଏକର ଜମିକୁ ଜେଏସଡବ୍ଲୁକୁ ଦିଆଯାଇଛି।

### ବୈତରଣୀରେ...

ଜଗିରହିଥିଲେ। ଏଥିସହ ନଦୀ କୂଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଅଗ୍ନିଶମ ବାହିନୀ ମଧ୍ୟ ମୁତୟନ ଥିଲେ। ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ସକାଶେ ସ୍ଥାନୀୟ ଲୋକେ ଭିଡ଼ ଜମାଇଥିଲେ। ନିଜ ବିବୃତିରେ ଶ୍ରୀ ମାଝୀ ଆଜି ମକର ସଂକ୍ରାନ୍ତି ଭଳି ଏକ ପବିତ୍ର ଦିନରେ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇ ମହାଦେବଙ୍କ ନିକଟରେ କେନ୍ଦୁଝର ଜିଲ୍ଲା ତଥା ସମଗ୍ର ରାଜ୍ୟ ବାସୀଙ୍କ ସୁଖ, ସମୃଦ୍ଧି ଓ ରାଜ୍ୟର ସାମଗ୍ରିକ ଉନ୍ନତି ପାଇଁ ପ୍ରାର୍ଥନା କରିଥିବା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତିନିଦିନିଆ କେନ୍ଦୁଝର ଗସ୍ତରେ ଯାଇଥିବା ବେଳେ ସେଠାରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ଦର୍ଶନ କରିବା ସହ ମା' ତାରିଣୀଙ୍କୁ ମଧ୍ୟ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ସେ ଅନ୍ୟାନ୍ୟ କେତେକ କାର୍ଯ୍ୟକ୍ରମରେ ଯୋଗଦେଇ ଆସନ୍ତା ୧୭ରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

### ମାଟ୍ରିକ ପରୀକ୍ଷା, ଭାଇରାଲ୍...

ବୋର୍ଡର ପରୀକ୍ଷା ପରିଚାଳନା କମିଟି ଏହି ୱାଟର ମାର୍କ ବ୍ୟବସ୍ଥାକୁ ଅନୁମତି ପ୍ରଦାନ କରିସାରିଛି। ପରୀକ୍ଷାମୂଳକ ଭାବେ ଆସନ୍ତା ୧୭ରେ ହେବାକୁ ଥିବା ଟେଷ୍ଟ ପରୀକ୍ଷା ପ୍ରଶ୍ନପତ୍ରରେ ଏହି ୱାଟର ମାର୍କ ଲଗାଯାଇଛି। ପ୍ରତ୍ୟେକ ପ୍ରଶ୍ନପତ୍ରର ସିରିଏଲ ନମ୍ବର ଏହି ୱାଟର ମାର୍କରେ ରହିବା ବ୍ୟବସ୍ଥା କରାଯାଇଛି। ଏହି ବ୍ୟବସ୍ଥା ପ୍ରଶ୍ନପତ୍ର ଭାଇରାଲ୍ ପରି ଗୁରୁତର ସମସ୍ୟାକୁ ରୋକିବାରେ ସକ୍ଷମ ହେବ ବୋଲି ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ଆଶା ପ୍ରକାଶ କରିଛନ୍ତି।

### କଂସ ଶାସନରେ...

ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଭିନ୍ନ ଦିଗକୁ ଇସାରା କରୁଛି। ମୁଣ୍ଡରେ ଆଘାତ ଲାଗିଥିବାରୁ ସେ ମାନସିକ ସନ୍ତୁଳନ ହରେଇ ବସିଛନ୍ତି। ଯୁବତୀଙ୍କ ଅବସ୍ଥା ସଂକଟାପର୍ଣ୍ଣ ଥିବାରୁ ତାଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ବଦନାମିଆ ...

ତୁଲାଉଥିବା ସମସ୍ତଙ୍କୁ ଧାଡ଼ିକରି ଛିଡ଼ା କରାଇ ଅଧ୍ୟକ୍ଷା ଦୁର୍ବ୍ୟବହାର କରିଥିବା ଅଧ୍ୟାପକଙ୍କୁ ଚିହ୍ନିବାକୁ ଛାତ୍ରୀ ଜଣଙ୍କୁ କହିଥିଲେ। ତୁରନ୍ତ ଛାତ୍ରୀ ଜଣଙ୍କ ସମ୍ପୃକ୍ତ ଅଧ୍ୟାପକଙ୍କୁ ଦେଖାଇ ଦେଇଥିଲେ।

ଏହାପରେ ଛାତ୍ରୀଙ୍କ ପିତା ସମ୍ପୃକ୍ତ ଅଧ୍ୟାପକଙ୍କୁ ନାଲିଆଖି ଦେଖାଇ ଫେରି ଆସିଥିବାବେଳେ ଅଧ୍ୟକ୍ଷା ଭୀଷଣ ଗାଳିଗୁଲଜ କରିଥିଲେ। ସମସ୍ତେ ଭାବିଥିଲେ ଯେ ଅଧ୍ୟାପକଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଏହାପରେ ହଠାତ୍ ସମ୍ପୃକ୍ତ ଅଧ୍ୟାପକ କିଛିଦିନ ଛୁଟିରେ ପଳାଇଲେ। ଏବେ କଲେଜକୁ ଫେରିଥିଲେ ମଧ୍ୟ ତାଙ୍କ ପ୍ରତି ଅଧ୍ୟକ୍ଷା କାହିଁକି ନରମ ମନୋଭାବ ପୋଷଣ କଲେ, ତାହାକୁ ନେଇ ସମସ୍ତେ ସନ୍ଦେହରେ ରହିଛନ୍ତି। ଅଧ୍ୟାପକ ଜଣଙ୍କ ଏବେ ଅଭିଯୋଗକାରୀ ଛାତ୍ରୀଙ୍କ ପିତା ଜଣେ ଅବସରପ୍ରାପ୍ତ ଅଧିକାରୀ ହୋଇଥିବାରୁ କିଛି କରିପାରିବେ ନାହିଁ ବୋଲି କହୁଛନ୍ତି। ତେବେ ଆସନ୍ତା ୨୮ ତାରିଖରେ କଲେଜକୁ ନାକ୍ ଟିମ୍ ଆସୁଥିବାରୁ କୌଣସି ପ୍ରକାରେ ମାମଲା ଚାପିବାକୁ ଜୋରଦାର ଉଦ୍ୟମ ଚାଲିଥିବା ଆଲୋଚନା ହେଉଛି।କେବଳ ଏହି ଗୋଟିଏ ଘଟଣା ନୁହେଁ, ବର୍ଷକ ତଳେ ସମ୍ପୃକ୍ତ ଅଧ୍ୟାପକଙ୍କୁ ବାଡ଼େଇବା ପାଇଁ ଷ୍ଟାଟିଷ୍ଟିକ୍ସ ବିଭାଗର ଜଣେ ଛାତ୍ରୀ କଲେଜରେ ଉଦ୍ୟମ କରିଥିବା ବେଳେ ଛାତ୍ରୀମାନେ ମେଳିହୋଇ ତତ୍କାଳୀନ ଅଧ୍ୟକ୍ଷଙ୍କୁ ଭେଟି ଅଧ୍ୟାପକଙ୍କ କାରନାମା ସଂକ୍ରାନ୍ତରେ ଜଣାଇଥିଲେ। ହେଲେ ସେତେବେଳର ଅଧ୍ୟକ୍ଷ କୌଣସି ଅକୁହା କାରଣରୁ ମାମଲାଟିକୁ ରଫାଦଫା କରିଦେଇଥିଲେ। ଇତି ମଧ୍ୟରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ବିଭାଗୀୟ ମୁଖ୍ୟ ପଦବୀରୁ ଅଧ୍ୟକ୍ଷା ଅବ୍ୟାହତି ଦେଇଥିବା ସୂଚନା ମିଳିଛି। କିନ୍ତୁ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଭଳି ଘଟଣାରେ କାହିଁକି ପଦକ୍ଷେପ ନିଆଗଲାନାହିଁ, ସେ ସଂକ୍ରାନ୍ତରେ ସମସ୍ତେ ନିରବତା ଅବଲମ୍ବନ କରୁଛନ୍ତି।

କଲେଜରେ ଚାଲିଥିବା ଆଲୋଚନା ଅନୁଯାୟୀ ପାଞ୍ଚବର୍ଷ ତଳେ ବିଜେବି କଲେଜକୁ ଆସିଥିବା ଏହି ଅଧ୍ୟାପକ ଜଣକଙ୍କ ନାଁରେ ବିଭିନ୍ନ ସମୟରେ ଏଭଳି ଅଭିଯୋଗ ହେଉଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ ଅନୁଷ୍ଠାନ ବଦନାମ ହୋଇଯିବା ଭୟରେ ତାହାକୁ ଚପାଇ ଦେଉଥିଲେ। ବହୁ ସମୟରେ ପ୍ରାକ୍ଟିକାଲ ନମ୍ବର ଭୟରେ ଛାତ୍ରୀମାନେ ବି ନିରବ ରହୁଥିଲେ। ତେବେ ଶେଷରେ ଜଣେ ଛାତ୍ରୀ ସାହସ କରି କଥା ଘରେ ଜଣାଇବାରୁ କଥା ପଦାକୁ ଆସିଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷଙ୍କ ନିରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

### ଟ୍ରଲର୍ ମାଲିକ...

ଟ୍ରଲରକୁ ଆକ୍ରମଣ ଘଟଣାରେ ମାଲିକଙ୍କୁ ଗିରଫ କରାଯିବା ପ୍ରଥମ ଘଟଣା ବୋଲି କୁହାଯାଉଛି। ପୂର୍ବରୁ ମାଲିକମାନେ ଭିଏଚଏଫ ମାଧ୍ୟମରେ ଅପରାଧ ପାଇଁ ନିର୍ଦ୍ଦେଶ ଦେଇ ଖସିଯାଉଥିଲେ। ଅନ୍ୟପକ୍ଷରେ ବନ ବିଭାଗ ପାଟ୍ରୋଲିଂ ଟିମକୁ ଆକ୍ରମଣ କରିଥିବା ୫ଟି ଟ୍ରଲରକୁ ଧରିବା ପାଇଁ ତା'ର ପାଟ୍ରୋଲିଂକୁ ଜୋର୍‌ଦାର କରିଥିବା ବେଳେ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ଜଳପଥରେ ପାଟ୍ରୋଲିଂକୁ ଜୋରଦାର କରିଛି। ଏଠାରେ ସୂଚନାଯୋଗ୍ୟ ଯେ ରବିବାର ବନ ବିଭାଗ ପାଟ୍ରୋଲିଂ ଟିମ ଗଭୀର ସମୁଦ୍ରରେ ବିରଳ ଅଲିଭ ରିଡଲେ କଇଁଛଙ୍କୁ ସୁରକ୍ଷା ଦେବା ପାଇଁ ପାଟ୍ରୋଲିଂ କରୁଥିବା ସମୟରେ କୂଳରୁ ୭ କିମି ଦୂରରେ ଚାନ୍ଦି ତାରିଣୀ-୩ ଟ୍ରଲର ବେଆଇନ ଭାବେ ମାଛ ମାରୁଥିବା ଦେଖିବାକୁ ପାଇଥିଲେ। ଏହି ଟ୍ରଲରକୁ ଗୋଡାଇ ପାଟ୍ରୋଲିଂ ଟିମ ଧରିବାରେ ସକ୍ଷମ ହୋଇଥିଲେ ହେଁ ସେଠାରେ ଅନ୍ୟ ୫ଟି ଟ୍ରଲର ପହଞ୍ଚି ବନ ବିଭାଗ ପାଟ୍ରୋଲିଂ ବୋଟକୁ ବୁଡାଇ ଦେବା ପାଇଁ ଯୋଜନା କରିବା ସହ ୮ ମତ୍ସ୍ୟଜୀବୀଙ୍କୁ ଯୋର ଜବରଦସ୍ତି ଛଡାଇ ନେଇଥିଲେ।

### ପରାକାଷ୍ଠା ପ୍ରମାଣରେ...

ସ୍ୱାଧୀନତାର ଶତବାର୍ଷିକୀ ପୂରଣ କରିବା ଏହି ସମୟରେ ଆମର ଦାୟିତ୍ୱ କ'ଣ ରହିବା ଦରକାର, ଏହା ଉପରେ ବୁଝିବାକୁ ହେବ। ପଞ୍ଚାୟତରୁ ଜିଲ୍ଲା ସ୍ତରରେ ଯୁବ ସମ୍ମିଳନୀ ମାଧ୍ୟରେ ନିଜର ଆଇଡିଆକୁ ଆଦାନପ୍ରଦାନ କରିବାକୁ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଜରେ ଏକ ସୁବ୍ୟବସ୍ଥିତ ଜୀବନଶୈଳୀ ତିଆରି କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ କିପରି ଆମେ ଆଗାମୀ ୨୨ ବର୍ଷ ଭିତରେ ଗ୍ଲୋବାଲ ହାପେନିଂ ପଏଣ୍ଟ୍ ବନାଇବା ପାଇଁ କାମ କରିବା, ତାହା ଆମର ଲକ୍ଷ୍ୟ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଉତ୍କର୍ଷତାର ଶିଖରରେ ପହଞ୍ଚାଇବା ପାଇଁ ଆମ ସମସ୍ତଙ୍କ ଉଦ୍ୟମ ରହୁ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ।

### ସଂଗୃହୀତ ରକ୍ତର...

କରିଥିଲେ ୨ ଜଣ ଦୁର୍ବୃତ୍ତ। ହତ୍ୟାକାଣ୍ଡର ୧୨ ଘଣ୍ଟା ମଧ୍ୟରେ ଦୁଇ ହତ୍ୟାକାରୀଙ୍କୁ ନୟାଗଡ଼ ଶରଣକୂଳରୁ ପୁଲିସ୍ ଗିରଫ କରିବା ସହ ପରଦିନ ଆଉ ୩ ହତ୍ୟାକାରୀଙ୍କୁ ଗିରଫ କରାଯିବା ସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ରକୁ ଲିଙ୍ଗିପୁର ନିକଟସ୍ଥ ଦୟାନଦୀରୁ ଜବତ କରାଯାଇଥିଲା। ସେହିପରି ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ମଞ୍ଚେଶ୍ୱର ପୁଲିସ୍ ଓ ସ୍ପେଶାଲ୍ ସ୍କ୍ୱାଡ୍ ପକ୍ଷରୁ ସିନ ରିକ୍ରିଏସନ୍ କରାଯାଇଥିଲା। ସହଦେବ ସଫେଇ ସଂଘର ସଭାପତି ଥିବା ବେଳେ ତାଙ୍କୁ ବ୍ୟକ୍ତିଗତ ଶତ୍ରୁତା ଓ ବ୍ରାଉନସୁଗର କାରବାର ପାଇଁ ହତ୍ୟା କରାଯାଇଥିବା ପୂର୍ବରୁ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇସାରିଛି।

## ମୋଟ୍ ରାଜସ୍ୱରେ ଅବକାରୀ ଅବଦାନ ୫ ପ୍ରତିଶତରୁ କମ୍

**ଭୁବନେଶ୍ୱର, ୧୪।୧(ତଥ୍ୟ) :** ଓଡ଼ିଶାରେ ଯେତେ ଅବକାରୀ ରାଜସ୍ୱ ସରକାର ପାଉଛନ୍ତି ତାହା ମୋଟ ରାଜସ୍ୱର ୫ ପ୍ରତିଶତ ମଧ୍ୟ ନୁହେଁ। ଗତ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ରାଜସ୍ୱ ପରିମାଣ ୧ ଲକ୍ଷ ୬୬ ହଜାର ୫୬୪ କୋଟି ଟଙ୍କା ଥିବାବେଳେ ଏହାର ମାତ୍ର ୪.୩୩ ପ୍ରତିଶତ ଅବକାରୀରୁ ମିଳିଥିଲା।

ଏଠାରେ ଉଲ୍ଲେଖନୀୟ ଯେ ୧୯୯୦ ବେଳକୁ




ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୩୫ କୋଟି ଟଙ୍କା ମଧ୍ୟରେ ସୀମିତ ଥିବାବେଳେ ୨୦୦୦ ବେଳକୁ ଏହା ଯଥେଷ୍ଟ ବୃଦ୍ଧି ପାଇ ୧୩୮ କୋଟି ଟଙ୍କାରେ ପହଞ୍ଚିଥିଲା। ସରକାରୀ ହିସାବ ମୁତାବକ, ୨୦୧୩-୧୪ ବର୍ଷରେ ରାଜ୍ୟର ଅବକାରୀ ରାଜସ୍ୱ ପରିମାଣ ୧୭୮୦ କୋଟି ୨୯ ଲକ୍ଷ ଟଙ୍କା ଥିବାବେଳେ ତାହା କ୍ରମଶଃ ୨୦୨୩-୨୪ ବର୍ଷରେ ୭୨୧୬ କୋଟି ୯୯ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଚଳିତବର୍ଷ ପାଇଁ ଓଡ଼ିଶାର ବଜେଟ୍ ପ୍ରାୟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କା ଥିବାବେଳେ ଏଥିରୁ ଅବକାରୀ ରାଜସ୍ୱର ପରିମାଣ ୮୪୦୦ କୋଟି ଟଙ୍କା ହେବବୋଲି ଆଶା ରଖାଯାଇଛି।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏବେ ପାନୀୟ ନିଗମ ମାଧ୍ୟମରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡିକୁ ମଦ ଯୋଗାଣ ହେଉଛି। ରାଜ୍ୟରେ ମଦ ବ୍ୟବହାର ବି ଉଦବେଗଜନକ ହାରେ ବଢ଼ିଚାଲୁଛି। ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନଗୁଡିକରେ ୨୦୧୩-୧୪ ବର୍ଷରେ ପ୍ରାୟ ୪୪୭ଲକ୍ଷ ବିୟର ଲିଟର ଭାରତ ତିଆରି ବିଦେଶୀ ମଦ, ୮୦୬ଲକ୍ଷ ଲିଟର ବିୟର ଓ ପାଖପାଖି ୧ କୋଟି ଲିଟର ଦେଶୀ ମଦ ବିକ୍ରୟପାଇଁ ଉଠାଯାଇଥିଲା। ଏହାଛଡା ମହୁଲି ମଧ୍ୟ ମଧ୍ୟ ରହିଛି। ତେବେ ସରକାରୀ ହିସାବ ମୁତାବକ ଲାଇସେନ୍ସପ୍ରାପ୍ତ ମଦଦୋକାନଗୁଡିକ ଲାଗି ୨୦୨୩-୨୪ ବର୍ଷରେ ୭୯୩ଲକ୍ଷ ବିୟର ଲିଟର ଭାରତ ତିଆରି ବିଦେଶୀ ମଦ ଉଠାଣ ହୋଇଥିବାବେଳେ ୧୫୩୬ ବିୟର ଲିଟର ବିୟର ଓ ୧୬୫ଲକ୍ଷ ଲିଟର ଦେଶୀ ମଦ ଯୋଗାଯାଇଥିଲା।

ଲାଇସେନ୍ସପ୍ରାପ୍ତ ଭାଟିଗୁଡିକ ମାଧ୍ୟମରେ ମହୁଲି ବଦ ଯୋଗାଣ ବି ବଢ଼ି ବଢ଼ି ଚାଲିଛି। ଏହାଛଡା ହାଣ୍ଡିଆ, ଚାଉଳି, ସଲପ, ଖଜୁରୀତାଡି ଆଦି ବିଭିନ୍ନ କିସମର ମଦ ମଧ୍ୟ ଖୋଲାଖୋଲି ଭାବେ ବିକ୍ରି ହେଉଛି। ଲାଇସେନ୍ସପ୍ରାପ୍ତ ମଦଦୋକାନଗୁଡିକରେ ଯେତେ ମଦ ବିକ୍ରି ହେଉଛି ତାହାର ଢେର ଅଧିକ ଗୁଣ ମଦ ଚୋରା ବଜାରରେ ମିଳୁଛି। କେବଳ ସେତିକି ନୁହେଁ ନକଲି ମଦ କାରବାର ମଧ୍ୟ ରାଜ୍ୟରେ ଉଦବେଗଜନକ ସ୍ଥିତିରେ ରହିଛି। ଏହାଛଡ଼ା ବ୍ରାଉନସୁଗାର, ମାରିଜୁଆନା, ଗଞ୍ଜେଇ, ହେରୋଇନ୍, କଫସିରପ ଆଦି ଆକାରରେ ବ୍ୟାପକ ନିଶା ସାମଗ୍ରୀ କାରବାର ହେଉଛି। ଯେଭଳି ଭାବେ ନିଶାର ଲଗାମଛଡା ପ୍ରସାର ଘଟୁଛି ସେଥିଯୋଗୁଁ ବିଭିନ୍ନ କିସମର ଅପରାଧ ସହିତ ଆତ୍ମହତ୍ୟା, ନାରୀ ଓ ଶିଶୁ ନିର୍ଯ୍ୟାତନା, ସଡକ ଦୁର୍ଘଟଣା, ରୋଗବ୍ୟାଧି ବିଶୃଙ୍ଖଳା ଆଦି ମଧ୍ୟ ବଢ଼ି ଚାଲୁଛି। ନିଶାଡିଙ୍କ ଚାହିଦା ମେଣ୍ଟାଇବା ଆଳରେ ଲାଇସେନ୍ସପ୍ରାପ୍ତ ଦୋକାନ ଗୁଡିକର ଏମଜିକ୍ୟୁ ବା ମିନିମମ୍ ଗ୍ୟାରେଣ୍ଟି କୋଟା ମଧ୍ୟ ବଢ଼ା ଚାଲିଛି। ଅନ୍ୟ ପକ୍ଷରେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାରେ କେନ୍ଦ୍ର ସରକାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମାଧ୍ୟରେ ବିପୁଳ ଅର୍ଥ ବ୍ୟୟ କରି ନିଶାମୁକ୍ତ ଅଭିଯାନ ଚଳାଇଥିଲେ ବି ତାହାର ବିଶେଷ ଫାଇଦା ମିଳୁନାହିଁ।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଦ ଓ ଅନ୍ୟାନ୍ୟ ନିଶା ବିରୁଦ୍ଧରେ ମହିଳାମାନଙ୍କ ସ୍ୱର ଅଧିକରୁ ଅଧିକ ଶାଣିତ ହେବାରେ ଲାଗିଛି। ସହିବାର ସବୁ ସୀମା ଟପିଯିବାପରେ ଅନେକ ସ୍ଥାନର ସେମାନେ ସଂଘବଦ୍ଧ ଭାବେ ମଦ ଦୋକାନମାନ ଭାଙ୍ଗୁଛନ୍ତି। ନିଶାବେପାରୀମାନେ ଯୁବ ପୀଢ଼ିକୁ ଲକ୍ଷ୍ୟ ରଖି ବିଭିନ୍ନ କିସମର ନିଶା ସାମଗ୍ରୀ ହାତ ପାଆନ୍ତାରେ ଯୋଗାଉଥିବାରୁ ବ୍ୟବସ୍ଥା କିନ୍ତୁ ବିଗିଡିବାରେ ଲାଗିଛି।

## ସଡ଼କ ଦୁର୍ଘଟଣାରେ ୨ ମୃତ



**ରାଇଘର, ୧୪।୧ (ସଂଚାର ବ୍ୟୁରୋ) :** ସଡ଼କ ଦୁର୍ଘଟଣାରେ ଗୋଟିଏ ଗ୍ରାମର ଦୁଇଜଣ ଯୁବକର ଅକାଳରେ ଚାଲିଗଲା ଜୀବନ। ସୂଚନା ଅନୁଯାଇ ସୋନପୁର ଡିଏନକେ ଗ୍ରାମର ମଳୟ ଚକ୍ରବର୍ତ୍ତୀ ତାର ସାଙ୍ଗ ପଲାଶ ରାୟ ଗୋଟେ କେଟିଏମ ବାଇକରେ ଉମରକୋଟକୁ କୌଣସି କାମ ପାଇଁ ଯାଇଥିଲେ। ଗତକାଲି ରାତି ୯ଟା ସମୟରେ ଉମରକୋଟରୁ ନିଜ ଘର ସୋନପୁରକୁ ଫେରୁଥିବା ବେଳେ ବୁର୍ଲା ୫ ନମ୍ବର ଛକଠାରେ ଗାଡି ନିୟନ୍ତ୍ରଣ ହରେଇ ଦୁର୍ଘଟଣାର ଶୀକାର ହୋଇ ଦୁଇଜଣ ଛିଟିକି ପଡ଼ିଥିଲେ। ଫଳରେ ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପଲାଶକୁ ଚିକିତ୍ସା ପାଇଁ ରାୟପୁର ମେଡିକାଲ ନେବା ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା ଏବଂ ମଳୟର ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ ପରିବାର ଲୋକେ ବିଶାଖାପାଟଣା ମେଡିକାଲକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି।

## ବ୍ୟବସାୟୀଙ୍କ ଘରୁ ଲୁଟ

**ନବରଙ୍ଗପୁର, ୧୪।୧ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ସହର କେଉଟ ସାହିର ସରୋଜ ମହାନ୍ତିଙ୍କ ଘରେ ହେଇଛି ଲୁଟ। ସେ ମିଲର ଏବଂ ଗ୍ରୋସରୀ ଜିନିଷର ବ୍ୟବସାୟୀ କରୁଥିବାରୁ ଘରେ ଅନୁପସ୍ଥିତ ଥିଲେ। ସନ୍ଧ୍ୟାରେ ତାଙ୍କ ସ୍ତ୍ରୀ ଅମିତା ମହାନ୍ତି ଘରେ ଏକୁଟିଆ ଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଘର ଭିତରକୁ ପଶି ତାଙ୍କୁ ଛୁରୀ ଦେଖାଇ ଭୟଭୀତ କରି ମୁହଁ ଓ ହାତ ବାନ୍ଧି ଘର ଆଲମାରୀରେ ଥିବା ସମସ୍ତ ସୁନା ଗହଣା ଲୁଟ କରିନେଇଥିଲେ। ସହରର ଏଭଳି ଜନ ଗହଳି ପୂର୍ଣ୍ଣ ଅଞ୍ଚଳ କେଉଟ ସାହିରୁ ସନ୍ଧ୍ୟା ସମୟରେ ଏଭଳି ଚୋରି ଏବେ ସହରବାସୀଙ୍କୁ ଭୟଭୀତ କରିଛି। ଘଟଣାସ୍ଥଳରେ ଏସପି ମିହିର ପଣ୍ଡା, ଅତିରିକ୍ତ ଏସପି ଆଦିତ୍ୟ ସେନ, ଟାଉନ ଥାନା ଅଧିକାରୀ ସମ୍ପୃକ୍ତ ବେହେରା ପହଂଚି ତଦନ୍ତ ଆରମ୍ଭ କରିଛନ୍ତି।

## ଶୀତବସ୍ତ୍ର ପ୍ରଦାନ ଓ ଅସହାୟ ପରିବାରକୁ ସହଯୋଗ

**ବାଲିଅନ୍ତା, ୧୪।୧ (ସଂଚାର ବ୍ୟୁରୋ):** ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ କନ୍ ଷ୍ଟ୍ରକ୍ ସନ୍ ଆଣ୍ଡ ୱେଲ୍ ଫେୟାର୍ ସୋସାଇଟି ପକ୍ଷରୁ ମକର ସଂକ୍ରାନ୍ତି ଉପଲକ୍ଷେ ସୋସାଇଟିର ଚେୟାର ମ୍ୟାନ ନାରାୟଣ ବେହେରାଙ୍କ ନେତୃତ୍ୱରେ ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ ଗୁଆଖାଟି ଭୋଇ ସାହିର ଅମୂଲ୍ୟ ଭୋଇଙ୍କ ଦଶାହ ପାଇଁ ବସ୍ତ୍ର ଓ



ଶୀତ ବସ୍ତ୍ର ପ୍ରଦାନ କରାଯାଇଛି । ପରେ ପରେ ସରକାଶୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାଣିଆ ଦଳିତ ସାହିରେ ସୋସାଇଟି ପକ୍ଷରୁ ଦଳିତ ସାହିର ସମସ୍ତ ବୟସ୍କ ବ୍ୟକ୍ତିଙ୍କୁ ଶୀତ ବସ୍ତ୍ର ଓ ଗ୍ରାମର ମିଟୁଆ ବେହେରା ଓ ଗୌରୀ ବେହେରାଙ୍କ ପରିବାରକୁ ଏକ ମାସର ରାସନ୍ ସାମଗ୍ରୀ ପ୍ରଦାନ କରାଯାଇଛି । ଏହି କମ୍ବଳ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି ଭାବରେ ଅମୟ ସାହୁ, ବାସୁଦେବ ନାୟକ, ଶିବାନୀ ନାୟକ, ଲୁଚି ସାହୁ, ସଦାନନ୍ଦ ସାହୁ, ସତ୍ୟାନନ୍ଦ ସାହୁ, ସୋସାଇଟିର ସମ୍ପାଦକ ପ୍ରମୋଦ କୁମାର ବେହେରା, କୋଷାଧ୍ୟକ୍ଷ ମୋହନ ବିଶ୍ୱାଳ, ଚିରଞ୍ଜିବି ଜେନା, ଜଗନ୍ନାଥ କନ୍ ଷ୍ଟ୍ରକ୍ ସନ୍ ଆଣ୍ଡ ୱେଲ୍ ଫେୟାର୍ ସୋସାଇଟିର ମିଡ଼ିଆ କୋଡ଼ିନେଟର୍ ଗଗନ ଭୋଇ, ଅଜେୟ ଭୋଇ ଓ ଶଙ୍କରା ଭୋଇ ଉପସ୍ଥିତ ଥିଲେ ।

# ମତୁଆଲା କଲେ କଣ୍ଠଶିଳ୍ପୀ ଇରା ମହାନ୍ତି

### ଭାପୁର ମହୋତ୍ସବ ଉଦ୍‌ଯାପିତ



**ନୟାଗଡ଼, ୧୪।୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲାର ବହୁ ଚର୍ଚ୍ଚିତ ଭାପୁର ମହୋତ୍ସବ ଉଦଯାପିତ ହୋଇଯାଇଛି। ପାରମ୍ପରିକ ନୃତ୍ୟ ଗୀତ ସହ ଇରା ମହାନ୍ତିଙ୍କ ସଙ୍ଗୀତ ୫୦ ଦର୍ଶକଙ୍କୁ ମନ୍ତ୍ର ମୁଗଧ କରିଥିଲା। ମୋ ମାଟି ଭାପୁର ଅନୁଷ୍ଠାନ ତରଫରୁ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ତୃତୀୟ ଭାପୁର ମହୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ସ୍ଥାନୀୟ କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଜଗଦୀଶ ପ୍ରସାଦ ରଥ ଓ ପ୍ରାଣକୃଷ୍ଣ ମହାରଣାଙ୍କ ପ୍ରାରମ୍ଭିକ ସଙ୍ଗୀତ ସହ ଅପରାହ୍ନ ତିନିଟା ସମୟରୁ ମହୋତ୍ସବ ଶୁଭାରମ୍ଭ ହୋଇଥିଲ। ବନମାଳୀପୁରର ନୃତ୍ୟ ପ୍ରଣାମର ଭାପୁର ବନ୍ଦନା ପରେ ପ୍ରିନ୍ସ ଡ୍ୟାନସ ଗ୍ରୁପ ବୋଲଗଡ, ସମ୍ବଲପୁର ଦୁଲଦୁଲି, କଳାହାଣ୍ଡିର ଘୁମୁରା ନୃତ୍ୟ ସମସ୍ତଙ୍କ ମନମୋହି ନେଇଥିଲା।

ମୋ ମାଟି ଭାପୁରର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନୀୟ ଅତିଥି ଭାବେ ବଡଖବରର ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇ. ଦେବାଶିଷ ପଟ୍ଟନାୟକ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଓଡଗାଁ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ,ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଭାପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶିବପ୍ରସାଦ ଷଡଙ୍ଗୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝି, ସମାଜସେବୀ ମଧୁସୂଦନ ରଥ ଓ ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଅର୍ଦ୍ଧେନ୍ଦୁ ଦାସ କହିଥିଲେ ଭାପୁର ମହୋତ୍ସବ ରେ ନିଆରା କଥା ହେଲା ଅସାଧାରଣ ବ୍ୟକ୍ତିମାନେ ସାଧାରଣ ବ୍ୟକ୍ତି ପାଲଟି ଯାଆନ୍ତି। ମୁଖ୍ୟ ଅତିଥି ଅରୁଣ କୁମାର ସାହୁ କହିଥିଲେ ସାମାଜିକ କାର୍ଯ୍ୟକ୍ରମରେ ରାଜନୀତି ନ ରହୁ, ଲୋକମାନେ ଆନନ୍ଦ ପାଉଥିବା କାର୍ଯ୍ୟକ୍ରମ କୁ କେହି ପ୍ରତିବନ୍ଧକ ହୋଇପାରିବେ ନାହିଁ। ଲୋକମାନଙ୍କ ମଧ୍ୟରେ ଜାଗରଣ ଓ ଉନ୍ମାଦନା ଭାପୁର ମହୋତ୍ସବ କୁ ବର୍ତ୍ତମାନ ଲୋକ ମହୋତ୍ସବ ଭାବେ ପରିଗଣିତ ହେଲାଣି ବୋଲି ମୁଖ୍ୟ ଅତିଥି କହିଥିଲେ।



# କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ

### କଳା, ସଂସ୍କୃତିକ, ଐତିହ୍ୟକୁ ପୁନର୍ଜୀବିତ କରୁଛି ମହୋତ୍ସବ: ମନ୍ତ୍ରୀ

**ବ୍ରହ୍ମପୁର, ୧୪।୧ (ସଂଚାର ବ୍ୟୁରୋ):** ସରକାରୀ ଆଇଟିଆଇ ପ୍ରେକ୍ଷାଳୟରେ ଦୁଇ ଦିନିଆ କଳିଙ୍ଗ ମହୋତ୍ସବ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ଅଭିଷେକ କ୍ରିଏସନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟ ଖଣି ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଉଦଘାଟନ କରିବା ସହ ଅତୀତର କଳା ସଂସ୍କୃତି, ଐତିହ୍ୟ କୁ ପୁନର୍ଜୀବିତ କରିବା କ୍ଷେତ୍ରରେ ଏପରି ପ୍ରୟାସକୁ ସେ ପ୍ରଶଂସା କରି ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଅଭିଷେକ କ୍ରିଏସନର ଅଧ୍ୟକ୍ଷ ପ୍ରକାଶ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ମହୋତ୍ସବ ର ପ୍ରଥମ ଅର୍ଦ୍ଧ ରେ ଅନ୍ୟତମ ଅତିଥି ରୂପେ କାହ୍ନୁ ଚରଣ ପତି, ନାଟ୍ୟକାର ମେଜର ରମା ରମଣ ପାଢ଼ୀ, ପ୍ରସନ୍ନ ପାଢ଼ୀ, ନିର୍ମଳ ସାହୁ , ଇଞ୍ଜିନିୟର ଯାମିନି କାନ୍ତ ଦାସ, ପ୍ରମୁଖ ଯୋଗଦାନ କରିଥିଲେ । ମହୋତ୍ସବ କମିଟି ର ସଂଯୋଜକ ସୁଦିପ ସାହୁ, ଉଷାରାଣୀ ମହାପାତ୍ର ଙ୍କ ପରିଚାଳନା ରେ ବହୁ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନେ ଓଡିଶୀ,ରଣପ୍ପା, ଢୋଲିଆ, ଦଣ୍ଡ ନାଚ, ଆଧୁନିକ ନୃତ୍ୟ ପରିବେଷଣ କରିଥିଲେ । ଏଥିରେ ଅନିଲ ପାତ୍ର, କେଦାର ଚୌଧୁରୀ,ସନ୍ୟାସୀ ମହାରଣା, ରଞ୍ଜନା ମିଶ୍ର, କାର୍ତ୍ତିକ ପାଣିଗ୍ରାହୀ, ମାନସ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ।

# ମାଘ ମଣ୍ଡେଇ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବୋରିଗୁମ୍ମା, ୧୪।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ରବିବାର ଭୈରବ ମନ୍ଦିର ପ୍ରାଙ୍ଗଣରେ ଗ୍ରାମର ମାଘ ମଣ୍ଡେଇ ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମ



ପଞ୍ଚାୟତର ସମସ୍ତ ଗ୍ରାମବାସୀ, ବିଭାଗୀୟ ଅଧିକାରୀ, ଗ୍ରାମର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଗ୍ରାମର ସମସ୍ତ ମନ୍ଦିରମାନଙ୍କର ପୂଜାରୀ, ଶିରା, ଗ୍ରାମ୍ୟ କମିଟିମାନେ ଉପସ୍ଥିତ ରହିଥିଲେ। ଆସନ୍ତା ମାଘ ମାସ ଶେଷ ଶୁକ୍ରବାର ତଥା ଫେବୃଆରୀ ୭ ତାରିଖ ଦିନ ମାଘ ମଣ୍ଡାଇ ଯାତ୍ରା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଘ ମଣ୍ଡେଇ ଯାତ୍ରାରେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା ବିଭିନ୍ନ କମିଟି ତରଫରୁ କରାଯାଉଛି। ହଜାର ହଜାର ଲୋକଙ୍କ ଭିଡ଼ରେ କିଭଳି ଶାନ୍ତି ଶୃଙ୍ଖଳା ସହିତ ଯାତ୍ରା ସମ୍ପନ୍ନ ହେବ ତାହା ଉପରେ ଅଧିକ ଦୃଷ୍ଟି ଦେବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା । କିଭଳି ଅଧିକ ପୁଲିସ କର୍ମଚାରୀ ନିୟୋଜିତ ହେବେ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ମନ୍ଦିର ନିର୍ମାଣ କମିଟି ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ନାଗରାଜ ଦୋରା, ବିଜୁ ସାହୁ, ଏଲ. ନାରାୟଣ ରାଓ, ପି. ଜଗଦୀଶ ପ୍ରସାଦ, ମୋହନ ଦୋରା, ଏମ୍. ମାଙ୍ଗାମା, ପ୍ରଫୁଲ୍ଲ ଦଳାଇ, କେଶବ ରାଓ, ଗଣପତି ରାଓ, ସୁଜିତ ଦାସ ଓ କୃଷ୍ଣ ଅମନାତ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ମିଟର ବଦଳାଇବା ନେଇ ଅସନ୍ତୋଷ

**କାକଟପୁର/ଅସ୍ତରଙ୍ଗ, ୧୪।୧ (ସଂଚାର ବ୍ୟୁରୋ):** ବିନା କୌଣସି ଯାଞ୍ଚରେ ବିଦ୍ୟୁତ ଗ୍ରାହକଙ୍କ ମିଟର ଖରାପ ହୋଇଥିବା ଦର୍ଶାଇ ନୂଆ ମିଟର ଲଗାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଯେଉଁ ମାନଙ୍କର ମିଟର ବଦଳିଯିବ ବୋଲି କୁହାଯାଇଛି ସେହି ଗ୍ରାହକଙ୍କୁ ଚଳିତ ମାସର ହାରାହାରି (ଆଭରେଜ ) ବିଲ ପ୍ରଦାନ କରାଯାଇଛି। ଯାହାକୁ ନେଇ ଗ୍ରାହକମାନେ ଚିନ୍ତାରେ ପଡ଼ିଯାଇଛନ୍ତି। କେତେକ ଗ୍ରାହକଙ୍କ ମିଟର ମଧ୍ୟ ବଦଳା ଯାଇ ସାରିଲାଣି।

୨୦୧୮ ଓ ୨୦୧୯ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ରେଜିଷ୍ଟ୍ରେସନ ଚିଙ୍ଗୁଡ଼ି ଚାଷୀ ୮୦ରୁ ଉର୍ଦ୍ଧ ଜଣଙ୍କର ୨ଟି କମ୍ପାନୀ ମିଟର ଲଗାଯାଇଥିଲା। କିନ୍ତୁ ମିଟର ଖରାପ ହୋଇ ଯାଇଥିବା ବିଦ୍ୟୁତ ବିଭାଗ ପକ୍ଷରୁ



**ଆସୁଛି ହାରାହାରି ବିଲ୍**

କୁହାଯାଇଛି। ଏହି ମିଟର ଡିଜିଟ ଗୁଡିକ ଭଲ ଭାବେ ଦେଖା ଯାଉ ନଥିବାରୁ ବଦଳା ଯାଉଥିବା ସୂଚନା ଦିଆଯାଉଛି। କିନ୍ତୁ ବିନା ଯାଞ୍ଚରେ ମିଟର ଖରାପ ଥିବା କହି ବିଦ୍ୟୁତ ବିଭାଗ ବଦଳାଉଥିବା ୮୦ଟି ମିଟର ବଦଳାଯିବା ପାଇଁ ସ୍ଥିର କରାଯାଇଛି। ଯେଉଁ ଗ୍ରାହକଙ୍କ ମିଟର ବଦଳାଇବାକୁ ନିଷ୍ପତି ହୋଇଛି ସେମାନଙ୍କ ମଧ୍ୟରୁ କେତେକ ଅଭିଯୋଗ କରିଛନ୍ତି କେଉଁ ଆଧାରରେ ମିଟର ବଦଳା ଯାଉଛି ?ବିନା ଯାଞ୍ଚରେ କେମିତି ମିଟର ଖରାପ ବୋଲି ବିଭାଗ କହୁଛି ସେମାନେ କହିଛନ୍ତି। ନିଷ୍ପତି ପରିବର୍ତ୍ତନ କରା ନଗଲେ ଆଗକୁ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଅଧିକାରୀ ସ୍ମୃତି ରଞ୍ଜନ ବେହେରା କହିଛନ୍ତି ଚାଷୀଙ୍କ ଅଭିଯୋଗ କଣ ରହିଛି, ଯାହାକି ମାପଦଣ୍ଡ କୁ ନେଇ ଯାଞ୍ଚ କରାଯିବ। ଚାଷୀ ନିଜର ଲିଖିତ ଅଭିଯୋଗ କଲେ ତଦନ୍ତ ଆରମ୍ଭ ହେବ।

# ଏଟିଏମ ଅଚଳ, ଗ୍ରାହକ ହନ୍ତସନ୍ତ

**ବେତନଟୀ, ୧୪।୧ (ସଂଚାର ବ୍ୟୁରୋ):** ବ୍ୟାଙ୍କ କାଉଣ୍ଟରର ମାନଙ୍କରୁ ଜମା ରାଶି ଉଠାଇବା ପାଇଁ ଭିଡ ସାଙ୍ଗକୁ ବ୍ୟାଙ୍କର କାର୍ଯ୍ୟ ନିର୍ଘଣ୍ଟ ସମୟର ଅବଧି ଥିବା ଯୋଗୁଁ ଏବଂ ଛୁଟି ରହୁଥିବା କାରଣରୁ ଏଟିଏମ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା । ଜମାକାରୀମାନେ ଯେତେବେଳେ ଚାହୁଁଥିଲେ ଏଟିଏମ କାର୍ଡ ଯୋଗେ ଯେ କୌଣସି ସ୍ଥାନରୁ ନିଜ ଜମାରାଶି ଉଠାଇ ପାରୁଥିଲେ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ ସୁବିଧା ଓ ସେବା ପାଇ ପାରୁଥିବା ବେଳେ ବେତନଟୀ ସହର ସମେତ ସାରା ଜିଲ୍ଲାରେ ମଧ୍ୟ ଏହି ଏଟିଏମ ସେବା ଗତ ୨୭/୨୨/୨୪ ରିଖ ଠାରୁ ବନ୍ଦ ରହିଥିବା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଟିଏମ ବନ୍ଦ ରହିବା ସତ୍ତ୍ୱେ କୌଣସି ବ୍ୟାଙ୍କ କର୍ତ୍ତୃପକ୍ଷ ଏ ସଂପର୍କରେ ସୂଚନା ମଧ୍ୟ ନ ଦେଇ ଚୁପ ଚାପ ରହିବା ଯୋଗୁଁ ସାଧାରଣ ଉପଭୋକ୍ତା ବନ୍ଦ ରହିବା ସଂପର୍କରେ କିଛି ଜାଣି ପାରୁନାହାନ୍ତି।

ତେବେ ଖବର ନେବାରେ ଜଣା ଯାଇଛି କି ଏଟିଏମ ରେ ଟଙ୍କା ଭର୍ତ୍ତି କରୁଥିବା ଏଜେନ୍ସି ମାନଙ୍କର ଧର୍ମଘଟ ପାଇଁ ଏଟିଏମ ରେ ଟଙ୍କା ଜମା କରା ନ ଯାଇ ପାରୁଥିବା କାରଣରୁ ଏହି ସମସ୍ୟା ଦେଖା ଦେଇଥିବା କୁହାଯାଇଛି। ହେଲେ ବ୍ୟାଙ୍କ ସେବାରେ ଏହି ଅଚଳାବସ୍ଥା ଓ ଇଚ୍ଛାକୃତ ବିଭ୍ରାଟ ପାଇଁ ବ୍ୟାଙ୍କ ଗୁଡିକ ନିରବ ରହିବା ସତ୍ତ୍ୱେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ସମାଧାନ ପାଇଁ କିଛି ପଦକ୍ଷେପ ନ ନେବା କେନ୍ଦ୍ର ଅର୍ଥମନ୍ତ୍ରୀ ଏବଂ ନିଜେ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ ନ କରିବା ଯୋଗୁଁ ଏହା କଣ ବିଜେପି ସରକାର ର ଅଚ୍ଛା ଦିନ ଆଏଗା କି ବୋଲି ଉପଭୋକ୍ତା ମାନଙ୍କ ସହିତ ବେତନଟୀ ସିଟିଜେନ ଫୋରମ ସିଭିଲ ସୋସାଇଟି ଟ୍ରେଡ ୟୁନିଅନ ବିଭିନ୍ନ ଶ୍ରମିକ ସଂଘ ତଥା ଶିଳ୍ପ ସଂଘ ର ମାଲିକ ମାନଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଛି ।

ଏଣୁ ମୟୂରଭଞ୍ଜ ଜିଲ୍ଲାପାଳ ତୁରନ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ମାନଙ୍କ ସହିତ ଆଲୋଚନା କରି ଏଟିଏମ ଚାଲୁ କରିବାକୁ ସାଧାରଣରେ ଦାବି କରାଯାଇଛି। ତା ନ ହେଲେ ଜମାକାରୀମାନେ ବ୍ୟାଙ୍କ ଶାଖା ମାନଙ୍କ ଆଗରେ ଧାରଣା ଦେବେ ବୋଲି ସତର୍କ କରି ଦିଆଯାଇଛି ।

## ରେଳ ଧାରଣାରୁ କ୍ଷତାକ୍ତ ମୃତ ଦେହ ଉଦ୍ଧାର

**କୁଜଙ୍ଗ, ୧୪।୧ (ସଂଚାର ବ୍ୟୁରୋ):** ଆଜି ସକାଳ ୭ ଘଟିକା ସମୟରେ ରେଳ ଧାରଣା ମଝିରୁ କ୍ଷତାକ୍ତ ଅବସ୍ଥାରେ ଏକ ମୃତ ଦେହ ଉଦ୍ଧାର କରାଯାଇଛି । ମୃତକ ଜଣଙ୍କ କୁଜଙ୍ଗ ଥାନା ଅନ୍ତର୍ଗତ ଗୋପିଆକୁଦ ବାଲିସାହି ଗ୍ରାମର ଲକ୍ଷ୍ମୀଧର ପରିଡ଼ାଙ୍କ ପୁଅ ଲୋକନାଥ ପରିଡ଼ା ବୋଲି ଜଣାପଡିଛି। ସେ ଆଜି ସକାଳୁ ପାରାଦ୍ୱୀପ ତୈଳ ବିଶୋଧନାଗାର କାର୍ଯ୍ୟରତ ଠିକା କମ୍ପାନୀକୁ କାର୍ଯ୍ୟ କରିବାକୁ ଯିବା ସମୟରେ ରେଳ ଦୁର୍ଘଟଣାର ଶୀକାର ହୋଇଥିଲେ। ପରେ ସ୍ଥାନୀୟ ଲୋକ ମାନଙ୍କ ଦ୍ୱାରା ମୃତ ଦେହକୁ ଉଦ୍ଧାର କରାଯାଇ ଭାରତୀୟ ତୈଳ ବିଶୋଧନାଗାର ୨ ନମ୍ବର ଫାଟକ ସମ୍ମୁଖରେ କ୍ଷତି ପୂରଣ ଦାବିରେ ଧାରଣାରେ ବସିଥିଲେ।

## ଦ୍ୱିତୀୟ ଦିନରେ ରାଜଭବନ ଉଦ୍ୟାନ ପରିଦର୍ଶନ କଲେ ୧୪ ହଜାରରୁ ଊର୍ଦ୍ଧ୍ୱ

**ଭୁବନେଶ୍ୱର, ୧୪।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ରାଜଭବନ ଉଦ୍ୟାନ ଖୋଲା ହେବାର ଦ୍ୱିତୀୟ ଦିନ ଅପରାହ୍ନରେ ଆପ୍ ମାଧ୍ୟମରେ ପଂଜିକରଣ କରିଥିବା ୧୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ରାଜଭବନ ଉଦ୍ୟାନ ପରିଦର୍ଶନ କରିଛନ୍ତି। ମଙ୍ଗଳବାର ମକର ସଂକ୍ରାନ୍ତି ଥିବାରୁ ଅପରାହ୍ନ ଘ.୨.୩୦ମି. ବେଳକୁ ରାଜଭବନ ପରିସରରେ ଉଦ୍ୟାନ ପରିଦର୍ଶନ ନିମନ୍ତେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଏତଦ୍‌ବ୍ୟତୀତ ମଙ୍ଗଳବାର ସକାଳେ ସେଂଟ୍ ଜାଭିୟର୍ସ ହାଇସ୍କୁଲ, ବାରବାଟୀ କ୍ୟାମ୍ପସ, କଟକ ଏବଂ ଏସ୍.ସି.ବି. ମେଡ଼ିକାଲ ଡିଏଭି ପବ୍ଲିକ ସ୍କୁଲ, କଟକର ଛାତ୍ରଛାତ୍ରୀମାନେ ରାଜଭବନ ଉଦ୍ୟାନ ପରିଦର୍ଶନ କରିଥିଲେ।

ସୂଚନାଯୋଗ୍ୟଯେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ଡ଼ ହରି ବାବୁ କମ୍ଭମ୍‌ପାଟି ପିଲାମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଓ ସେମାନଙ୍କୁ ଚକୋଲେଟ୍ ଓ କଲମ ପ୍ରଦାନ କରିଥିଲେ।

## ମାନସିକ କୁଣ୍ଡରୁ ଗୁଆ ଖୋଜିଲେ ମହିଳା

**ଖୋର୍ଦ୍ଧା, ୧୪।୧ (ସଂଚାର ବ୍ୟୁରୋ):** ଆଜି ପବିତ୍ର ମକର ସଂକ୍ରାନ୍ତି। ଯାହା ହଜାର ହଜାର ବର୍ଷଧରି ସମଗ୍ର ଭାରତ ବର୍ଷରେ ପାଳନ ହୋଇଆସୁଛି। କେଉଁ ଆବାହମାନ କାଳରୁ ସରୋବର ନଦୀ ତଟ, ମହୋଦଧି ତୀର ପ୍ରଭୃତି ପବିତ୍ର ସ୍ଥାନ ମାନଙ୍କରେ ମକର ମେଳା ସାଧୁସଙ୍ଗଓ ମହୋତ୍ସବର ପରମ୍ପରା ଚାଲିଆସିଛି। ଭାରତର ବିଭିନ୍ନ ଅଞ୍ଚଳ ଅପେକ୍ଷା ଦକ୍ଷିଣ ଭାରତରେ ଏହା ସବୁଠାରୁ ବଡ଼ ପର୍ବ। ଦକ୍ଷିଣରେ ମକର ସଂକ୍ରାନ୍ତିଙ୍କୁ ପୋଙ୍ଗଲ ବୋଲି କୁହନ୍ତି। ମକର ସଂକ୍ରାନ୍ତି ଦିନ ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିଥାନ୍ତି। ଏହି ଦିନ ଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ। ଦିନ କ୍ରମଶଃ ବଡ଼ ହୁଏ, ସୂର୍ଯ୍ୟଙ୍କର ତେଜ ମଧ୍ୟ ଏହି ଦିନ ଠାରୁ ପ୍ରଖର ହୁଏ। ମକର ସଂକ୍ରାନ୍ତି ଅବସରରେ




ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ବାଘମାରି ପଞ୍ଚାୟତ ନିକଟ ଅତ୍ରି ହଟକେଶ୍ୱର ମହାଦେବଙ୍କ ପୀଠରେ ଆଜି ମକର ସଂକ୍ରାନ୍ତିରେ ମକର ମେଳା ମହାଆଡମ୍ବରରେ ଆରମ୍ଭ ହୋଇଛି। ଏଥିପାଇଁ ଚଳଚଂଚଳ ହୋଇ ଉଠିଛି ବେଗୁନିଆ ବ୍ଲକ ବାଘମାରି ପଂଚାୟତ ଅତ୍ରିର ବାବା ହଟକେଶ୍ୱରଙ୍କ ପ୍ରସିଦ୍ଧ ମକର ମେଳା ଓ ମହୋତ୍ସବ। ଆଜି ପ୍ରଥମ ଦିନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରଭୁ ହଟକେଶ୍ୱର ମହାଦେବ ଏକାଦଶ ରୁଦ୍ର ପ୍ରସିଦ୍ଧ ଠାକୁର ହୋଇଥିବା ବେଳେ ବିଶ୍ୱାସ ରହିଛି, ଅପୁତ୍ରିକ ନାରୀମାନେ ସଂକ୍ରାନ୍ତି ରାତିରୁ ମାନସିକ କରି କୁଣ୍ଡରେ ବୁଡ଼ ପକାଇ ଗୁଆ ଖୋଜନ୍ତି। ଗୁଆ ପାଇ ତାକୁ ଖାଇଲେ ପୁତ୍ର ସନ୍ତାନ ପ୍ରାପ୍ତି ହୋଇଥାନ୍ତି ବୋଲି କେଉଁ ଅନାଦି କାଳରୁ ଏହି ପରମ୍ପରା ବିଶ୍ୱାସ ରହିଆସିଛି। ଏ ନେଇ ଆଜି ଜିଲ୍ଲା ଓ ରାଜ୍ୟ ବାହାରୁ ପାଖାପାଖି ୪ ଶହରୁ ଊର୍ଦ୍ଧ୍ୱ ଅପୁତ୍ରିକ ନାରୀମାନେ ସ୍ନାନ କରି ମାତୃତ୍ୱ ଲାଭ ପାଇଁ କୁଣ୍ଡରେ ଗୁଆ ଖୋଜି ଖାଇଥିଲେ।

# ବିଚାରପତିଙ୍କ ବିଦାୟ ସମ୍ବର୍ଦ୍ଧନା

**କୁଜଙ୍ଗ, ୧୪।୧ (ସଂଚାର ବ୍ୟୁରୋ):** ସର୍ବଦା ବେଞ୍ଚ ଓ ବାର ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ଉଚିତ୍ ନ୍ୟାୟ ପାଇ ପାରିବେ ବୋଲି କୁଜଙ୍ଗ ଓକିଲ ସଂଘ ପକ୍ଷରୁ ସିଭିଲ ଜଜ ଜୁନିଅର ଡିଭିଜନ ଅନୁରାଧା ଶର୍ମା ଓ ଜେଏମଏଫସି ବିଶ୍ୱଭୂଷଣ ନାୟକଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଥିଲା। ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଜଗତସିଂହପୁର ଜିଲ୍ଲା ଜଜ ଶ୍ରୀନିବାସ ପ୍ରତିହାରୀ ଯୋଗଦେଇ କୁଜଙ୍ଗ ବାର କୁ ପ୍ରଶଂସା କରିଥିଲେ । ଏଠିକାର ଆଇନଜୀବୀ ମାନେ ସର୍ବଦା ଶୃଙ୍ଖଳିତ ଭାବେ ବେଞ୍ଚ ରେ ଯୁକ୍ତି ଉପସ୍ଥାପନ କରିଥାନ୍ତି । ଯାହାକି କାର୍ଯ୍ୟଧାରା ରୁ ପ୍ରମାଣିତ। ବେଞ୍ଚ ଓ ବାର ମଧ୍ୟରେ ଉତ୍ତମ ସମନ୍ୱୟ ନ ରହିଲେ ଏଭଳି ବିଦାୟୀ ସମ୍ବର୍ଦ୍ଧନା ଉତ୍ସବ ପାଳିବା ସମ୍ଭବ ନୁହେଁ ବୋଲି କହିଥିଲେ । ଆଜି ଯେଉଁଭଳି ଭାବେ ଦୁଇ ବିଚାରପତି ଙ୍କୁ ଓକିଲ ସଂଘ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି ବେଞ୍ଚ ଓ ବାର ମଧ୍ୟରେ ଥିବା ଉତ୍ତମ ବୁଝାମଣାର ନିଦର୍ଶନ ବୋଲି ଜିଲ୍ଲା ଜଜ କହିଥିଲେ। ଖୁବ୍ ଶୀଘ୍ର ନୂଆ କୋର୍ଟ ବିଲଡିଂ କାମ ଶେଷ କରାଯାଇ ସେଠାରେ କୋର୍ଟ ଚାଲିବା ପାଇଁ ଘୋଷଣା କରିଥିଲେ। ସମ୍ମାନୀୟ ତିଥି ଭାବେ କୁଜଙ୍ଗର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦୀପ୍ତି ପ୍ରକାଶ ବ୍ରହ୍ମା ଯୋଗଦେଇ କହିଥିଲେ ବଦଳି ପ୍ରକ୍ରିୟା ଏକ ନିରନ୍ତର ପ୍ରକ୍ରିୟା। ବିଚାରପତି ମାନେ ଆସିବେ ଯିବେ । ହେଲେ ତାଙ୍କ ବିଚାରଧାରା ସବୁଦିନ ପାଇଁ ମନେ ରଖିବ । ଅନ୍ୟତମ ଅତିଥି ଭାବେ ସବ୍ ଜଜ ଚିନ୍ମୟୀ ପଣ୍ଡା ଯୋଗଦେଇ ବିଦାୟୀ ବିଚାରପତିଙ୍କୁ ପ୍ରଶଂସା କରିଥିଲେ ।

**ବ୍ୟାସକବି ଜୟନ୍ତୀ ପାଳିତ**

# ସାହିତ୍ୟର ଜୀବନ ଗାଁ ହେଉ

**ନାଉଗାଁ, ୧୪।୧ (ସଂଚାର ବ୍ୟୁରୋ):** ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ସମାଜରେ ପରିଚିତ କରିବାକୁ ସାହିତ୍ୟର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ । ନାଉଗାଁ ବ୍ଲକ ଅନ୍ତର୍ଗତ କଂଟୁଣିଆ ସ୍ଥିତ ଫକୀରମୋହନ ସେନାପତି ସ୍ମୃତି ପାଠାଗାର ଆନୁକୁଲ୍ୟରେ ବାର୍ଷିକ ଉତ୍ସବ ତଥା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାହିତ୍ୟ ସଭାରେ ଶିକ୍ଷକ ତ୍ରିଲୋଚନ ପାଢୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ନବକାକଳୀ ପତ୍ରିକାର ସଂପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବରେ ଡ ସଂଗ୍ରାମ ସାମନ୍ତରାୟ, ସମ୍ମାନିତ ଅତିଥି ଭାବରେ ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.



ଦିଲ୍ଲୀପ କୁମାର ସେନାପତି ଉପସ୍ଥିତ ରହି ସାହିତ୍ୟର ଜୀବନ ଗାଁ ହେଉ ବୋଲି ଚର୍ଚ୍ଚା କରିଥିଲେ । ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ଜଗତସିଂହପୁର ସାଂସଦ ଡ. ବିଭୂପ୍ରସାଦ ତରାଇ, ମୁଖ୍ୟବକ୍ତା ଭାବରେ ଓଡିଶା ବିଧାନସଭାର ସଚିବ ଦାଶରଥୀ ଶତପଥୀ, ବିଶିଷ୍ଟ ଅତିଥୀ ଭାବରେ ବାଲିକୁଦା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ଶ୍ରମ ବିଭାଗର କମିଶନର ବାବା ଆନନ୍ଦ ଦାସ, ଅବସରପ୍ରାପ୍ତ ପ୍ରାଧ୍ୟାପକ ସାରୋଜ କୁମାର ନାୟକ ଉପସ୍ଥିତ ରହି ସାହିତ୍ୟ ଚର୍ଚ୍ଚା କରିଥିଲେ ।

# ରାତିରେ ଚାଲିଛି ଢଳେଇ ରାସ୍ତା କାମ, ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

**ନୀଳଗିରି, ୧୪।୧ (ସଂଚାର ବ୍ୟୁରୋ):** ରାତିରେ ରାସ୍ତା କାମ ଯୋଗୁଁ ଜନଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଭଉଁରିଆବାଡ ପଞ୍ଚାୟତର ଆର.ଡି. ରୋଡ ଠାରୁ ଗୟାଧର ଘର ପର୍ଯ୍ୟନ୍ତ ଢଳେଇ ରାସ୍ତା କାମ ଗତ



ସୋମବାର ରାତିରେ ହେଉଥିବା ଦେଖିବାକୁ ମିଳିଥିଲା।। ଉକ୍ତ ରାସ୍ତା କାମଟି ପଞ୍ଚାୟତର ନିଜସ୍ୱ ପାଣ୍ଠିରେ ନିର୍ମାଣ ହେଉଥିବା ବେଳେ ସୂଚନା ଫଳକ ନଥିବାରୁ ଏହାର ଅଟକଳ ୨ ଲକ୍ଷ ଟଙ୍କା ଶୁଣିବାକୁ ମିଳେ। ଠିକାଦାର ଜଣଙ୍କ ମିସ୍ତ୍ରୀଙ୍କୁ ନେଇ ରାତି ପ୍ରାୟ ସାଢେ ୯ଟା ସମୟରେ ଜେ.ଇଙ୍କ ଅନୁପସ୍ଥିତିରେ ଏହି ଢଳେଇ ରାସ୍ତାକାର୍ଯ୍ୟ କରୁଥିଲେ। ଦାୟୀତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସିଂଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ଜଣକ ଢଳେଇ କାର୍ଯ୍ୟରେ ବ୍ୟବହୃତ ହେଉଥିବା କାଦୁଅ ମିଶା ଚିପ୍ସରେ କାମ କରୁଥିବା ଦେଖିବାକୁ ମିଳିଥିବା ବେଳେ ଏହା ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ହେଉଥିବା ଅଭିଯୋଗ ହୋଇଛି। ତେବେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି, ରାତିରେ କାମ କରିବା, ସର୍ବୋପରି ଉକ୍ତ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଚିପ୍ସକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଥିବା ଜଣାଯାଇଛି।ଏନେଇ ବିଭାଗୀୟ ଅଧିକାରିଙ୍କୁ ଜଣାଇବା ପରେ ମଧ୍ୟ କନିଷ୍ଠ ଯନ୍ତ୍ରୀ ଶ୍ରୀଯୁକ୍ତ ସିଂ ଘଟଣାସ୍ଥଳକୁ ନ ଆସିବା ଉଭୟ ଯନ୍ତ୍ରୀ ଏବଂ ଠିକାଦାଙ୍କ ମଧ୍ୟରେ ମଧୁଚାନ୍ଦ୍ରିକା ଯୋଗୁଁ ଏଭଳି କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏ ସମ୍ପର୍କରେ ବିଭାଗିୟ ସହକାରି ନିର୍ବାହୀଯନ୍ତ୍ରୀଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସର୍ବଭାରତୀୟ ଫୁଟବଲ ନୟାଗଡ଼ କପ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

**ନୟାଗଡ଼, ୧୪।୧ (ସଂଚାର ବ୍ୟୁରୋ):** ନୟାଗଡ଼ ଖେଳ ପଡିଆ ଠାରେ ଆଜି ସର୍ବ ଭାରତୀୟ ଫୁଟବଲ କପ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହା ସହିତ ଫୁଟବଲ ପତାକାକୁ ଉତୋଳନ କରିଥିଲେ। ୭୮୬ ୟୁଥ କ୍ଲବ ସିନ୍ଦୁରିଆ, ମର୍ଣ୍ଣିଙ୍ଗ କ୍ଲବ ନୟାଗଡ଼ ଆଥଲେଟିକ ଆସୋସିଏସନ ଓ ନୟାଗଡ଼ କ୍ଲବ ମିଳିତ ଉଦ୍ୟମରେ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି । ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଇଂ. ଏସ କେ ଇସୁବ, ପ୍ରଫେସର ଅଶୋକ କୁମାର ନାୟକ, ଆଲୋକ



**ସେମିରେ ମା' ମଙ୍ଗଳା କ୍ଲବ**

କୁମାର ଦାସ, ଅନୁୱର ଅଲ୍ଲୀ, ନୟାଗଡ଼ ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା ଓ ଆଲୋକ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ ।

ପ୍ରଥମରୁ ଦିଗମ୍ବତ ଫୁଟବଲ ଖେଳାଳୀ ରୋଟାରିଆନ ଆରିଫ ଖାଁ ଓ ଶିବୁନ ମହାନ୍ତିଙ୍କ ପରଲୋକ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆଜିର ଖେଳ ସାଇ ହାଲ ସୁନାବେଢ଼ା ବନାମ ମଙ୍ଗଳା କ୍ଲବ କଟକ ମଧ୍ୟରେ ଚିତା କର୍ଷକ ଖେଳ ଅନୁଷ୍ଠିତ ହୋଇଥିଲା। ଆଜିର ଖେଳରେ ମଙ୍ଗଳା କ୍ଲବ କଟକ ସାଇ ହାଲ ସୁନାବେଢ଼ାକୁ ୬ ଗୋଟି ଗୋଲ ଦେଇଥିବା ବେଳେ ସାଇ ହାଲ ସୁନାବେଢ଼ା ମଙ୍ଗଳା କ୍ଲବ କଟକକୁ ଦୁଇ ଗୋଟି ଗୋଲ ଦେଇଥିଲା। ଶେଷରେ ମଙ୍ଗଳା କ୍ଲବ କଟକ ୬-୨ ଗୋଲରେ ବିଜୟ ଲାଭ କରି ସେମି ଫାଇନାଲକୁ ଉତିର୍ଣ୍ଣ ହୋଇଛି। ଆଜିର ଖେଳରେ ମଙ୍ଗଳା କ୍ଲବ କଟକର ୧୦ ନମ୍ବର ଖେଳାଳୀ ଦୀନବନ୍ଧୁ ଦାସ ଶ୍ରେଷ୍ଠ ଖେଳାଳୀ ଭାବେ ମନୋନୀତ ହୋଇଛନ୍ତି। ତାଙ୍କୁ ଟ୍ରଫି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ସଦର ଥାନା ସବ୍ ଇନିସପେକ୍ଟର ଧର୍ମେନ୍ଦ୍ର ଶିଆଳ ତାଙ୍କୁ ୫୦୦ ଟଙ୍କା ପ୍ରଦାନ କରିଛନ୍ତି ।

**ଆଉ ପାଦେ ଆଗେଇଲା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାମ**

# ସରିଲା ନୟାଗଡ଼ର ଟି-୩ ଟନେଲ କାର୍ଯ୍ୟ




**ଭୁବନେଶ୍ୱର,୧୪।୧ (ସଂଚାର ବ୍ୟୁରୋ):** ଆଉ ପାଦେ ଆଗେଇଲା ବହୁଚର୍ଚ୍ଚିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନ କାମ। ରେଳପଥ ସୁଡ଼ଙ୍ଗ ନିର୍ମାଣ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କଲା ଭାରତୀୟ ରେଳବାଇ । ନୟାଗଡ଼ ଜିଲ୍ଲାର ବୁଗୁଡ଼ା ଏବଂ ବାଣିଗୋଚ୍ଛା ମଧ୍ୟରେ ଅବସ୍ଥିତ ସୁଡ଼ଙ୍ଗ ନମ୍ବର ଟି-୩ର ଖନନ କାର୍ଯ୍ୟ ଶେଷ ହୋଇଛି। ୨୬୨୦ ମିଟର ଦୈର୍ଘ୍ୟ ଏବଂ ୨-ଡିଗ୍ରୀ କର୍ଭ ବିଶିଷ୍ଟ ଏହି ସୁଡ଼ଙ୍ଗର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ନେଇ ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଖୋର୍ଦ୍ଧା ରୋଡ୍ ଓ ବଲାଙ୍ଗୀର ମଧ୍ୟରେ ଚାଲୁରହିଥିବା ସମଗ୍ର ରେଳ ଲାଇନ୍ ପ୍ରକଳ୍ପ ମଧ୍ୟରେ ସୁଡ଼ଙ୍ଗ ନମ୍ବର ଟି-୩ ହେଉଛି ନୟାଗଡ଼ ଜିଲ୍ଲାର ସବୁଠାରୁ ଲମ୍ବା ସୁଡ଼ଙ୍ଗ ଏବଂ ଏହି ପ୍ରକଳ୍ପର ଦ୍ୱିତୀୟ ଲମ୍ବା ସୁଡ଼ଙ୍ଗ । ସୁଡ଼ଙ୍ଗର ଖନନରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ମେସିନ୍ ନିୟୋଜିତ କରାଯାଇଥିଲା। ଦୁର୍ଗମ ଅଞ୍ଚଳରେ ଏହାର ନିର୍ମାଣ କାର୍ଯ୍ୟ ବେଶ ଆହ୍ୱାନ ଭରା ରହିଥିଲା। ଏହି ଟନେଲ୍ ଓଡ଼ିଶାର ଉପକୂଳ ଅଞ୍ଚଳ ସହିତ ପଶ୍ଚିମାଞ୍ଚଳକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି ଅଞ୍ଚଳର ପରିବହନ ଏବଂ ଆର୍ଥିକ ସମ୍ଭାବନାକୁ ବୃଦ୍ଧି କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସମୁଦାୟ ଦୈର୍ଘ୍ୟ ୩୦୧ କିଲୋମିଟର । ଏହାର ନିର୍ମାଣ କ୍ଷେତ୍ରରେ ଅନେକ ଲଜିଷ୍ଟିକ୍ ଚ୍ୟାଲେଞ୍ଜ ଗୁଡିକର ସାମ୍ନା କରିବାକୁ ପଡିଥିଲା । ଏହି ପ୍ରକଳ୍ପର ୭୫ କିଲୋମିଟର ଦୈର୍ଘ୍ୟ ମଧ୍ୟରେ ସାତଟି ସୁଡ଼ଙ୍ଗ ଅନ୍ତର୍ଭୁକ୍ତ । ସମସ୍ତ ସୁଡ଼ଙ୍ଗ ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବସ୍ଥିତ। ପୂର୍ବଘାଟର କଷ୍ଟକର ଭୂଖଣ୍ଡ ମଧ୍ୟରେ ଏହାକୁ ନିର୍ମାଣ କରିବା ବେଶ ଆହ୍ୱାନ ଭରା ରହିଥିଲା। ଏହି ସୁଡ଼ଙ୍ଗଗୁଡ଼ିକ ମଧ୍ୟରୁ, ସୁଡ଼ଙ୍ଗ ନମ୍ବର ଟି-୭ ଯାହାର ଦୈର୍ଘ୍ୟ ୪.୮୮୫ କିଲୋମିଟର ସବୁଠାରୁ ଲମ୍ବା ସୁଡ଼ଙ୍ଗ । ଏହାର ଅର୍ଦ୍ଧାଧିକ ଖନନ କାର୍ଯ୍ୟ ସମାପ୍ତ ହୋଇଛି । ସେହିପରି ସୁଡ଼ଙ୍ଗ ନମ୍ବର ଟି-୧, ସୁଡ଼ଙ୍ଗ ନମ୍ବର ଟି-୩ ଏବଂ ଅନ୍ୟାନ୍ୟ ସୁଡ଼ଙ୍ଗ ଖନନ କାର୍ଯ୍ୟ ସରିଛି । ବିଭିନ୍ନ ମାଟି ଘନତା ଏବଂ ପଥର ଗଠନ ସମେତ ଜଟିଳ ଭୌଗୋଳିକ ପରିସ୍ଥିତି ପରିଚାଳନା ପାଇଁ ନୂତନତମ କୌଶଳ ବ୍ୟବହାର କରି ସୁଡ଼ଙ୍ଗଗୁଡ଼ିକ ନିର୍ମାଣ କରାଯାଉଛି ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ରେଳ ଲାଇନ ପ୍ରକଳ୍ପରେ ସାତଟି ସୁଡ଼ଙ୍ଗ ନିର୍ମାଣ କରାଯାଉଛି । ଯାହାର ମୋଟ ଲମ୍ବ ୧୨.୭୬ କିଲୋମିଟର । ବୁଗୁଡ଼ା ଏବଂ ବାଣିଗୋଚ୍ଛା ମଧ୍ୟରେ ଅବସ୍ଥିତ ସୁଡ଼ଙ୍ଗ ନମ୍ବର ଟି-୩ର ଦୈର୍ଘ୍ୟ ୨୬୨୦ ମିଟର ଏବଂ ୨-ଡିଗ୍ରୀ ବକ୍ର । ସବୁଠାରୁ ଲମ୍ବା ସୁଡ଼ଙ୍ଗର ଦୈର୍ଘ୍ୟ ୪.୮୮୫ କିଲୋମିଟର, ଯାହା ଅଢେନିଗଡ଼ ନିକଟରେ ଅବସ୍ଥିତ। ଏହାର ସୁରକ୍ଷା ପାଇଁ ୭୦୦ ମିଟର ଏସ୍କେପ୍ ଟନେଲ୍ ଅନ୍ତର୍ଭୁକ୍ତ । ଆଜି ପର୍ଯ୍ୟନ୍ତ ସାତଟି ସୁଡ଼ଙ୍ଗ ମଧ୍ୟରୁ ଚାରୋଟିରେ 'ବ୍ରେକ ଥ୍ରୁ' କାର୍ଯ୍ୟ ସଫଳତାର ସହ ସମାପ୍ତ ହୋଇଛି ।

## ଜଳିଗଲା ବିଏମ୍‌ସି ସଫେଇ ଗାଡ଼ି



**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ରାଜଧାନୀ ଭୁବନେଶ୍ୱର ରାଜରାସ୍ତାରେ ହୁତୁହୁତୁ ହୋଇ ବିଏମ୍‌ସିର ସଫେଇ ଗାଡ଼ି ଜଳିଯାଇଛି। ସ୍ଥାନୀୟ ଡମଣା ଛକରେ ଏହି ଅଘଟଣ ଘଟିଛି। ଏହି ଅଘଟଣରେ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆଜି ସକାଳେ ବିଏମ୍‌ସିର ସଫେଇ ଗାଡ଼ି ରାସ୍ତାରେ ଧୂଳି ସଫା କରୁଥିଲା। ତେବେ କୌଣସି କାରଣରୁ ଅଚାନକ ଉକ୍ତ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏନେଇ ଜାଣିବା ପରେ ଡ୍ରାଇଭର ଜାଣିପାରି ସେଠାରେ ଗାଡ଼ିଟିକୁ ଅଟକାଇଥିଲା। ପରେ ରାସ୍ତା ଉପରେ ଗାଡ଼ିଟି ହୁତୁହୁତୁ ହୋଇ ଜଳିଯାଇଥିଲା। ଗାଡ଼ି ଡ୍ରାଇଭରଙ୍କର କୌଣସି କ୍ଷତି ହୋଇନାହିଁ। କିନ୍ତୁ ଗାଡ଼ିଟି କେଉଁ କାରଣରୁ ଜଳିଗଲା, ସେନେଇ କିଛି ସ୍ପଷ୍ଟ ଭାବେ ଜଣାପଡ଼ିଥିଲେ ହେଁ ସର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

# ମକର ଚୌରାଶି ବେଶରେ ଦର୍ଶନଦେଲେ ମହାପ୍ରଭୁ





**ପୁରୀ,୧୪।୧ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମକର ସଂକ୍ରାନ୍ତି ନୀତି। ମକର ଚୌରାଶି ବେଶରେ ଭକ୍ତଙ୍କୁ ମହାପ୍ରଭୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କୁ ଏହି ବେଶରେ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ହଜାର ହଜାର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ବର୍ଷକ ବାରମାସ ମଧ୍ୟରେ ଶ୍ରୀମନ୍ଦିରରେ ଅନେକ ନୀତିକାନ୍ତି ଓ ପର୍ବପର୍ବାଣି ପାଳିତ ହୋଇଆସିଥିବା ବେଳେ ଆଜି ପବିତ୍ର ମକର ସଂକ୍ରାନ୍ତିରେ ମହାପ୍ରଭୁଙ୍କ ମକରନୀତି ପାଳିତ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶଯାତ୍ରା ମଧ୍ୟରେ ମକର ସଂକ୍ରାନ୍ତି ଏକ ପ୍ରମୁଖ ଯାତ୍ରା ହୋଇଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି । ଏହି ଅନୁଯାୟୀ ଆଜି ଶ୍ରୀଜିଉ ମକର ଚୌରାଶି ବେଶରେ ସଜେଇ ହୋଇଛନ୍ତି। ଏହି ବେଶରେ ମହାପ୍ରଭୁଙ୍କ ତ୍ରିମୁଣ୍ଡିରେ ମକରଚୂଳ ଲାଗି ହୋଇଛି। ମହାପ୍ରଭୁଙ୍କ ସକାଳ ଧୂପ ନୀତି ବଢ଼ିବା ପରେ ମଇଲମ, ମହାସ୍ନାନ, ସର୍ବାଙ୍ଗ ଲାଗି, ନୂଆଲୁଗା ଲାଗି, ମାଳଚୂଳ ଲାଗି ହୋଇଛି। ଏହାପରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ମକରବେଶ ବଢ଼ିଥିଲା। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଆଜିଠାରୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହେବା ଏହି ଉତ୍ତରାୟଣ ସମୟ ଅତୀବ ଶୁଭଙ୍କର। ଏହି ଅବସରରେ ମାଳଚୂଳ ଅଳଙ୍କାର ପିନ୍ଧି ମକର ଚୌରାଶି ବେଶରେ ସଜ୍ଜିତ ହୋଇଛନ୍ତି ଶ୍ରୀଜିଉ। ମହାପ୍ରଭୁଙ୍କ ମକର ବେଶ ପାଇଁ ଜଗନ୍ନାଥ ବଲ୍ଲଭ ମଠ ପକ୍ଷରୁ ସୁସଜ୍ଜିତ ମାଳଚୂଳ ପ୍ରସ୍ତୁତ କରାଯାଇଥିବା ବେଳେ ବଡ଼ଓଡ଼ିଆ ମଠ ପକ୍ଷରୁ ରଙ୍ଗବେରଙ୍ଗର ସୁବାସିତ ପୁଷ୍ପ ଓ ତୁଳସୀ ଆଦିକୁ ନେଇ ସୁସଜ୍ଜିତ ମାଳଚୂଳ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିରକୁ ଦିଆଯାଇଛି। ଅପରପକ୍ଷରେ ଗତକାଲି ରାତିରୁ କୁମ୍ଭାରପଡ଼ାସ୍ଥିତ ଆଲାମଚଣ୍ଡୀ ମନ୍ଦିର ପକ୍ଷରୁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ମକର ଚାଉଳ ଭୋଗ ପାଇଁ ଏକ ପଟୁଆରରେ ଯାଇ ୫ଟି ମକରଚାଡ଼ ଯୋଗାଇ ଦିଆଯାଇଛି।

ଏନେଇ ରାଧାବଲ୍ଲଭ ମଠ ମହନ୍ତ କହିଛନ୍ତି ଯେ ମକର ସଂକ୍ରାନ୍ତି ପରି ଏକ ପବିତ୍ର ଦିବସରେ ଶ୍ରୀମନ୍ଦିରରେ ମକର ବେଢ଼ା ଉତ୍ସବ ହୋଇଥିଲେ। ମକର ଚୂଳ ମହାପ୍ରଭୁଙ୍କଠାରେ ଲାଗି କରାଯାଏ। ମକର ଚାଉଳ ପ୍ରସ୍ତୁତ କରାଯାଇ ନୈବେଦ୍ୟ ଦିଆଯାଏ। ସେହି ପରମ୍ପରାକୁ ଅନୁସରଣ ପୂର୍ବକ ଶ୍ରୀକ୍ଷେତ୍ରରେ ଥିବା ସବୁ ମଠରେ ମକର ସଂକ୍ରାନ୍ତି ନୀତି ପାଳନ ହୋଇଥାଏ। ମକର ଚାଉଳ ପାଇଁ ନୂଆ ଚାଉଳ ଆସିଥିଲା। ଏହାକୁ ଗୁଣ୍ଡ କରାଯାଇ ନଡ଼ିଆ, କଦଳୀ ଚକଟା, ବିଭିନ୍ନ ଫଳ, ଗୋଲ ମରିଚ, ଅଳେଇଚ, ଡାଲଚିନି ଗୁଣ୍ଡ, କ୍ଷୀର, ଘିଅ, ଚିନି ପକାଯାଇ ଏକ ବେଶ୍ ସ୍ୱାଦିଷ୍ଟ ମକର ଚାଉଳ ପ୍ରସ୍ତୁତ କରାଯାଏ। ଏହାକୁ ନେଇ ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗିବା ପରେ ସମସ୍ତ ଭକ୍ତଙ୍କ ମଧ୍ୟରେ ବଣ୍ଟାଯିବାର ପରମ୍ପରା ରହିଛି।

## ଶୃଙ୍ଖଳିତ ହେବ ଧାଡ଼ି ଦର୍ଶନ: ଆଇନ୍ ମନ୍ତ୍ରୀ



**ପୁରୀ,୧୪।୧ (ସଂଚାର ବ୍ୟୁରୋ):** ଚଳିତ ୨୦ ତାରିଖରୁ ଶ୍ରୀମନ୍ଦିରରେ ଧାଡି ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ସରିଛି । ଏହା ଦ୍ୱାରା ଦର୍ଶନ ଶୃଙ୍ଖଳିତ ହେବ । ନୂଆବର୍ଷରୁ ଧାଡି ଦର୍ଶନ ହେବା ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିବାରୁ ଟ୍ରାଏଲ୍ ରନ୍ କଥା ଚିନ୍ତା ହୋଇଥିଲା । ହେଲେ ୨୦ ତାରିଖରୁ ସିଧାସଳଖ ଧାଡି ଦର୍ଶନ ହେବ । ଏଥର ବିନା ଟ୍ରାଏଲ୍ ରନରେ ଶ୍ରୀମନ୍ଦିରର ଧାଡି ଦର୍ଶନ ଆରମ୍ଭ ହେବା ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି,'' ଧାଡ଼ି ବ୍ୟବସ୍ଥାରେ ଦର୍ଶନ ଶୃଙ୍ଖଳିତ ହେବ। ଭକ୍ତମାନଙ୍କୁ ଦର୍ଶନ କରିବାରେ ସୁବିଧା ହେବ । ଦର୍ଶନ କରିଲା ବେଳକୁ କୌଣସି ବଧାବିଘ୍ନ ରହିବ ନାହିଁ, ସେହିଭଳି ଆଧାରରେ ଧାଡି ବ୍ୟବସ୍ଥା କରାଯାଉଛି। 'ରାମପ'ରେ ଧାଡ଼ିରେ ଚଢି ଦର୍ଶନ କଲେ କୌଣସି ଭକ୍ତ ଦର୍ଶନ ନକରି ଫେରିବେନାହିଁ ।ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗି ଯୋଜନା କରାଯାଉଛି । ଏଥିରେ କାଠର ରାମ୍ପ ପକାଯିବା ନେଇ ପ୍ରସ୍ତାବ ରହିଛି ।''ସେହିପରି ମାର୍ଚ୍ଚ ମାସ ପୂର୍ବରୁ ରତ୍ନଭଣ୍ଡାର ମରାମତି କାମ ଶେଷ ହେବ । ତାପରେ ଆରମ୍ଭ ହେବ ଗଣତି ମଣତି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସୂଚନା । 'ଏଏସଆଇ' ୩ ମାସ ସମୟ ମାଗିଥିଲା କିନ୍ତୁ ତାର ଯଥେଷ୍ଟ ପୂର୍ବରୁ ମରାମତି କାମ ସାରିବାକୁ ଚେଷ୍ଟା କରାଯାଉଛି । ଏବେ ମକର ପାଇଁ ନୀତିକାନ୍ତି ପ୍ରଭାବିତ ନହେବା ପାଇଁ ମରାମତି ବନ୍ଦ ରହିଛି । ୧୭ ତାରିଖରୁ ପୁଣି ଆରମ୍ଭ ହୋଇଯିବ। ଆଶା କରୁଛୁ ମାର୍ଚ୍ଚ ପୂର୍ବରୁ ମରାମତି କାମ ସରିବା ପରେ ବାହାରେ ଥିବା ରତ୍ନକୁ ଭିତରକୁ ନେଇ ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ । ତେବେ ଏବେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗର ବରିଷ୍ଠ ଅଧିକାରୀମାନେ ରତ୍ନଭଣ୍ଡାର ମରାମତି କାମ ଜାରି ରଖିଛନ୍ତି । ଯଥାଶୀଘ୍ର ଏହି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ରଖାଯାଇଛି । ବିଶେଷ ଦିନମାନଙ୍କରେ ଭକ୍ତଙ୍କ ଭିଡକୁ ଦେଖି ମରାମତି କାମକୁ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି ।

# ଝୁମ୍ପୁରାରେ ନବନିର୍ମିତ ସେତୁ ଉଦ୍‌ଘାଟିତ

**ଉତ୍କର୍ଷ ଓଡ଼ିଶାରେ କେନ୍ଦୁଝର ଷ୍ଟିଲ ପ୍ଲାଣ୍ଟ ପାଇଁ ଚୁକ୍ତି: ମୁଖ୍ୟମନ୍ତ୍ରୀ**




**ଭୁବନେଶ୍ୱର/କେନ୍ଦୁଝର, ୧୪।୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ନରେ କେନ୍ଦୁଝର ଜିଲ୍ଲା ଝୁମ୍ପୁରାଠାରେ ଏକ ନବନିର୍ମିତ ସେତୁ ଉଦଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ କେନ୍ଦୁଝରରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଆସନ୍ତା ୨୮ରୁ ଭୁବନେଶ୍ୱରଠାରେ ଆରମ୍ଭ ହେବାକୁ ଥିବା ଦୁଇଦିନିଆ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଏ ସଂକ୍ରାନ୍ତ ଚୁକ୍ତିନାମା ସ୍ୱାକ୍ଷରିତ ହେବ। କେନ୍ଦୁଝରର ବିକାଶକୁ ପ୍ରାଥମିକତା ଦିଆଯାଉଛି। ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରର ବିକାଶ ପାଇଁ ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଆଜି ଉଦଘାଟିତ ସେତୁଟି ଝୁମ୍ପୁରା-ଉଖୁଣ୍ଡା ରାସ୍ତାରେ କେନାଲ ଉପରେ ନିର୍ମିତ ହୋଇଛି। ଏହାଦ୍ୱାରା ଝୁମ୍ପୁରା ଓ ଶ୍ରୀରାମପୁର ଗ୍ରାମ ଜନସାଧାରଣଙ୍କ ଗମନାଗମନ ଅଧିକ ସୁଗମ ହୋଇପାରିବ। ଏହି ସେତୁ କାର୍ଯ୍ୟକ୍ଷମ ହେବା ପରେ ଆଖପାଖ ଅଞ୍ଚଳର ଲୋକଙ୍କ ସହ ଦୈନିକ ୫ରୁ ୧୦ ହଜାର ଲୋକ ଉପକୃତ ହୋଇପାରିବେ। ଏହି ସେତୁର ଦୈର୍ଘ୍ୟ ୬୭ ମିଟର ରହିଥିବା ବେଳେ ୧୭୫ ମିଟରର ଆପ୍ରୋଚ୍ ରୋଡ୍ ରହିଛି।

# ମଧ୍ୟାହ୍ନଭୋଜନରେ ମିଳିବ କ୍ଷୀର, ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ



**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଖୁବ୍‌ଶୀଘ୍ର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ କ୍ଷୀର ମିଳିବ। ପିଲାଙ୍କୁ ପୋଷଣ ଓ ପ୍ରୋଟିନ୍ ଯୋଗାଇବାକୁ ରାଜ୍ୟ ସରକାର ଏପରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେବାକୁ ଯାଉଛନ୍ତି। ଏଥିନିମନ୍ତେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହାକୁ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ ହେଉଥିବା କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ରାଷ୍ଟ୍ରପତିଙ୍କ ଜିଲ୍ଲା ମୟୂରଭଞ୍ଜର ରାଇରଙ୍ଗପୁରରେ ପାଇଲଟ ପ୍ରୋଜେକ୍ଟ ଭାବେ ଏହାର ଶୁଭାରମ୍ଭ କରାଯାଇଛି। ଗିଫ୍ଟ ମିଲ୍କ ମାଧ୍ୟମରେ ୨୯ଟି ସ୍କୁଲରେ ୧୧୮୪ ପିଲାଙ୍କୁ ୨ ଶହ ଗ୍ରାମ ଲେଖାଏଁ ଭିଟାମିନ-ଏ ଓ ଡି' ଯୁକ୍ତ କ୍ଷୀର ଦେବା କାର୍ଯ୍ୟକ୍ରମର ଗତକାଲି ଆରମ୍ଭ ହୋଇଛି। ପରେ ଏହା ସବୁ ସ୍କୁଲରେ ଲାଗୁ କରିବା ପାଇଁ ସରକାର ଯୋଜନା କରୁଥିବା ମନ୍ତ୍ରୀ କହିଛନ୍ତି।

ଏନେଇ ମନ୍ତ୍ରୀ କହିଛନ୍ତି ଯେ ଗତକାଲି ଗିଫ୍ଟ ମିଲ୍କ ଦେବା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ପିଲାଙ୍କୁ ପୋଷଣ ଓ ପ୍ରୋଟିନ ଯୋଗାଇବାକୁ ଏପରି ପଦକ୍ଷେପ ନିଆଯାଇଛି। ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ ନିଆଯାଇଛି। ଆଗକୁ ସମଗ୍ର ରାଜ୍ୟରେ ମଧ୍ୟାହ୍ନଭୋଜନରେ ବି କ୍ଷୀର ସାମିଲ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ମଧ୍ୟାହ୍ନଭୋଜନରେ ଛାତ୍ରଛାତ୍ରୀଙ୍କୁ ୨ ଶହ ମିଲିଲିଟର ଭିଟାମିନ-ଏ' ଓ ଡି'ଯୁକ୍ତ କ୍ଷୀର ଦେବା ନେଇ ଖୁବ୍ ଶୀଘ୍ର ଯୋଜନା ଆରମ୍ଭ ହେବାର ସମ୍ଭାବନା ରହିଛି। ମୁଖ୍ୟତଃ ଗ୍ରାମାଞ୍ଚଳ ପିଲା ଉପଯୁକ୍ତ ପୋଷଣ ପାଇ ପାରୁନଥିବାରୁ ସେମାନଙ୍କର ବିକାଶ ଠିକ୍ ଭାବେ ହେଉନାହିଁ। ଫଳରେ ସେମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ମଧ୍ୟାହ୍ନଭୋଜନରେ ବି ନିମ୍ନମାନର ଖାଦ୍ୟ ଯୋଗାଇ ଦିଆଯାଉଥିବା ନେଇ ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ପୂର୍ବ ସରକାର ଅମଳରେ ଏଥିରେ କୌଣସି ସୁଧାର ଆସି ନ ଥିବା ବେଳେ ନୂଆ ସରକାର କ୍ଷମତାକୁ ଆସିବା ପରେ ଏଦିଗରେ ତତ୍ପରତା ପ୍ରକାଶ କରିଛନ୍ତି। ପ୍ରଥମରୁ ପଞ୍ଚମ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ୭ ଟଙ୍କା ୬୪ ପଇସାକୁ ବଢ଼ାଇଛନ୍ତି। ପୂର୍ବରୁ ଏହା ୫ ଟଙ୍କା ୯୦ ପଇସା ଥିଲା। ସେହିପରି ଷଷ୍ଠରୁ ଅଷ୍ଟମ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ଖର୍ଚ୍ଚ ପୂର୍ବରୁ ୮ ଟଙ୍କା ୮୨ ପଇସା ଥିବା ବିଜେପି ସରକାର ଏହାକୁ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରିଛନ୍ତି।

## ଆଜି ଶ୍ରୀମନ୍ଦିରରେ ବନକଲାଗି, ୫ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ,୧୪।୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ମାଘ କୃଷ୍ଣ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିରରେ ବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସାଧାରଣ ଭକ୍ତଙ୍କ ପାଇଁ ଦର୍ଶନ ପାଖାପାଖି ୫ ଘଣ୍ଟା ବନ୍ଦ ରହିବ। ଭକ୍ତମାନେ ଅପରାହ୍ନ ୫ଟାରୁ ରାତି ପ୍ରାୟ ୧ଟା ପର୍ଯ୍ୟନ୍ତ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହେବେ। ନୂଆବର୍ଷ ସାଙ୍ଗକୁ ଏବେ ନାନା ପର୍ବପର୍ବାଣି ଓ ଆଜି ମକର ସଂକ୍ରାନ୍ତି ପରିପ୍ରେକ୍ଷୀରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କର ବେଶ୍ ଭିଡ଼ ଲାଗୁଛି। ଏପରି ସ୍ଥିତିରେ ତେଣୁ ମହାପ୍ରଭୁଙ୍କର ରୀତିନୀତି ପାଇଁ ୫ ଘଣ୍ଟା ଦର୍ଶନ ବନ୍ଦ ହେଲେ ଅନେକ ଭକ୍ତଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିବ।

## ନିଜ ନିଜ ଘରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

**କଟକ,୧୪।୧(ସଂଚାର ବ୍ୟୁରୋ):** ଆଜି ପବିତ୍ର ମକର ସଂକ୍ରାନ୍ତି ଅବସରରେ ସମଗ୍ର ପୁରପଲ୍ଲୀ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲେ ହେଁ କଟକ ଜିଲ୍ଲା ବାଙ୍କୀ ଥାନା ଅଞ୍ଚଳର ଏକ ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଅଭିଶପ୍ତ ସାବ୍ୟସ୍ତ ହୋଇଛି। କାରଣ ପରସ୍ପରକୁ ଭଲ ପାଇ ଜୀବନ ସାଥୀ କରିବା ସକାଶେ ସ୍ୱପ୍ନ ଦେଖୁଥିବା ଏହି ପ୍ରେମିକପ୍ରେମିକା ଏକା ସାଙ୍ଗରେ ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ତେବେ ସେମାନଙ୍କ ଆତ୍ମହତ୍ୟାର କୌଣସି ଠୋସ୍ କାରଣ ସାମ୍ନାକୁ ଆସିପାରିନଥିବା ବେଳେ ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ବାଙ୍କୀ ଥାନା ଅନ୍ତର୍ଗତ ଅନୁଆରୀ ପଞ୍ଚାୟତ କୁରୁମଚଇନି ଗାଁର ରଞ୍ଜନ ସେଠ ବାଇଗଣୀ ଗ୍ରାମର କଲ୍ୟାଣୀ ମାଝୀଙ୍କୁ ପ୍ରେମ କରୁଥିଲେ। ଉଭୟ ପରସ୍ପରକୁ ଜୀବନସାଥୀ କରିବା ସାକଶେ ସ୍ୱପ୍ନ ଦେଖୁଥିଲେ। କିନ୍ତୁ ହଠାତ୍ କ'ଣ ହେଲା କେଜାଣି, ଉଭୟ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଲେ। ରଞ୍ଜନ ଓ କଲ୍ୟାଣୀ ନିଜ ନିଜ ଘରେ ଝୁଲି ପଡ଼ିଥିବା ଅଭିଯୋଗ ହୋଇଛି। ଆଜି ସକାଳେ ଉଭୟଙ୍କୁ ପରିବାର ଲୋକେ ଉଦ୍ଧାର କରି ବାଙ୍କୀ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଏଥିସହ ଉଭୟ ପ୍ରେମିକପ୍ରେମିକା କେଉଁ କାରଣ ପାଇଁ ଆତ୍ମହତ୍ୟା କରିଛନ୍ତି, ତାହା ମଧ୍ୟ ପୁଲିସ୍ ଜାଣିବା ସକାଶେ ତନାଘନା ଚଳାଇଛି। ସେପଟେ ମୃତ ପ୍ରେମୀଯୁଗଳଙ୍କ ପରିବାର ଲୋକେ ଏ ସମ୍ପର୍କରେ ମୁହଁ ଖୋଲୁନାହାନ୍ତି।

## ପର୍ଯ୍ୟଟକଙ୍କ ପାଇଁ ବନ୍ଦ ହେଲା ଭିତରକନିକା, ୧୯ରୁ କୁମ୍ଭୀର ଗଣନା



**କେନ୍ଦ୍ରାପଡ଼ା,୧୪।୧ (ସଂଚାର ବ୍ୟୁରୋ):** ଆଜିଠାରୁ ବନ୍ଦ ହେଲା ଭିତରକନିକା ଜାତୀୟ ଉଦ୍ୟାନ । ପ୍ରତିବର୍ଷ ଭଳି ଚଳିତବର୍ଷ କୁମ୍ଭୀର ଗଣନା ପାଇଁ ଭିତରକନିକାକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା ଲାଗିଛି। ଆଜି ଅର୍ଥାତ ଜାନୁଆରୀ ୧୪ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ବନ୍ଦ ରହିବ ଭିତରକନିକା ଜାତୀୟ ଉଦ୍ୟାନ। ରାଜନଗର ବନଖଣ୍ଡର ୪ଟି ରେଞ୍ଜରେ କୁମ୍ଭୀର ଗଣନା କରାଯିବା ନେଇ ସୂଚନା ଦେଇଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ । ଜାନୁଆରୀ ୧୯,୨୦ ଓ ୨୧ ତାରିଖ ୩ ଦିନ ଧରି ଗଣନା କାର୍ଯ୍ୟ ଚାଲିବ। ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ କୁମ୍ଭୀର ଗଣନା ପାଇଁ ୯ ଦିନ ଧରି ବନ୍ଦ ରହୁଥିବାରୁ ପର୍ଯ୍ୟଟକମାନେ ବୁଲି ନଆସିବା ପାଇଁ ନିବେଦନ କରିଛି ରାଜନଗର ବନ ବିଭାଗ। ପ୍ରଥମେ ବୋଟ ଚଳାଚଳ ବନ୍ଦ ରହିବା ପରେ ନଦୀର ପାଣି ସ୍ଥିର ରହିବା ପରେ ହିଁ କୁମ୍ଭୀର ଗଣନା ଅନୁଷ୍ଠିତ ହେବ । ଏହି ସମୟରେ ପର୍ଯ୍ୟଟକ ଭିତରକନିକା ବୁଲି ଆସିଲେ ଗଣନାରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ପର୍ଯ୍ୟଟକ ଆସିବା ଉପରେ କଟକଣା ଲଗାଯାଇଥିବା କହିଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ । ସେ ଆହୁରି ମଧ୍ୟ କହିଛନ୍ତି,'' ଭିତରକନିକାକୁ ସଲଗ୍ନ ଥିବା ନଦୀ, ନାଳଗୁଡ଼ିକରେ ବଡଲା କୁମ୍ଭୀରମାନଙ୍କର ଗଣନା କରାଯିବ। କୁମ୍ଭୀର ବିଶାରଦ ଡ଼ା ସୁଧାକର କରଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ କୁମ୍ଭୀର ଗଣନା କରିବେ । ସକାଳ ଏବଂ ସନ୍ଧ୍ୟା ସମୟରେ ହୁଲି ଡ଼ଙ୍ଗା ସାହାଯ୍ୟରେ କୁମ୍ଭୀର ଗଣନା କରାଯାଇଥାଏ। ଗତବର୍ଷ ଭିତରକନିକାରେ ୧୮୧୧ଟି କୁମ୍ଭୀର ଗଣନା କରାଯାଇଥିବା ବେଳେ ଚଳିତ ବର୍ଷ ମଧ୍ୟ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା ରଖିଛୁ । ୧୪ ତାରିଖରୁ ୨୨ ତାରିଖ ଭିତରେ କୁମ୍ଭୀର ଗଣନା କାର୍ଯ୍ୟକ୍ରମ କରାଯିବ । ଏଥିପାଇଁ ଟୁରିଷ୍ଟ ମାନଙ୍କର ପ୍ରବେଶ ବନ୍ଦ ରହିବ। ୧୯,୨୦ ଓ ୨୧ ତାରିଖରେ ଗଣନା କାର୍ଯ୍ୟ ଚାଲିବ ।''

# ଧାନକିଣା ତଦାରଖ ପାଇଁ ପ୍ରତି ମଣ୍ଡିରେ ନୋଡାଲ ଅଫିସର୍

**ଭୁବନେଶ୍ୱର,୧୪।୧(ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁରେ ରାଜ୍ୟରେ ସରକାରୀ ସ୍ତରରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ମଣ୍ଡି ଉପରେ କଡା ନଜର ରଖିବାକୁ ରାଜ୍ୟ ସରକାର କଡା ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ଉଦ୍ଦେଶ୍ୟରେ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଧାନ କିଣା ବେଳେ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି। ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାର ୩୯୦୩ ମଣ୍ଡି ପାଇଁ ୩୮୯୩ ଜଣ ନୋଡାଲ ଅଧିକାରୀ ନିଯୁକ୍ତ ହୋଇ ଧାନ ସଂଗ୍ରହ ପ୍ରକ୍ରିୟା ଉପରେ ନଜର ରଖିଛନ୍ତି। ଚାଷୀମାନଙ୍କ ସହାୟତା ପାଇଁ ପ୍ରତି ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହେବା ସହ ୨ରୁ ୩ଟି ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ ଦିଆଯାଇଛି। ଏବେ ରାଜ୍ୟରେ ୧୦୩୧ ଜଣ ସୁପରଭାଇଜରଙ୍କୁ ଆବଶ୍ୟକତା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ କରାଯାଇଛି। ଏହି ଅଧିକାରୀମାନେ ମଣ୍ଡିକୁ ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି ଚାଷୀମାନେ ସେମାନଙ୍କ ଅଭିଯୋଗ ପ୍ରତ୍ୟକ୍ଷ ଭାବେ ଜଣାଇବାର ମଧ୍ୟ ବ୍ୟବସ୍ଥା କରାଯାଇଛି। ରାଜ୍ୟର ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣାଯିବା ସହ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟତା ମୂଲ୍ୟ ବାବଦକୁ ୨୩ ଶହ ଟଙ୍କା ଓ ଇନପୁଟ ସହାୟତା ରାଶି ଭାବେ ୮ ଶହ ଟଙ୍କା ପ୍ରଦାନ କରାଯାଉଛି।

## ପ୍ରେମିକଙ୍କ ଆତ୍ମହତ୍ୟା ଖବର ଶୁଣି ହାରିଦେଲେ ଜୀବନ

**ବାଙ୍କୀ,୧୪।୧:** ସହିପାରିଲେନି ପ୍ରେମିକଙ୍କ ଆତ୍ମହତ୍ୟା ଖବର, ଶୁଣୁଶଣୁ ହାରିଦେଲେ ଜୀବନ। ପ୍ରେମିକଙ୍କ ଆତ୍ମହତ୍ୟା ଖବର ଶୁଣି ପ୍ରେମିକା ରଶିରେ ଝୁଲିପଡ଼ିଥିବା ଚର୍ଚ୍ଚା ହେଉଛି। ଏଭଳି ଅଭାବନୀୟ ଘଟଣା ବାଙ୍କୀ ଥାନା ଅନ୍ତର୍ଗତ ଅନୁଆରୀ ପଞ୍ଚାୟତ ଅଧୀନ କୁରୁମଚଇନି ଗ୍ରାମରେ ଘଟିଛି। ଉକ୍ତ ଗ୍ରାମର ରଞ୍ଜନ କୁମାର ସେଠୀ(୨୦) ସୋମବାର ମଧ୍ୟରାତ୍ରିରେ ଦଉଡିରେ ଝୁଲିପଡ଼ିଥିବା ଖବରପାଇ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ବାଇଗେଣୀ ଗ୍ରାମର କଲ୍ୟାଣି ମାଝୀ (୨୦) ମଙ୍ଗଳବାର ଭୋରରେ ଘରେ ରଶିଲଗାଇ ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଥାନାରେ ୨ଟି ପୃଥକ୍ ମାମଲା (ନଂ.୩/୨୫ ଓ ୪/୨୫) ରୁଜୁ କରିଛି। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଉଦୟଗିରି ଓ ରତ୍ନଗିରିରେ ଏକାଠି ହେଲେ ୧୭ ଦେଶର ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ



**ଯାଜପୁର,୧୪।୧ (ସଂଚାର ବ୍ୟୁରୋ):** ବିଶ୍ୱ ଶାନ୍ତି ପାଇଁ ଚାଲିଛି ପ୍ରାର୍ଥନା ଓ ମନ୍ତ୍ର ପାଠ। ବୌଦ୍ଧ ଧର୍ମାବଲମ୍ବୀ ଓ ସନ୍ନ୍ୟାସୀଙ୍କ ପ୍ରାର୍ଥନାରେ କମ୍ପୁଛି ବୌଦ୍ଧ ପର୍ଯ୍ୟଟନ ସ୍ଥଳୀ ଉଦୟଗିରି ଓ ରତ୍ନଗିରି। ଗୌତମ ବୁଦ୍ଧଙ୍କ ପ୍ରତି ଆକୃଷ୍ଟ ହୋଇ ଏକାଠୀ ହେଲେ ୧୭ଟି ଦେଶର ପ୍ରାୟ ୧୫୦୦ ବୌଦ୍ଧ ଧର୍ମାବଲମ୍ବୀ ଓ ସନ୍ନ୍ୟାସୀ। ଓଡ଼ିଶାରେ ବୌଦ୍ଧଙ୍କ କୀର୍ତ୍ତିରାଜ, ଐତିହ୍ୟ ଦେଖି ସେମାନେ ବିମୋହିତ ହୋଇଛନ୍ତି। ଯାଜପୁର ଉଦୟଗିରି ଓ ରତ୍ନଗିରିଠାରେ ୧୨ ତାରିଖରୁ ଆରମ୍ଭ ହୋଇଛି ବୌଦ୍ଧ ସମ୍ମିଳନୀ। ଦ୍ୱିତୀୟ ବୁଦ୍ଧ ଭାବେ ଜଣାଶୁଣା ଗୁରୁ ପଦ୍ମସମ୍ଭବଙ୍କ ନାଁରେ ପ୍ରଥମଥର ପାଇଁ ବିଶ୍ୱ ବୌଦ୍ଧ ସମ୍ମିଳନୀ ଆୟୋଜନ କରାଯାଇଛି।

# ବିଏସ୍‌କେୱାଇ ଦୁର୍ନୀତିର ତଦନ୍ତ ହେବ: ଆଇନମନ୍ତ୍ରୀ




**ଭୁବନେଶ୍ୱର,୧୪।୧ (ସଂଚାର ବ୍ୟୁରୋ):** ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବା ଲାଗି ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ପୂର୍ବ ସରକାରଙ୍କ ଉପରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବର୍ଷିଛନ୍ତି।

ସେ କହିଛନ୍ତି, ପୂର୍ବରୁ ବିଭିନ୍ନ ସ୍ଥାନରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ (ବିଏସ୍‌କେୱାଇ) ଥାଇ କି ଲୋକେ ପ୍ରତ୍ୟାଖ୍ୟାତ ହେଉଥିଲେ। ବହୁତ ସ୍ଥାନରେ ଲୋକେ ଶୋଷିତ ହେଉଥିଲେ। ହସ୍ପିଟାଲମାନେ ମନ ଇଚ୍ଛା ବିଲ କରୁଥିଲେ। ପୂର୍ବ ସରକାରର ଅନେକ ଲୋକ ଦୁର୍ନୀତିରେ ସମ୍ପୃକ୍ତ ଥିଲେ। ସେ ବାବଦରେ ଖୁବ ଶୀଘ୍ର ତଦନ୍ତର ପ୍ରକ୍ରିୟା ଆରମ୍ଭ ହେବ। ଆୟୁଷ୍ମାନ ଭାରତ ଯୋଜନା ପାଇଁ ସୋମବାର ଏମଓୟୁ ସ୍ୱାକ୍ଷର ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ଏମଓୟୁ । ୧.୩ କୋଟି ପରିବାରକୁ ଆୟୁଷ୍ମାନ ଭାରତ କାର୍ଡ ମିଳିବ । ୱାନ ନେସନ ୱାନ ହେଲଥ କାର୍ଡ ଯୋଜନାର ପରିସରଭୁକ୍ତ । ଏହି ଯୋଜନା ୩୦ ହଜାର ହସ୍ପିଟାଲ ସହ ଅନୁବନ୍ଧିତ ରହିବ। ସାରା ଭାରତରେ ଏହି କାର୍ଡ କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି ପିଏମ-ଜୟ) ହେଉଛି ସରକାରଙ୍କ ଫ୍ଲାଗସିପ ସ୍ୱାସ୍ଥ୍ୟ ବୀମା ପଲିସି, ଯାହା ସେପ୍ଟେମ୍ବର ୨୦୧୮ ରେ ଆରମ୍ଭ କରାଯାଇଥିଲା। ଆର୍ଥିକ ଦୁର୍ବଳ ଥିବା ଲୋକଙ୍କୁ ଆର୍ଥିକ ନିରାପତ୍ତା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସେବା ଯୋଗାଇବା ଏହି ଯୋଜନାର ମୂଳ ଲକ୍ଷ୍ୟ । ନିଜ ଚିକିତ୍ସା ଖର୍ଚ୍ଚ ଉଠାଇବା ପାଇଁ ଗରିବ ଲୋକଙ୍କୁ ଯେପରି କୌଣସି ଅସୁବିଧା ନ ହେବ, ସେଥିପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ ଯୋଜନା ଆରମ୍ଭ କରିଥିଲେ । ଯାହା ଅଧୀନରେ ପଞ୍ଜୀକୃତ ଲାଭାର୍ଥୀଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିଥାଏ। ଆୟୁଷ୍ମାନ ଭାରତ ସ୍କିମ ଅଧୀନରେ କାର୍ଡଧାରୀ ସରକାରୀ ହସ୍ପିଟାଲରେ ସହଜରେ ନିଜ ରୋଗର ଚିକିତ୍ସା କରେଇ ପାରିବେ। ଏହା ଜରିଆରେ ସେମାନଙ୍କୁ ଚିକିତ୍ସାରେ ଲାଗିବାକୁ ଥିବା ବୀମା ପଇସା ମିଳିପାରିବ ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ପ୍ରତିଦିନ ସୁନା ଓ ରୁପା ଦର ନିର୍ଦ୍ଧାରଣ କରାଯାଇଥାଏ । କେଉଁ ଦିନ ଦର କମିଥାଏ ତ କେବେ ବଢ଼ିଥାଏ ଆଉ ପୁଣି କେବେ ସମାନ ରହିଥାଏ । ସୁନା କିଣିବାକୁ ଯାଉଥିଲେ ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୩ ହଜାର ୪୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୦ ହଜାର ୦୭୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୩, ୪୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୦, ୦୭୦ ଟଙ୍କା ରହିଛି । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୩,୪୦୦ ଟଙ୍କା ଓ ୮୦, ୦୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୩,୫୫୦ ଟଙ୍କା ଓ ୮୦, 220 ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୩,୪୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୦, ୦୭୬ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୩,୪୦୦ ଟଙ୍କା ଓ ୮୦, ୦୭୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୧,୦୨,୦୦୦ ହଜାର ଟଙ୍କା ହୋଇଛି ।

# ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି। କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି। ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି।



## ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋରେ ଲଞ୍ଚ ହେବ ୟାମାହା ନୂଆ ମଡେଲ

# ଏଫ୍‌ଜେଡ୍-ଏକ୍ସ, ଏଫ୍‌ଜେଡ୍-ଏସ୍



**ନୂଆଦିଲ୍ଲୀ, ୧୪।୧:** ୟାମାହା ହେଉଛି ପ୍ରଥମ ବ୍ରାଣ୍ଡ ଯାହା ଭାରତୀୟ ରାଇଡର୍ସଙ୍କ ପାଇଁ ବାଇକରେ ହାଇବ୍ରିଡ୍ ଟେକ୍ନୋଲୋଜିର ବ୍ୟବହାର କରିଛି। ଏହି ଟେକ୍ନୋଲୋଜି ୟାମାହା ର ଫ୍ୟାସିନୋ ଏବଂ ରେ ଜେଡ୍‌ଆର୍‌ରେ ଦେଖିବାକୁ ମିଳିବ। ଏଥି ସହ ବର୍ତ୍ତମାନ ୟାମାହା ଏଫ୍‌ଜେଡ୍ ଏକ୍ସ ୧୫୦ ସିସିରେ ମଧ୍ୟ ହାଇବ୍ରିଡ୍ ଟେକ୍ନୋଲୋଜି ସହିତ ଅଣାଯାଉଛି। ୟାମାହା ଏଫ୍‌ଜେଡ୍-ଏସ୍ ମଡେଲରେ ମଧ୍ୟ ନୂଆ କଲର ଭ୍ୟାରିଆଣ୍ଟ ଆଣିବାକୁ ଯାଉଛି। ୟାମାହା ର ଏହି ଦୁଇଟି ବାଇକ୍ ଏଫ୍‌ଜେଡ୍ ଏକ୍ସ ଏବଂ ଏଫ୍‌ଜେଡ୍-ଏସ୍ ଅପଡେଟ୍ ସହିତ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ ରେ ଲଞ୍ଚ ହେବାକୁ ଯାଉଛି। ୟାମାହା ର ଏହି ବାଇକରେ ହାଇବ୍ରିଡ୍ ଟେକ୍ନୋଲୋଜି ଥିବା ହେତୁ ଏଥିରେ ଇଣ୍ଟିଗ୍ରେଟେଡ୍ ଷ୍ଟାର୍ଟର ଜେନେରେଟର ଫିଚର ମିଳିବ। ଏହାର ସାହାଯ୍ୟରେ ବାଇକ୍ ଇଲେକ୍ଟ୍ରିକ୍ ବୁଷ୍ଟ ସହିତ ଅଧିକ ଆଉଟପୁଟ୍ ମିଳିବ। ୟାମାହା ଏଫ୍‌ଜେଡ୍ ଏକ୍ସ ରେ ଏୟାର-କୁଲ୍ଡ, ୧୪୯ସିସି, ସିଙ୍ଗଲ ସିଲିଣ୍ଡର ଇଞ୍ଜିନ୍ ଲାଗିଛି। ମୋଟରସାଇକେଲରେ ଲାଗିଥିବା ଏହି ଇଞ୍ଜିନ୍ ୧୨.୪ଏଚପିର ପାୱାର ମିଳିଥାଏ ଏବଂ ୧୩.୩ ଏନଏମର ଟର୍କ ଜେନେରେଟ୍ ହୋଇଥାଏ।

ୟାମାହା ଏଫ୍‌ଜେଡ୍ ଏକ୍ସ ରେ କଲର ଟିଏଫଟି ଡିସପ୍ଲେ ରହିଛି, ଯେଉଁଥିପାଇଁ ଏହି ବାଇକରେ ରାଇଡରକୁ କଲ୍ ନୋଟିଫିକେସନ୍ ଆଲର୍ଟ ଏବଂ ମ୍ୟୁଜିକ୍ ପ୍ଲେବ୍ୟାକ୍ କଣ୍ଟ୍ରୋଲର ଫିଚର ପାଇବ। ଏହା ସହିତ ନୂଆ ସୁଇଚଗିୟର ମଧ୍ୟ ମିଳିବ, ଯାହା ଦ୍ୱାରା ବାଇକର ଅନ୍ୟ ସମସ୍ତ ଫିଚର୍ସ କଣ୍ଟ୍ରୋଲ ହୋଇପାରିବ। ଭାରତୀୟ ବଜାରରେ ଉପଲବ୍ଧ ଥିବା ଏହି ବାଇକର ପ୍ରାଇସ୍ ୧.୩୭ ଲକ୍ଷ ଟଙ୍କାରୁ ଆରମ୍ଭ କରି ୧.୪୧ ଲକ୍ଷ ମଧ୍ୟରେ ରହିଛି। କିନ୍ତୁ ନୂଆ ଫିଚର୍ସଗୁଡ଼ିକର ଆଡିସନ୍ ପରେ ଏହି ମୋଟରସାଇକେଲର ପ୍ରାଇସରେ ବୃଦ୍ଧି ହୋଇପାରେ।

ୟାମାହା ଏଫ୍‌ଜେଡ୍ ଏକ୍ସ ରେ ଅପଡେଟ୍ ପାଇବା ସହିତ ଏଫ୍‌ଜେଡ୍-ଏସ୍ କୁ ମଧ୍ୟ ଅପଡେଟ୍ ସହିତ ଅଣାଯାଉଛି। ୟାମାହା ର ଏହି ମୋଟରସାଇକେଲରେ ଗ୍ରେ/ସିଆନ କଲର ଅପ୍ସନରେ ଯୋଡା ଯାଇ ପାରେ ଯାହା ଏମଟି-୧୫ ଏବଂ ଏମଟି-୦୩ରେ ଦେଖାଯିବ।



# ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରବାସୀ ଭାରତୀୟ ଗ୍ରାହକ ସମ୍ମିଳନୀ

ଭୁବନେଶ୍ୱର: ପ୍ରବାସୀ ଭାରତୀୟ ଦିବସ ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଏକ ପ୍ରବାସୀ ଭାରତୀୟ ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରୀଷ୍ଣା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ, କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ ରଜନୀକାନ୍ତ ଭୂୟାଁ, ଭୁବନେଶ୍ୱର ଶାଖାର ସହାୟକ ମହାପ୍ରବନ୍ଧକ ଗୁରୁପ୍ରସାଦ ମିଶ୍ର, ଜୟଦେବ ବିହାର ଶାଖାର ସହାୟକ ମହାପ୍ରବନ୍ଧକ ସୌମ୍ୟରଞ୍ଜନ ବେହେରା ଏବଂ ଏସ୍‌ଏମ୍‌ଇସିସି ଭୁବନେଶ୍ୱରର ସହାୟକ ମହାପ୍ରବନ୍ଧକ ସନ୍ଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ୩୭ ଜଣ ପ୍ରବାସୀ ଭାରତୀୟ ଗ୍ରାହକ ଏଥିରେ ଉପସ୍ଥିତ ଥିଲେ।



## ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ୫ଷ୍ଟାର ର୍‍ୟାଙ୍କିଙ୍ଗ୍

**ଭୁବନେଶ୍ୱର,୧୪।୧:** ଦ୍ୱାରକାରେ ଆୟୋଜିତ ଏକ ସମାବେଶରେ ସିଇଡି ଫାଉଣ୍ଡେଶନ ଦ୍ୱାରା କଟକ ବାରବାଟି ଷ୍ଟାଡିୟମ୍‌ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ କ୍ରମାଗତ ଭାବେ ଷ୍ଟାର ର୍‍ୟାଙ୍କିଙ୍ଗ୍‌ରେ ୫ ଷ୍ଟାର ପ୍ରାପ୍ତ କରିପାରିଛି। ଏ++ ଗାର୍ଡ ସହିତ ପରୀକ୍ଷଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଥିବା ବିଦ୍ୟାଳୟ ଭାବରେ ଏହି ବିଦ୍ୟାଳୟ ସ୍ୱୀକୃତିପ୍ରାପ୍ତ ହୋଇଥିବାବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକଙ୍କ ଦୂରଦୃଷ୍ଟି ଓ ବଳିଷ୍ଠ ନେତୃତ୍ୱରେ ବିଦ୍ୟାଳୟ ଏହି ସଫଳତା ହାସଲ କରିପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ଶ୍ରୀଧର ଶ୍ରୀବାସ୍ତବ, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଦିନେଶ ସିଂହ ଯୋଗଦେଇଥିବାବେଳେ ଡ. ପ୍ରିୟଦର୍ଶୀ ନାୟକ, ଡ. ଏ କେ ଶର୍ମା, ଅନୁଭୂତି ମେହେଟା, ଡ. ଶୁନିଲ ତ୍ରିପାଠି ପ୍ରମୁଖ ଦେଇଥିଲେ। ସେହିପରି କଟକର ସେଣ୍ଟ ଜାଭିୟର ହାଇସ୍କୁଲ ବାରବାଟୀ କ୍ୟାମ୍ପସରୁ ଯୋଗେଶ ବର୍ମା ପିଜିଟି ବାଣିଜ୍ୟ ଭାରତ ଆଇକନିକ ଏଡୁକେଟର୍ ଭାବେ ପୁରସ୍କୃତ ହୋଇଛନ୍ତି। ସୂଚନାଥାଉକି, ଷ୍ଟାର ରାଙ୍କି ପାଇଁ ମୋଟ ୨୩ ଟି ରାଜ୍ୟ ରୁ ୧୪୫୬ ଟି ବିଦ୍ୟାଳୟ ର ଆବେଦନ ପତ୍ର ଗ୍ରହଣ କରାଯାଇ ଥିଲା। ଏଥିରୁ ୧୦୩ଟି ବିଦ୍ୟାଳୟ ନିର୍ବାଚିତ ହୋଇଥିଲେ । ଏ ସମସ୍ତ ବିଦ୍ୟାଳୟ ମଧ୍ୟରେ କଟକ ବାରବାଟି ଷ୍ଟାଡିୟମସ୍ଥିତ ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ୫ ଷ୍ଟାର ର୍‍ୟାଙ୍କିଙ୍ଗ ପାଇବାର ଗୌରବ ଅର୍ଜନ କରିଛି।

## ଆଇଡିବିଆଇ ବ୍ୟାଙ୍କର ନୂତନ ଯୋଜନା

**ନୂଆଦିଲ୍ଲୀ,୧୪।୧:** ଆଇଡିବିଆଇ ବ୍ୟାଙ୍କର ନୂତନ ଯୋଜନା 'ଆଇଡିବିଆଇ ଚିରଞ୍ଜୀବୀ-ସୁପର ସିନିୟର ସିଟିଜେନ ଫିକ୍ସଡ ଡିପୋଜିଟ/ଏଫଡି' ପ୍ଲାନର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ୮୦ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଏଫଡି ଉତ୍ପାଦର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଛି। ସେହିଭଳି ଏହି ପଦକ୍ଷେପ ବ୍ୟାଙ୍କର ଷ୍ଟାଣ୍ଡାର୍ଡ ଫିକ୍ସଡ ଡିପୋଜିଟ ରେଟ ଉପରେ ଅତିରିକ୍ତ ୬୫ ବେସିସ ପଏଣ୍ଟ (ବିପିଏସ୍) ଏବଂ ବରିଷ୍ଠ ନାଗରିକ ହାର ଉପରେ ୧୫ ବିପିଏସ ପ୍ରଦାନ କରୁଛି। ଏପରିକି ଏହି ଅଫରର ମୁଖ୍ୟ ଆକର୍ଷଣଗୁଡିକ ମଧ୍ୟରେ ୫୫୫ ଦିନର କାର୍ଯ୍ୟକାଳ ପାଇଁ ବାର୍ଷିକ ୮.୦୫% ର ସର୍ବୋଚ୍ଚ ସୁଧ ହାର ସାମିଲ ରହିଛି। ସେହିପରି ବ୍ୟାଙ୍କ ୩୭୫ ଦିନ ପାଇଁ ବାର୍ଷିକ ୭.୯୦%, ୪୪୪ ଦିନ ପାଇଁ ବାର୍ଷିକ ୮% ଏବଂ ୭୦୦ ଦିନ ପାଇଁ ବାର୍ଷିକ ୭.୮୫% ସୁଧ ହାର ପ୍ରଦାନ କରୁଛି। ଏ ସମ୍ପର୍କରେ ଆଇଡିବିଆଇ ବ୍ୟାଙ୍କର ଉପପରିଚାଳନା ନିର୍ଦ୍ଦେଶକ ସୁମିତ ଫକ୍କା କହିଛନ୍ତି, ବରିଷ୍ଠ ନାଗରିକଙ୍କ ସ୍ୱତନ୍ତ୍ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା 'ଆଇଡିବିଆଇ ଚିରଞ୍ଜୀବୀ-ସୁପର ସିନିୟର ସିଟିଜେନ ଏଫ୍‌ଡି'କୁ ନିକଟରେ ଉପସ୍ଥାପନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ବ୍ୟାଙ୍କର ଏହି ଅଫର ସମ୍ମାନଜନକ ପିଢ଼ିକୁ ଏକ ସୁରକ୍ଷିତ ଏବଂ ନିରାପଦ ନିବେଶ ବିକଳ୍ପ ପ୍ରଦାନ କରିଥାଏ,ଯାହା ସେମାନଙ୍କ ଆର୍ଥିକ ନିରାପତ୍ତା ଏବଂ ମାନସିକ ଶାନ୍ତିର ଗ୍ୟାରେଣ୍ଟି ହୋଇଥାଏ।

## ସିଆଚିନ୍ ଗ୍ଲେସିୟରରେ ଜିଓ ସେବା

# ୫ଜି ସେବା ପ୍ରଦାନରେ ଦେଶର ପ୍ରଥମ ଅପରେଟର



**ନୂଆଦିଲ୍ଲୀ,୧୪।୧:** ରିଲାଏନ୍ସ ଜିଓ ବିଶ୍ୱର ସବୁଠାରୁ ଉଚ୍ଚ ଯୁଦ୍ଧ କ୍ଷେତ୍ର ସିଆଚିନ ଗ୍ଲେସିୟରରେ ଇଣ୍ଟରନେଟ ସେବା ପହଞ୍ଚାଇବାକୁ ସକ୍ଷମ ହୋଇଛି। ଭାରତୀୟ ସେନାର ଫାୟାର ଆଣ୍ଡ୍ ଫ୍ୟୁରି ଫୋର୍ସ ପକ୍ଷରୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏ ନେଇ ଏକ ପୋଷ୍ଟ ଜରିଆରେ ସୂଚନା ଦିଆଯାଇଛି।

ଜିଓ ଟେଲିକମ ଏବଂ ଭାରତୀୟ ସେନା ମିଳିତ ହୋଇ ବିଶ୍ୱର ସବୁଠାରୁ ଉଚ୍ଚ ଯୁଦ୍ଧକ୍ଷେତ୍ର ସିଆଚୀନ ଗ୍ଲେସିୟରରେ ପ୍ରଥମ ୫ଜି ମୋବାଇଲ ଟାୱାରକୁ ସଫତଳାପୂର୍ବକ ସ୍ଥାପନ କରିଛନ୍ତି। ଏହାକୁ ସିଆଚୀନର ଏକ ପ୍ରଣ୍ଟ ପୋଷ୍ଟରେ ସ୍ଥାପନ କରାଯାଇଛି। ୧୬ ହଜାର ଫୁଟ ଉଚ୍ଚରେ ସ୍ଥାପନ ହୋଇଛି ଏହି ଟାୱାର। ଜାନୁଆରୀ ୧୫ ରେ ସେନା ଦିବସ ଅବ୍ୟବହିତ ପୂର୍ବରୁ ସିଆଚିନ୍ ଗ୍ଲେସିଅରରେ ୪ଜି ଏବଂ ୫ଜି ସେବା ଆରମ୍ଭ କରି ଜିଓ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି। ସିଆଚିନ୍ ଗ୍ଲାସିଅରରେ ସେବା ଆରମ୍ଭ କରିବାରେ ଜିଓ ଦେଶର ପ୍ରଥମ ଅପରେଟର ହୋଇଛି। ଏହାକୁ ଏକ ଉଲ୍ଲେଖନୀୟ ସଫଳତା ଭାବେ ଅଭିହିତ କରି ସେନା ପକ୍ଷରୁ କୁହାଯାଇଛି ଯେ, ଏହି ଅଦମ୍ୟ ସଫଳତା ଆମର ସାହସୀ ସୈନିକମାନଙ୍କ ପାଇଁ ସମର୍ପିତ, ଯେଉଁମାନେ ଆହ୍ୱାନମୂଳକ କଠିନ ପରିସ୍ଥିତିରେ ନିୟୋଜିତ ଥାଇ ଏହି ଆହ୍ୱାନକୁ ସମ୍ପୂର୍ଣ୍ଣ କରିଥିଲେ।

# ନିବେଶକ ହରାଇଲେ ୧୩ ଲକ୍ଷ କୋଟି

**ନୂଆଦିଲ୍ଲୀ,୧୪।୧:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀ ସାଙ୍ଗକୁ ଭାରତୀୟ ଟଙ୍କା ମୂଲ୍ୟ ହ୍ରାସର ପ୍ରଭାବ ଭାରତୀୟ ଷ୍ଟକ ମାର୍କେଟ (ପୁଞ୍ଜି ବଜାର) ଉପରେ ସିଧାସଳଖ ପଡୁଥିବା ଘରୋଇ ଶେୟାର ବଜାରର କାରବାର ଫଳାଫଳରୁ ସ୍ପଷ୍ଟ ବାରି ହେଉଛି। ଏପରିକି ଗତ ସପ୍ତାହର କାରବାର ଓ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ପ୍ରାୟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଥିଲାବେଳେ ଗତ ୪ଟି କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ନିବେଶକ ମୋଟ ୨୫ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଗତ ସପ୍ତାହର ଶେଷ କାରବାର ଫଳାଫଳ ସୁଦ୍ଧା ପୁଞ୍ଜି ବଜାରର ବଜାର ପୁଞ୍ଜି ୪୩୦ ଲକ୍ଷ କୋଟି ଥିଲାବେଳେ ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ (ସୋମବାର)ର ଫଳାଫଳ ଶେଷ ସୁଦ୍ଧା ଶେୟାର ବଜାରର ନିବେଶକମାନେ ପ୍ରାୟ ୧୩ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ପୁଞ୍ଜି ବଜାରର ବଜାର ପୁଞ୍ଜି ୧୩ ଲକ୍ଷ କୋଟି ହ୍ରାସ ପାଇ ୪୧୭ ଲକ୍ଷ କୋଟିରେ ପହଞ୍ଚିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାର ସୋମବାର ବେଶ ପ୍ରଭାବିତ ହୋଇଛି। ଏପରିକି ବିଏସଇ ସେନସେକ୍ସର କାରବାର ପ୍ରାୟ ୧୦୪୯ ପଏଣ୍ଟ ହ୍ରାସ ଘଟି ୭୬,୩୩୦.୦୧ ଅଙ୍କରେ କାରବାର ବନ୍ଦ ହୋଇଥିଲାବେଳେ ନିଫ୍ଟି ୧.୪୭% ହ୍ରାସ ଘଟି ୨୩,୦୮୫.୯୫ ଅଙ୍କରେ କାରବାର ବନ୍ଦ ରହିଥିଲା। ଅପରପକ୍ଷରେ ୩୦ ଶେୟାର ବିଶିଷ୍ଟ ବିଏସଇ ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାର ୪% ଲେଖାଏ ହ୍ରାସ ଘଟିଛି। ଏପରିକି ନିଫ୍ଟି ମିଡକ୍ୟାପର କାରବାର ୪.୦୨% ହ୍ରାସ ଖଟି ୫୨,୩୯୦.୪୦ ଅଙ୍କରେ ବନ୍ଦ ହୋଇଥିଲାବେଳେ ସ୍ମଲକ୍ୟାପର କାରବାର ୩.୮୦% କମି ୮୦୬୮.୨୦ ଅଙ୍କରେ ଶେଷ ହୋଇଥିଲା। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୮୯୨.୯୦ ପଏଣ୍ଟ ହ୍ରାସ ଘଟି ୪୮,୦୪୧.୨୫ଅଙ୍କରେ ବନ୍ଦ ହୋଇଥିଲା।

## ଅନ୍ତର୍ଜାତୀୟ ଶ୍ରମ ସଂଗଠନ ରିପୋର୍ଟ

# ଚୀନ୍‌ଠୁ ଅଧିକ ଖଟୁଛନ୍ତି ଭାରତୀୟ

**ନୂଆଦିଲ୍ଲୀ, ୧୪।୧:** ସପ୍ତାହକୁ ୯୦ ଘଣ୍ଟା କାମ କରିବା ଲାଗି ଏଲ୍‌ଆଣ୍ଡ୍‌ଟିର ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟନ୍ କହିବା ପରେ ତାଙ୍କୁ ବିଭିନ୍ନ ମହଲରୁ କଡ଼ା ସମାଲୋଚନା କରାଯାଉଛି। ଅଳ୍ପ କିଛି ଲୋକ ତାଙ୍କ ସମର୍ଥନରେ ବାହାରିଥିବା ବେଳେ ଅନ୍ୟମାନେ ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ତାଙ୍କୁ କଡ଼ା ନିନ୍ଦା କରୁଛନ୍ତି। ସୁବ୍ରମଣ୍ୟନ୍ ହୁଅନ୍ତୁ କିମ୍ବା ଇନ୍‌ଫୋସିସ୍‌ର ପ୍ରତିଷ୍ଠାତା ଏନ୍ ଆର୍ ନାରାୟଣମୂର୍ତ୍ତି, ରାଷ୍ଟ୍ର ଗଠନ ଲାଗି ଅଧିକ ସମୟ ପରିଶ୍ରମ କରିବା ଜରୁରୀ ବୋଲି ଯୁକ୍ତି କରୁଛନ୍ତି। କିନ୍ତୁ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ତଥ୍ୟ ଅଲଗା କଥା କହୁଛନ୍ତି। ଯେଉଁ ଚୀନ୍ ସହିତ ଭାରତକୁ ତୁଳନା କରାଯାଉଛି ସେହି ଚୀନ୍‌ବାସୀଙ୍କଠାରୁ ଭାରତୀୟମାନେ ଅଧିକ ଖଟୁଛନ୍ତି।

ଶ୍ରମ ସଂଗଠନ ରିପୋର୍ଟ କହୁଛି ଯେ ବିକାଶଶୀଳ ଓ ଉଦୀୟମାନ ଦେଶଗୁଡ଼ିକରେ ଶ୍ରମିକମାନେ ମୁଖ୍ୟତଃ ଅଧିକ ସମୟ ଖଟୁଛନ୍ତି। ଏହା ପଛରେ ଏକ ବଡ଼ କାରଣ ହେଉଛି ଏହି ଦେଶଗୁଡ଼ିକରେ ଘଣ୍ଟା ପିଛା ପାରିଶ୍ରମିକ ଯଥେଷ୍ଟ କମ୍ ରହିଛି ଏବଂ କିଛି ଲୋକ ଅଧିକ ପରିଶ୍ରମ କରି ନିଜ ଆୟ ବଢ଼ାଇବାକୁ ଚାହୁଁଛନ୍ତି। ନିଜର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବା ଲାଗି ଏହି ଦେଶଗୁଡ଼ିକର ଶ୍ରମିକମାନେ ଅଧିକ ପରିଶ୍ରମ କରିବାକୁ ବାଧ୍ୟ ହେଉଛନ୍ତି। ବିକାଶଶୀଳ ଦେଶଗୁଡ଼ିକ ସମ୍ପର୍କରେ ରିପୋର୍ଟରେ ଭିନ୍ନ କଥା କୁହାଯାଇଛି। ଧନୀ ଦେଶଗୁଡ଼ିକରେ ବେତନଭୋଗୀ କର୍ମଚାରୀମାନଙ୍କୁ କାମ କିମ୍ବା ପ୍ରକଳ୍ପ ଶେଷ କରିବାକୁ କୁହାଯାଉଛି। ସେଠାରେ କିଛି ଲୋକ ନିଜ କ୍ୟାରିୟରକୁ ଆଗକୁ ବଢ଼ାଇବା କିମ୍ବା ସଂସ୍ଥା ପ୍ରତି ଅନୁଗତ୍ୟ ପ୍ରଦର୍ଶନ କରିବା ଲାଗି ଲମ୍ବା ସମୟ କାମ କରୁଛନ୍ତି।

# ଓଏମ୍‌ସି ଉଦ୍ୟାନ କୃଷି ଟିମ୍ ଚାମ୍ପିୟନ



**ଭୁବନେଶ୍ୱର,୧୪।୧:** ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଉତ୍ସବରେ ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର ଉଦ୍ୟାନ କୃଷି ଟିମ୍ କ୍ରମାଗତ ଦ୍ୱିତୀୟଥର ଚାମ୍ପିୟନ ଟ୍ରଫି ଜିତିଛି। ଓଏମ୍‌ସିର କ୍ୟାମ୍ପସ -୧ ମଧ୍ୟମ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଜିତିଥିବା ବେଳେ କ୍ୟାମ୍ପସ-୨ ବୃହତ୍ ବର୍ଗ ଉଦ୍ୟାନ ପ୍ରତିଯୋଗିତାରେ ତୃତୀୟ ପୁରସ୍କାର ହାସଲ କରିଛି। ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ର ପକ୍ଷରୁ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ସହଯୋଗରେ ଏକାମ୍ର କାନନ ବଟାନିକାଲ ଗାର୍ଡେନରେ ଏହି ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ସୂଚନାଥାଉକି, ଓଡ଼ିଶା ଖଣି ନିଗମ ବାର୍ଷିକ ପୁଷ୍ପ ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ମୋଟ ୩୭ଟି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛି। ଏଥିମଧ୍ୟରେ ରାଜ୍ୟସ୍ତରୀୟ ଟ୍ରଫି ସହ ସରସ୍ୱତୀ ଦେବୀ ମେମୋରିଆଲ ଟ୍ରଫି, ଦୁଇଟି ପ୍ଲାଣ୍ଟ ଲଭର୍ସ ଆସୋସିଏଶନ ଟ୍ରଫି ଏବଂ ବିଶ୍ୱରଞ୍ଜନ ଦାସ ମେମୋରିଆଲ ଟ୍ରଫି ଆଦି ରହିଛି।

# ରୁଷ୍ ତେଲ କିଣାରୁ ଭାରତର ପଛଘୁଞ୍ଚା



**ନୂଆଦିଲ୍ଲୀ, ୧୪।୧:** ୟୁକ୍ରେନ୍ ସହ ଯୁଦ୍ଧ ପରେ ରିହାତିରେ ତେଲ ବିକ୍ରି କରୁଥିବା ରୁଷ୍‌ଠାରୁ ଭାରତ ବିପୁଳ ଅଶୋଧିତ ତେଲ କିଣୁଥିଲା। କିନ୍ତୁ ନିକଟରେ ଏହା ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି। ଆମେରିକା ଯେଉଁ ସଂସ୍ଥାଗୁଡ଼ିକ ଉପରେ କଟକଣା ଲଗାଇଛି, ସେମାନଙ୍କଠାରୁ ତେଲ ନ କିଣିବାକୁ ଭାରତ ନିଷ୍ପତ୍ତି ନେଇଛି। ରୁଷ୍‌ର ସଂସ୍ଥା ଗାଜପ୍ରମ୍ ନେଫ୍ଟ, ସୁର୍ଗୁଟନେଫ୍‌ଟେଗ୍ୟାଜ୍, ଇନ୍‌ଗୋସ୍‌ଟ୍ରାଖ୍ ଓ ଆଲଫାଷ୍ଟ୍ରାଖୋଭାନି ଗ୍ରୁପ୍ ଉପରେ ଆମେରିକାର ଟ୍ରେଜେରି ବିଭାଗ କଟକଣା ଲଗାଇଛି। ଏହି ସଂସ୍ଥାଗୁଡ଼ିକ ଜରିଆରେ ରୋଜଗାର କରି ସେହି ଅର୍ଥକୁ ୟୁକ୍ରେନ୍ ବିରୋଧ ଯୁଦ୍ଧରେ ରୁଷ୍ ବ୍ୟବହାର କରୁଥିବା ଆମେରିକା ସନ୍ଦେହ କରୁଛି। ରୁଷ୍ ତେଲ ପରିବହନ କରୁଥିବା ୧୮୩ଟି ଜାହାଜ ଉପରେ ମଧ୍ୟ ଆମେରିକା କଟକଣା ଲଗାଇଛି। ତେବେ କଟକଣା ଲାଗୁ ହେବା ପୂର୍ବରୁ ଭାରତ ଯେଉଁ ତେଲ ମଗାଇଛି ତାହା ପହଞ୍ଚିବାରେ ଅସୁବିଧା ହେବନାହିଁ। ଭବିଷ୍ୟତରେ ଭାରତକୁ ନିଜ ରଣନୀତି ବଦଳାଇବାକୁ ପଡ଼ିବ। ଆମେରିକାର କଟକଣା ବିଷୟ ଜଣାପଡ଼ିବା ପରେ ଅଶୋଧିତ ତେଲର ବ୍ୟାରେଲ ପିଛା ଦାମ୍ ୮୧ ଡଲାରକୁ ବୃଦ୍ଧି ପାଇଛି। ଭାରତୀୟ କମ୍ପାନିଗୁଡ଼ିକ ରୁଷ୍ ତେଲକୁ ନେଇ ପୁଣି ଥରେ ମୁଲଚାଲ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ଆମେରିକା, କାନାଡା, ବ୍ରାଜିଲ, ଗୁୟାନା ଓ ଓପେକ୍‌ର ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକରୁ ତେଲ ମଗାଇବା ଉପରେ ଭାରତ ବିଚାର କରୁଛି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

**ରାଜନଗର,୧୪।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜନଗର ବ୍ଲକର ତାଳଚୁଆ ଠାରେ ସରକାରୀ ଯୋଜନାର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚୁଆ ଠାରେ ଥିବା ମାଛଧରା ଜେଠୀ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଜଜ୍ ବିଶ୍ୱଜିତ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସରକାରୀ ଯୋଜନା କିପରି ଗରିବ ଲୋକଙ୍କ ପାଖରେ ପହଁଚିବ ସେ



ନେଇ କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, ଏଡିଏମ ନିଲୁ ମହାପାତ୍ର, ଜିଲ୍ଲା ଲିଗାଲ ସେବା ପ୍ରାଧିକରଣର ସମ୍ପାଦକ ସୁମିତ୍ରା ସାହୁ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଏସିଏଫ ମାନସ କୁମାର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଷ ଚନ୍ଦ୍ର ଗୁଡିଆ, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସରକାରୀ ଯୋଜନା କିପରି ପ୍ରକୃତ ହିତାଧିକାରୀ ଓ ଗରୀବ ଲୋକଙ୍କ ନିକଟରେ ପହଁଚି ପାରିବ, ସେ ନେଇ କହିଥିଲେ।

# ରାତିରେ ଶୋଉଛି ପୁଲିସ, ଆତଙ୍କ ଖେଳାଉଛନ୍ତି ଲୁଟେରା

**କାକଟପୁର/ଅସ୍ତରଙ୍ଗ,୧୪।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ପ୍ରଶାସନ ତରଫରୁ ଲାଗିନାହିଁ ସିସି କ୍ୟାମେରା। କିନ୍ତୁ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ନିଜ ବ୍ୟବସାୟକୁ ସୁରକ୍ଷା ପାଇଁ ସିସି କ୍ୟାମେରା ଲଗାଇଛନ୍ତି। ଯାହା ଫଳରେ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ୨ଟି ବ୍ଲକର ଥିବା ବିଭିନ୍ନ ମନ୍ଦିରରେ ଲୁଟେରାଙ୍କ ଦୌରାତ୍ମ୍ୟ ଆରମ୍ଭ ହୋଇଥିବା ବେଳେ ଲୁଟ ମଧ୍ୟ ବଢ଼ିଚାଲିଛି। ରାତି ପାହିଲେ ଚୋରି। ଲୁଟ ଓ ଛିନତାଇ ଘଟଣା ଶୁଣିବାକୁ ମିଳୁଛି। ହୁଣ୍ଡୀ ଭାଙ୍ଗିବାଠାରୁ ଆରମ୍ଭ କରି ଠାକୁରଙ୍କ ଅଳଙ୍କାର ପର୍ଯ୍ୟନ୍ତ ଲୁଟିଆ ଦଳ ଯୋଜନା ବଦ୍ଧ ଭାବେ ମନ୍ଦିରରେ କଳାକନା ବୁଲାଉଛନ୍ତି। ମାତ୍ର ଅଧିକାଂଶ ମନ୍ଦିର ଚୋରି ଘଟଣାରେ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଟେର ପାଉନି। ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢିଲା ଓ ପୁଲିସ ରାତି କାଳୀନ ପାଟ୍ରୋଲିଂରେ ଅବହେଳା ପାଇଁ ଏଭଳି ଘଟଣା ଦିନକୁ ଦିନ ବଢ଼ିଚାଲିଛି।



ଗତ ୨୦୨୪ନଭେମ୍ବର ଓ ଡିସେମ୍ବର ମାସରେ ଲଗାତାର ଭାବେ ଚୋରି ହୋଇଥିବା ବେଳେ ପୁଲିସ ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଧରି ପାରିନାହିଁ। କାକଟପୁର ଥାନା ଅଞ୍ଚଳ ବାଉରିଆକଣ ମନ୍ଦିର ଷ୍ଟୋର ରୁମ୍‌ରୁ ଚୋରି, ଦିନ ଦ୍ୱିପ୍ରହରରେ ଜିଓଳ ଓ କାକଟପୁରରୁ ମହିଳାଙ୍କ ବେକରୁ ଚେନ ଛିଣ୍ଡାଇ ନେବା, ଅସ୍ତରଙ୍ଗ ଥାନା ଅଞ୍ଚଳରେ କୁଆଁରପୁର ସ୍ଥିତ ଶିବ ମନ୍ଦିର, ନୂଆଗଡ ଥାନା ଝାଡ଼ଲିଙ୍ଗ ମନ୍ଦିରରୁ ଚୋରି ଏହାସହ ରାତିର ଅନ୍ଧାର ସୁଯୋଗ ନେଇ ଲୋକଙ୍କ ଘରେ ପଶି ଲୁଟେରା ଚୋରି କରୁଥିବା ବେଳେ କାକଟପୁର, ଅସ୍ତରଙ୍ଗ ଓ ନୂଆଗଡ ସାମୁଦ୍ରିକ ଥାନା ପୋଲିସ ରାତ୍ରି କାଳୀନ ପାଟ୍ରୋଲିଂ କୋହଳ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଲୁଟ ବୃଦ୍ଧି ଚାଲିଛି ସତ ଅଭିଯୁକ୍ତ ଧରିବାରେ ବିଫଳ ପୋଲିସ।

ମନ୍ଦିର ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନଥିବା, ହୁଣ୍ଡୀ ଓ ଅଳଙ୍କାର ବିନା ସୁରକ୍ଷାରେ ରଖାଯିବା, ମନ୍ଦିର ପାଖରେ ସିସିଟିଭି ଲଗାନଯିବା ଓ ପୁଲିସର ପାଟ୍ରୋଲିଂ ଢିଲା ହେବା ଘଟଣାଲୁଟେରାଙ୍କ ପାଇଁ ପୁରା ଅନୁକୂଳ ପରିସ୍ଥିତି ସୃଷ୍ଟି କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ମନ୍ଦିର ଲୁଟେରା ଗ୍ୟାଙ୍ଗ ଧରା ନ ପଡିବାରୁ ବାରମ୍ବାର ଏଭଳି ଲୁଟପାଟ କରିଚାଲିଛନ୍ତି। ପ୍ରଶାସନ ତରଫରୁ ସିସି କ୍ୟାମେରା ଲଗାଇ ସୁରକ୍ଷା ବ୍ୟବସ୍ଥା କରିବା ଆବଶ୍ୟକ। ଯାହାକି କିଛି ମାତ୍ରାରେ ଅପରାଧ ରୋକିବାରେ ଏହା ସହାୟକ ହୋଇପାରିବ। ପୁଲିସ ପ୍ରଶାସନ ତରଫରୁ ଥାନା ଗୁଡିକୁ ପାଟ୍ରୋଲିଂ ପାଇଁ ଗାଡି ଦିଆହୋଇଥିଲେ ମଧ୍ୟ ରାତିର ଅନ୍ଧକାରରେ ନିଘୋଡ଼ ନିଦରେ ସୋଇଯାଉଛି ପୁଲିସ। ଯାହାର ସୁଯୋଗ ନେଇ ଲୁଟ କରିଚାଲିଛନ୍ତି ଲୁଟେରା। ଏ ନେଇ ପୁଲିସ କଡା ସୁରକ୍ଷା ବନ୍ଦୋବସ୍ତ କରିବାକୁ ଦାବି ହେଉଛି।

# ପୁଷପୁନୀ ମହୋତ୍ସବ ଏକ ଭାଇଚାରାର ପର୍ବ

## ଢେମସା, ଦୁରୁଆ, ସମେତ ପାରମ୍ପରିକ ନୃତ୍ୟରେ ଦୁଲୁକିଲା ମୁଖ୍ୟ ରାସ୍ତା

**ବୋରିଗୁମ୍ମା,୧୪।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଠାରେ ବୋରିଗୁମ୍ମା ଲୋକ କଳା ପରିଷଦ ଓ କଳାକାର ମଞ୍ଚ ଦ୍ୱାରା ଆୟୋଜିତ ପୁଷପୁନୀ ମହୋତ୍ସବ ୨୦୨୫ ସୋମବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ଆଦିବାସୀ ଓ ଜନଜାତିଙ୍କ ପାରମ୍ପରିକ ସଂସ୍କୃତି, ନୃତ୍ୟ ଓ ବେଶଭୁଷାକୁ ନେଇ ପୌଷ ମାସରେ ପୁଷପୁନି ପର୍ବ ଆୟୋଜିତ ହୋଇଥାଏ। ତେଣୁ ଏହି ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବା ଉଦ୍ଦେଶ୍ୟରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଦଶହରା ମଣ୍ଡପରେ ବିଭିନ୍ନ ନୃତ୍ୟ ଓ ସଂଗୀତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ।



ସଂଧ୍ୟା ୫ଟା ସମୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ପଟୁଆର ଶୋଭାଯାତ୍ରା ବାହାରିଥିଲା। ବୋରିଗୁମ୍ମା ବ୍ଲକର ସ୍ଥାନୀୟ ଓ ଗ୍ରାମାଞ୍ଚଳରୁ ଆସିଥିବା କଳାକାରମାନେ ବିଭିନ୍ନ ବେଶଭୁଷାରେ ସଜ୍ଜିତ ହୋଇ ଏଥିରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସହରର ମୁଖ୍ୟରାସ୍ତା ଦେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପାର୍ଶ୍ୱ ଦଶହରା ମଣ୍ଡପରେ ପହଞ୍ଚିଥିଲା। ଗ୍ରାମାଞ୍ଚଳରୁ ଆସିଥିବା ଢେମସା, ଦୁରୁଆ ଓ ସ୍ଥାନୀୟ ଲୋକ ନାଚ ଏବଂ ବାଜାବାଜଣାରେ ମୁଖ୍ୟ ରାସ୍ତା ଦୁଲୁକିଥିଲା। ଏଥିରେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦିବାସୀଙ୍କ କଳା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏହି ପୁଷପୁନି ମହତ୍ସବ ମଞ୍ଚ ଏକ ମାଧ୍ୟମ ଏବଂ ଏହି ପୁଷପୁନି ମଞ୍ଚ ମାଧ୍ୟମରେ ହିଁ ଆଦିବାସୀ ପରମ୍ପରା ଓ ସମସ୍ତ ଲୁକାୟିତ ପ୍ରତିଭା ଲୋକଲୋଚନକୁ ଆସି ପହଞ୍ଚି ପାରୁଛି ବୋଲି କହିଥିଲେ

# ପୁଡାପାଲିରେ ରକ୍ତଦାନ ଶିବିର

**ଭେଡେନ,୧୪।୧ (ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ଅନ୍ତର୍ଗତ ପୁଡାପାଲି ଗ୍ରାମରେ ପବିତ୍ର ମକରସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମକର ଉତ୍ସବ ଅବସରରେ ମା' ମାହେଶ୍ୱରୀ ସେନା ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲୁହାଖଣ୍ଡି ଗ୍ରାମପଞ୍ଚାୟତର ସରପଞ୍ଚ ମୀରା ମହାକୁର, ସମିତି ସଭ୍ୟା ପଙ୍କଜିନୀ ପଶାୟତ, ଡୁମାଲ ପରିଷଦ, ବରଗାଁ କେନ୍ଦ୍ର ସଭାପତି ଧ୍ୱଜରାଜ ମହାକୁର ଓ ରାଜ୍ୟ ପରିଷଦ ସଭ୍ୟ ଜିତେନ୍ଦ୍ରିୟ ବେହେରାଙ୍କ ଉପସ୍ଥିତିରେ ଶିବିରଟି ଉଦଘାଟିତ ହୋଇଥିଲା। ପଦମପୁର ରକ୍ତଭଣ୍ଡାରର ଡାକ୍ତର, ଟେକନିସିଏନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତଦାନ ଶିବିରରେ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରରେ ୬ଜଣ ମହିଳା ଓ ୩୫ଜଣ ପୁରୁଷଙ୍କ ସହିତ ମୋଟ ୪୧ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ରକ୍ତଦାନ ଶିବିରରେ ମା' ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ଓ ପୁଡାପାଲି ଗ୍ରାମବାସୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।



# ବିଶ୍ୱଶାନ୍ତି ମହାଯଜ୍ଞରେ ବାଗେଶ୍ୱର ବାବାଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର,୧୪।୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସ୍ଥିତ ବିବେକ ବିହାର ପଡିଆରେ ଆୟୋଜିତ ନବକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ବର୍ଣ୍ଣାଢ଼୍ୟ ସମ୍ଭାରରେ ସମାହିତ ହୋଇଛି । ପବିତ୍ର ମକର ସଂକ୍ରାନ୍ତି ପର୍ବରେ ଏହି ଯଜ୍ଞ ସମ୍ଭାର ପୂର୍ଣ୍ଣାହୁତି ହୋଇଯାଇଛି। ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞରେ ବାଗେଶ୍ୱର ଧାମର ପୂଜ୍ୟ ଗୁରୁଜୀ ଧୀରେନ୍ଦ୍ର କ୍ରିଷ୍ଣା ଶାସ୍ତ୍ରୀ (ବାଗେଶ୍ୱର ବାବା) ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ପୂଜ୍ୟ ଗୁରୁ ବାଗେଶ୍ୱର ବାବାଙ୍କୁ ମା'ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ ପୂଜା କମିଟି ତରଫରୁ ଆନୁଷ୍ଠାନିକ ଭାବେ ପୁଷ୍ପମାଲ୍ୟ ସହ ଚନ୍ଦନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।



ଏଥିରେ ଟ୍ରଷ୍ଟି ଲକ୍ଷ୍ମୀନୃସିଂହ ପଣ୍ଡା, ଓ ସଂଯୋଜକ କମଲ ପଣ୍ଡା ଙ୍କ ନେତୃତ୍ୱରେ ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଜୋତିର୍ବିଦ ଦୀପକ ଦାଶ, ସହ ସଂଯୋଜକ-ତୁଷାର ଶତପଥୀ, ଶିବରାମ ନାୟକଙ୍କ ଦ୍ୱାରା ବିଶାଳ ଧରଣର ପୁଷ୍ପ-ମାଲ୍ୟହାର ସହ ମା' ରାମଚଣ୍ଡୀଙ୍କ ପଟ୍ଟଚିତ୍ର, ଖଣ୍ଡୁଆ ପାଟ ଦେଇ ଗୁରୁଜୀଙ୍କୁ ସମର୍ପଣ କରିବା ପୂର୍ବକ ସମ୍ବର୍ଦ୍ଧନା କରି ଗୁରୁଜୀଙ୍କ ଠାରୁ ଆଶ୍ରିର୍ବାଦ ଲାଭ କରିଥିଲେ । ପୂଜା କମିଟି ର ସଭାପତି ଅଜୟ କୁମାର ନାୟକ ଓ ଦିବାକର ନାୟକଙ୍କ ନେତୃତ୍ୱ ରେ ୫୧ ଜଣିଆ ପୂଜା କମିଟି ସଦସ୍ୟ ମାନଙ୍କ ଦ୍ୱାରା ହଜାର ହଜାର ଭକ୍ତ ମାନଙ୍କୁ ସମ୍ପୂର୍ଣ୍ଣ ସେବା ଦିଆଯାଇଥିଲା । ଏନେଇ ବିଭିନ୍ନ ମହଲରେ କମିଟି ନେତୃବର୍ଗଙ୍କୁ ସାଧୁବାଦ ଜଣାଯାଇଛି।

# ବିଦ୍ୟାଳୟରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାୟଗଡା,୧୪।୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲାର ସେବାଶ୍ରମ ମାନଙ୍କରେ ଆଉ ସୁରକ୍ଷିତ ନାହାଁନ୍ତି ଛାତ୍ରଛାତ୍ରୀ । କାରଣ ଜିଲ୍ଲାରେ ଏଭଳି ଘଟଣା ବାରମ୍ବାର ସେବାଶ୍ରମ ମାନଙ୍କୁ ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ ଏବଂ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଏହାକୁ ରୋକିବାରେ ଫେଲ ମାରିଛି । ସେହିଭଳି ଏକ ଘଟଣା ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅର୍ନ୍ତଗତ ଗତିଗୁଡା ଆବାସିକ ଆଶ୍ରମ ବିଦ୍ୟାଳୟରେ ସୋମବାର ଦିନ ଦେଖିବାକୁ ମିଳିଛି । ଉକ୍ତ ସେବାଶ୍ରମରେ ଅଧ୍ୟୟନ



କରୁଥିବା ଦଶମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ଅବସ୍ଥାରେରେ ମୃତଦେହ ଅପରାହ୍ନ ପ୍ରାୟ ୩ଟା ସମୟରେ ହଷ୍ଟେଲ ଗୃହରୁ ଉଦ୍ଧାର ହୋଇଛି। ମୃତ ଛାତ୍ରର ନାମ ସୁଜିତ କରକରିଆ (ବବଲୁ) ଓ ସେ କୁଲିଗ୍ରାମର ମୋହନ ରାଓ କରକରିଆ ଭାନୁମତୀ କରକରିଆଙ୍କ ପୁଅ ବୋଲି ଜଣାପଡିଛି । ଘଟଣାସ୍ଥଳରେ ବିଷମକଟକ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

# ଡମଣୀ ପୀଠରେ ମକର ମେଳା

**ଟାଙ୍ଗୀ-ଚୌଦ୍ୱାର,୧୪।୧ (ସଂଚାର ବ୍ୟୁରୋ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବେରେଣା ଗ୍ରାମ ନିକଟ ପାହାଡ଼ ଓ ଜଙ୍ଗଲଘେରା ପରିବେଶରେ ପୂଜା ପାଉଥିବା ବନଦେବୀ ମା'ଡମଡମଣି ପୀଠରେ ମକର ମେଳା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି।ମଙ୍ଗଳବାର ସକାଳୁ ମା'ଙ୍କ ପୂଜାର୍ଚ୍ଚନା ତଥା ମାନସିକ ପୂରଣ ପାଇଁ ମାନସିକଧାରୀଙ୍କ ସମାଗମ ପୀଠକୁ ଚଳଚଞ୍ଚଳ କରିଦେଇଥିଲା। ପ୍ରାତ ସମୟରୁ ମା ଡମଡମଣୀ ଓ ବନଦେବୀ ମା ବନଦୁର୍ଗାଙ୍କର ନାନା ପୂଜାବିଧି ସହିତ ପୀଠରେ ସାରାଦିନ ବ୍ୟାପି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା।



ଯଜ୍ଞରେ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆହୁତି ଦେବା ସାହିତ ମା ଙ୍କ କୃପା ଲାଭ କରିଥିଲେ। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଯୁବ ନେତା ଅଭୟ ବାରିକ ପ୍ରମୁଖ ପୀଠକୁ ଆସି ମାଙ୍କ ବିଭୁକୃପା ଲାଭ କରିଥିଲେ। ମା ଡମଡମଣୀ ଓ ବନଦୁର୍ଗା ପରିଚାଳନା ସମିତି ତରଫରୁ ସୂଚନାକେନ୍ଦ୍ର ଖୋଲାଯିବା ସହିତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆ ଯାଇଥିଲା। ଦରଦୀ ବନ୍ଧୁ ସେବା ସଂଗଠନ ତରଫରୁ ଜଳଦାନ ବ୍ୟବସ୍ଥା କରାଯାଇଥିଲା। ପାହାଡ଼ ଜଙ୍ଗଲ ଘେରା ଏହି ପୀଠ ଅଞ୍ଚଳ ହାତୀମାନଙ୍କ ବାସସ୍ଥାନ ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗର ବହୁ ସଂଖ୍ୟକ ଅଧିକାରୀ ଓ କର୍ମଚାରୀ ପୀଠ ଚତୁର୍ପାଶ୍ୱରେ ଜଗିରହିଥିଲେ।

# ଉଦ୍‌ଯାପିତ ହେଲା ଯୁବ ମହୋତ୍ସବ ମହକ



**ଦଶପଲ୍ଲା,୧୪।୧ (ସଂଚାର ବ୍ୟୁରୋ):** ଦଶପଲ୍ଲାର ସାମାଜିକ ଯୁବ ଅନୁଷ୍ଠାନ ସୀତାରାମ ୟୁଥ କ୍ଲବ ଦ୍ୱାରା ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦଙ୍କ ୧୬୨ ତମ ଜନ୍ମ ଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ୩ ଦିନ ବ୍ୟାପି ଦଶପଲ୍ଲା ଯୁବ ମହୋତ୍ସବ ମହକ ଉଦଯାପିତ ହୋଇଯାଇଛି। ଏହାର ପ୍ରଥମ ଦିନରେ ସ୍ଥାନୀୟ ମହାବୀର ମନ୍ଦିର ଠାରୁ ଦେଶର ଯବାନ ମାନଙ୍କ ଉଦ୍ଦେଶ୍ୟରେ ୪୦୦ ମିଟର ଲମ୍ବର ଏକ ତ୍ରିରଙ୍ଗା ଶୋଭା ଯାତ୍ରା ବାହାରି ମହକ ମଇଦାନ ଠାରେ ପହଁଚି ଥିଲା।

ଏହି ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବିଶିଷ୍ଟ ଅତିଥି, ସମାଜସେବୀ ଓ ବ ହୁ ଛାତ୍ରିଛାତ୍ର ସାମିଲ ହୋଇଥିଲେ। ଅନ୍ୟଦିନ ମାନଙ୍କରେ ସଭାକାର୍ଯ୍ୟରେ ବହୁ ମାନୀଗନ୍ୟ ବ୍ୟକ୍ତି ମାନେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ, ଚିନ୍ତାଧାରା ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ଶେଷ ଦିନରେ ସନ୍ଧ୍ୟା ସମୟରେ ପ୍ରାୟୋଜିତ ଏକ ସଭାରେ ଅନୁଷ୍ଠାନର ସଭାପତି ଶ୍ରୀକାନ୍ତ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ବେହେରାଙ୍କ ସମେତ ମୁଖ୍ୟ ବକ୍ତା ଭାବେ ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନ ୟାଗଡ଼ ଓ ଉପଦେଷ୍ଟା ଶ୍ରୀ ତ୍ରିନାଥ ସାହୁ ପ୍ରମୁଖ ଯୋଗଦେଇ ଦଶପଲ୍ଲାର ଛେନାପୋଡ଼କୁ ରାଜ୍ୟ ସ୍ତରୀୟ ମାନ୍ୟତା ପ୍ରଦାନ ଉପରେ ଗୁରୁତ୍ୱ ଆରୋପ କରିବା ସହ ବିଭର୍ଣ୍ଣ ପ୍ରତିଯୋଗିତାରେ କୃତକାର୍ଯ୍ୟ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ସ୍ମାନିତ କରିବା ସହ ବିଭର୍ଣ୍ଣ କ୍ଷେତ୍ରରେ କ୍ଷାତିଲାଭ କରିଥିବା ବ୍ୟକ୍ତି ଓ ସଂଗଠନ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କଳାହାଣ୍ଡି ଉତ୍ସବ

# ସାଇକେଲ ଚାଳନା ପ୍ରତିଯୋଗିତା

**କଳାହାଣ୍ଡି,୧୪।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଉତ୍ସବ ଅବସରରେ ପୁରୁଷ ଓ ମହିଳା ମାନଙ୍କ ଦ୍ରୁତ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ ବ୍ଲକ ବେହେରା ପଡିଆ ରୁ ଧର୍ମଗଡ କଳାହାଣ୍ଡି ଉତ୍ସବ ପଡିଆ ପର୍ଯ୍ୟନ୍ତ ଦୀର୍ଘ ୨୦ କିମି ରାସ୍ତା ଉପରେ ପୁରୁଷ ମାନଙ୍କ ଦ୍ରୁତ ସାଇକେଲ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉତ୍ସବ କମିଟି ଅଧ୍ୟକ୍ଷ ତଥା ଧର୍ମଗଡ ଉପ ଜିଲ୍ଲାପାଳ ଧିମାନ ଚକମା ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ, ଡ. ମୋନିକା ପରଶିରା, ଅର୍ଥ କମିଟି ଉପାଧ୍ୟକ୍ଷ ଇଙ୍ଗିତ ପଣ୍ଡା, କ୍ରୀଡା କମିଟି ଅଧ୍ୟକ୍ଷ ସନ୍ତୋଷ ପାଣିଗ୍ରାହୀ,ବିଧାୟକ ପ୍ରତିନିଧି ହିମାଂଶୁ ପଣ୍ଡା, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ମହାବିଦ୍ୟାଳୟ ଅଧକ୍ଷ ନିର୍ମଳ ନାଏକ, ତେଣ୍ଡା ପାଲି ସରପଞ୍ଚ ଗୌଲୋଚନ ଗୋପାଲ, ପୂର୍ବତନ ଜିଲ୍ଲା ପଞ୍ଚାୟତ ଅଧିକାରୀ ଧର୍ମାନନ୍ଦ ସେଠୀଆ, ପାର୍ଲା ସରପଞ୍ଚ ବ୍ରିଜ ଲାଲ ନାଏକ, କ୍ଷିରୋଦ ବାଗ, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।



ପୁରୁଷ ସାଇକେଲ ଚାଳନା ପ୍ରତିଯୋଗିତାରେ ଜୁନାଗଡ ବ୍ଲକ ଖଲିଆ ପାଲି ଗ୍ରାମର କୃପାସିନ୍ଧୁ ଖରସେଲ, ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମିର୍ଜା ପୁର ଗ୍ରାମ ର କବିଧାନନ୍ଦ ସୁନାନୀ ଓ ରମେଶ ନାଗ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଥିଲେ। ସେହିପରି ମହିଳାମାନଙ୍କର ଦ୍ରୁତ ସାଇକେଲ ଚାଳନା ପ୍ରତିଯୋଗିତା ପର୍ଲା ହଇସ୍କୁଲ ପଡ଼ିଆ ଠାରୁ ଉତ୍ସବ ପଡିଆ ପର୍ଯ୍ୟନ୍ତ ୧୨ କିମି ରାସ୍ତା ଉପରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପର୍ଲା ହାଇସ୍କୁଲର ଛାତ୍ରୀ ସଂଯୁକ୍ତା ଗୋପାଲ ପ୍ରଥମ, ବୃନ୍ଦାବତୀ ଗୋପାଲ ଦ୍ୱିତୀୟ ଓ ବଡ଼ ବସୁଲର ଯୁଗମଣି ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ ।

# ଅଲିଭ ରିଡ଼ଲେଙ୍କ ମିଳନ ପ୍ରକ୍ରିୟା ଆରମ୍ଭ

**ବ୍ରହ୍ମପୁର,୧୪।୧ (ସଂଚାର ବ୍ୟୁରୋ):** ବିରଳ ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ମୁହାଁଣ ଅଂଚଳ ସମୁଦ୍ରରେ ଯୋଡ଼ା ଯୋଡ଼ା ହୋଇ ଭାଷମାନ ଅବସ୍ଥାରେ କଇଁଛ ମାନଙ୍କୁ ଦେଖିବାକୁ ମିଳୁଛି। ପାଗର ଅନୁକୂଳ ଅବସ୍ଥା ଆସିଲେ ଅର୍ଥାତ୍ ଦକ୍ଷିଣା ପବନ ବୋହିଲେ କଇଁଛଙ୍କ ଅଣ୍ଡା ଦାନ ପର୍ବ ପ୍ରକ୍ରିୟା ଆରମ୍ଭ ହେବା ନେଇ ବିଶେଷଜ୍ଞ ମାନେ ମତ ଦେଇଛନ୍ତି। ବର୍ତ୍ତମାନ ଏହି ମିଳନ ପ୍ରକ୍ରିୟାକୁ ନେଇ ବନ ବିଭାଗ, ପରିବେଶବିତଙ୍କ ମଧ୍ୟରେ ଅଧିକ ଉତ୍ସାହ ପ୍ରକାଶ ପାଇଛି । ବନ ବିଭାଗ ପକ୍ଷରୁ ଋଷିକୂଲ୍ୟା ମୁହାଣ ଅଞ୍ଚଳରେ କଡା ସୁରକ୍ଷା ବ୍ୟବସ୍ଥା ସହ ତଦାରଖ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, କୂଳ ଠାରୁ ପ୍ରାୟ ପାଞ୍ଚରୁ ସାତ କିମି ଦୂରରେ ଡିସେମ୍ବରରୁ ଜାନୁଆରୀ ଶେଷ ବେଳକୁ ବହୁ ସଂଖ୍ୟାରେ ସାମୁଦ୍ରିକ କଇଁଛଙ୍କ ମିଳନ ପ୍ରକ୍ରିୟା ସମୁଦ୍ର ମଧ୍ୟରେ ଦେଖିବାକୁ ମିଳିଥାଏ । ୨୦୨୨ରେ ୫ଲକ୍ଷ, ୨୦୨୩ ରେ ୬ ଲକ୍ଷ ୩୭ ହଜାର କଇଁଛ ଅଣ୍ଡା ଦେଇଥିଲେ। କିନ୍ତୁ ୨୦୨୪ରେ କୌଣସି କାରଣରୁ କଇଁଛ ଅଣ୍ଡା ଦେବାକୁ ଆସିନଥିଲେ। ୨୦୨୫ରେ କଇଁଛ ମାନେ ବହୁ ମାତ୍ରାରେ ଅଣ୍ଡା ଦେବେ ବୋଲି ସମସ୍ତେ ଆଶାବାଦୀ ରହିଛନ୍ତି । ତେବେ ଏହି ବିରଳ ଅଲିଭ ରିଡଲେ ବାହାର ଦେଶରୁ ଆସିଥାନ୍ତି । ଏଠାକାର ପରିବେଶ ସେମାନଙ୍କୁ ସୁହାଇ ଥାଏ । ସେମାନଙ୍କ ସୁରକ୍ଷିତ ଆଗମନ ସହ ପ୍ରଜ୍ଜନ ଓ ଗଣ ଅଣ୍ଡାଦାନ ପାଇଁ ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଣ ଏକ ସୁରକ୍ଷିତ ସ୍ଥାନ ରହିଥାଏ । ଏହାକୁ ଦୃଷ୍ଟିରେ ରଖି ଏନେଇ ଚଳିତ ମାସ ୧ ତାରିଖରୁ ମେ ୩୧ ପ୍ରର୍ଯ୍ୟନ୍ତ, ଏହି ୫ ମାସ ଗଞ୍ଜାମ ଋଷିକୁଲ୍ୟା ଉପକୂଳ ସମୁଦ୍ରରେ ମତ୍ସ୍ୟଜୀବିଙ୍କୁ ମାଛ ଧରିବାକୁ ବାରଣ କରାଯାଇଛି। ଗଞ୍ଜାମ ଋଷିକୁଲ୍ୟା ମୁହଣା ସମୁଦ୍ର ନିକଟ ଆର୍ଯ୍ୟପଲ୍ଲୀ ଠାରୁ ପ୍ରୟାଗି ପ୍ରର୍ଯ୍ୟନ୍ତ ଏହି ୨୦ କିମିକୁ ନୋ ଫିସିଂ ଜୋନ ଭାବେ ଘୋଷଣା କରାଯାଇଥାଏ । ଏହି ସମୟରେ ଅଲିଭ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟା ହୋଇଥାଏ ।



# ଆଜିଠାରୁ ମିତ୍ରଭାନୁ ବଗର୍ତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ସୋନପୁର,୧୪।୧ (ସଂଚାର ବ୍ୟୁରୋ):** ସୋନପୁର ସଦର ବ୍ଲକର ବିଶିମୁଣ୍ଡା ପଞ୍ଚାୟତ ଖେଳ ପଡ଼ିଆ ଠାରେ ୧୫ ଜାନୁୟାରୀରୁ ଆରମ୍ଭ ହୋଇ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ପ୍ରଥମ ମିତ୍ରଭାନୁ ବଗର୍ତି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାର ୧୬ଟି ଦଳ ଭାଗ ନେବେ। ଜାନୁୟାରୀ ୧୫ ତାରିଖ ଦିନ ୧୧ଟାରେ ପ୍ରଥମ ମ୍ୟାଚ ତଥା ଉଦଘାଟନି ମ୍ୟାଚ ମଲ୍ଲିକମୁଣ୍ଡା ଓ ଡୁଙ୍ଗୁରିପାଲି ମଧ୍ୟରେ ଖେଳ ଆରମ୍ଭ ହେବ। ପରେ ସମୟ ୧ଟାରେ ଖାରି ଓ ବିଶିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ୧୬ ତାରିଖ ଦ୍ୱିତୀୟ ଦିନରେ ୧୧ଟାରେ ସକମା ଏବଂ ସେଲେଡି ମଧ୍ୟରେ ହେବ। ପରେ ଦିନ ୧ଟା ସମୟରେ କେନ୍ଦୁମୁଣ୍ଡା ଓ ଖମ୍ବେଶ୍ୱରୀପାଲି ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ତୃତୀୟ ଦିନରେ ୧୭ ତାରିଖ ଦିନ ୧୧ଟାରେ ମାହାଦେବପାଲି ଓ ଜୁନାନି ଓ ଦିନ ୧ଟା ସମୟରେ ପାଣ୍ଡକିଟାଲ ଓ ବାଇଗଣଜୁରୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଚତୁର୍ଥ ଦିନ ୧୧ଟାରେ ବାଲଜୁରୀ ଓ ଗବଜର ମଧ୍ୟରେ ହେବ । ସେହିପରି ଦିନ ୧ଟାରେ ଲଛୀପୁର ଏବଂ ଲୁକାପଡା ମଧ୍ୟରେ ଅନୁଷ୍ଠିତ ହେବ। ସେମିଫାଇନାଲ ଏବଂ ଫାଇନାଲ ୧୯ ତାରିଖରେ ହେବ। ସ୍ୱର୍ଗତ ମିତ୍ରଭାନୁ ବଗର୍ତି ଜଣେ ବିଶିମୁଣ୍ଡା ପଞ୍ଚାୟତର ସମାଜସେବୀ ଏବଂ ଜଣେ ଉଚ୍ଚ କୋଟିର ଜ୍ଞାନୀ ଚାଣକ୍ୟ ରାଜନେତା ଭାବେ ପରିଚିତ ଥିଲେ।

# ବୈଶିଙ୍ଗା, କେନ୍ଦୁଆରେ ପାନୀୟଜଳ ସଙ୍କଟ, କର୍ତ୍ତୃପକ୍ଷଙ୍କ ନିଘା ନାହିଁ

**ବୈଶିଙ୍ଗା,୧୪।୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର କେନ୍ଦୁଆ ବଜାର ଉପକଣ୍ଠ ଡାକ୍ତରଖାନା ନିକଟରେ ପନ୍ଦର ବର୍ଷ ପୂର୍ବେ କେନ୍ଦୁଆ ଓ ବୈଶିଙ୍ଗା ଗ୍ରାମର ଜନସାଧାରଣଙ୍କ ପାନୀୟ ଜଳ ସଙ୍କଟର ସମାଧାନ ନିମନ୍ତେ ଏକ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣିଟାଙ୍କି ନିର୍ମିତ ହେବା ସହିତ ପାଇପ୍ ଲାଇନ ମଧ୍ୟ ସଂଯୋଗ ଦିଆଯାଇଛି। ମାତ୍ର ଟାଙ୍କିକୁ ପାଣି ଯାଉ ନାହିଁ, ସିଧାସଳଖ ପାଣି ପମ୍ପରୁ ପାଇପ ଲାଇନ ସହିତ ସଂଯୋଗ କରି ଜଳଯୋଗାଣ ଚାଲିଛି। ପାଣି ଚାଲିଛି ସତ କିନ୍ତୁ କୌଣସି କାରଣରୁ ବିଦ୍ୟୁତ ବିଭ୍ରାଟ ହେଲେ ଜଳ ଯୋଗାଣ ବନ୍ଦ ରହୁଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ବଜାର ଅଞ୍ଚଳରେ ପିଇବା ପାଣିର ଆବଶ୍ୟକତା ମଧ୍ୟ ବଢ଼ିଯାଇଥାଏ। ତେବେ ବିଜୁଳି ଯୋଗାଣ ବନ୍ଦ ରହିଥିବା ସମୟରେ ଜଳଯୋଗାଣ ବନ୍ଦ ହୋଇଯାଉଥିବା ଯୋଗୁଁ ପାଣି



ଟ୍ୟାପ୍ ନିକଟକୁ ପାଣି ବୋତଲ ଧରି ଯାଇଥିବା ଲୋକେ ନିରାଶରେ ଫେରି ଆସୁଥିବା ଲକ୍ଷ୍ୟ କରାଯାଉଛି। ବସଷ୍ଟାଣ୍ଡରେ ଦୀର୍ଘ ସମୟ ଧରି ପିଲାଛୁଆଙ୍କୁ ଧରି ବସ୍ ଅପେକ୍ଷାରେ ଥିବା ଯାତ୍ରୀ ମାନଙ୍କୁ ମଧ୍ୟ ଠିକ୍ ସମୟରେ ପାଣି ଟୋପାଏ ମିଳୁନାହିଁ। ହେଲେ ଅନ୍ୟ ପକ୍ଷରେ କେତେକ ଯାଗାରେ ମୂଖ୍ୟ ପାଇପ୍ ଲାଇନ ଫାଟିଯାଇ ପ୍ରଚୁର ମାତ୍ରାରେ ପିଇବା ପାଣି ଡ୍ରେନରେ ବହି ଯାଉଥିବା ମଧ୍ୟ ଦେଖିବାକୁ ମିଳୁଛି। ଏ ବାବଦରେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରୁ ନାହିଁ।

ଏଭଳି ଜଳସଙ୍କଟ ସ୍ଥିତିରେ ବେତନଟୀ ସ୍ଥିତ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗର ଉପଖଣ୍ଡ ଅଧିକାରୀ ଶୁଭସ୍ମିତା ଖମାରୀଙ୍କୁ ପଚାରିବାରୁ ଏହା ଗ୍ରାମପଞ୍ଚାୟତ ଅଧିନରେ ଆସୁଥିବା ଯୋଗୁଁ କେନ୍ଦୁଆ ସରପଞ୍ଚ ଏଦିଗରେ ପଦକ୍ଷେପ ନେଇପାରିବେ ବୋଲି କହି ନିଜ ଦାୟିତ୍ୱକୁ ଏଡ଼ାଇ ଯାଇଥିଲେ। ଅନ୍ୟ ପକ୍ଷରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସୂତାରଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରି ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଲୋକଙ୍କ ସମସ୍ୟା ସମାଧାନ ହେବାକୁ କେତେ ସମୟ ଲାଗିବ ତାହା ଦେଖିବାକୁ ବାକି ରହିଲା।